ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୬୧
୧୮ ନଭେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 161
18th November, 2025 Tuesday
Bhubaneswar

ODISHA EXPRESS — SIGHTS TRUTH WRITES TRUTH — ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ଇତର କର୍ମଫଳାନି ଯଦୃଚ୍ଛୟା, ବିଲିଖିତାନି ସହେ ଚତୁରାନନ
ଅରସିକେଷୁ କବିତ୍ୱ ନିବେଦନଂ, ଶିରସି ମା ଲିଖ ମା ଲିଖ ମା ଲିଖ**

ହେ ବିଧାତା, ମୋ କପାଳରେ ଯାହା ଇଚ୍ଛା ତାହା କର୍ମଫଳ ଲେଖ ସେଥିରେ ମୋର ଆପତ୍ତି ନାହିଁ । ମାତ୍ର ଅରସିକ ଲୋକ ନିକଟରେ କବିତ୍ୱ ନିବେଦନ ଭଳି କର୍ମଫଳ ମୋ କପାଳରେ ଲେଖ ନାହିଁ ।

# ଶେଖ୍ ହସିନାଙ୍କୁ ଫାଶୀ ଦଣ୍ଡ

**ନୂଆଦିଲ୍ଲୀ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶର ଅନ୍ତରାଷ୍ଟ୍ରୀୟ ଅପରାଧ ଟ୍ରିବ୍ୟୁନାଲ୍ (ଆଇସିଟି) ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ନିରସ୍ତ୍ର ନାଗରିକଙ୍କ ଉପରେ ଗୁଳି ଚଳାଇବା ସମେତ ମାନବତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଅପରାଧ ପାଇଁ କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ, ଶେଖ ହସିନା ପ୍ରଦର୍ଶନକାରୀଙ୍କୁ ଦମନ ଏବଂ ହତ୍ୟା କରିବା ପାଇଁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ଡ୍ରୋନ୍ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗମ୍ଭୀର ଅପରାଧ ପାଇଁ ତାଙ୍କୁ ଫାଶୀଦଣ୍ଡ ଦିଆଯାଇଛି। କୋର୍ଟ ତାଙ୍କ ରାୟରେ ଏହା ମଧ୍ୟ କହିଛନ୍ତି ଯେ, ମାନବତା ବିରୋଧୀ ଏହି ଅପରାଧ ଶେଖ ହସିନା ଏବଂ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ କରାଯାଇଥିଲା।

ଶୁଣାଣି ସମୟରେ କୋର୍ଟ କହିଛନ୍ତି ଯେ, ପ୍ରଥମ ଅଭିଯୋଗ ଅନୁଯାୟୀ, ଶେଖ୍ ହସିନା ପରିସ୍ଥିତି ପରିଚାଳନା ଏବଂ ହିଂସା ରୋକିବା



ପାଇଁ କିଛି କରିନଥିଲେ। ଏହା ତାଙ୍କର ଦାୟିତ୍ୱ ଥିଲା। ପ୍ରମାଣରୁ ଏହା ମଧ୍ୟ ଜଣାପଡିଛି ଯେ, ଏହି ମାମଲାରେ ପୁଲିସ ମହାନିରୀକ୍ଷକ (ଆଇଜିପି) ଦୋଷୀ ହୋଇପାରନ୍ତି। ଜୁଲାଇ ୧୯ପରେ, ଗୃହମନ୍ତ୍ରୀଙ୍କ ବାସଭବନରେ ଏକାଧିକ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଖ୍ ହସିନା ପ୍ରତିବାଦକାରୀଙ୍କୁ ଟାର୍ଗେଟ କରିବା ପାଇଁ ଏକ କୋର କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ନିରସ୍ତ୍ର ପ୍ରତିବାଦକାରୀଙ୍କ ଉପରେ ଆକ୍ରମଣ କରାଯାଇଥିଲା।

ରାୟ ଦେବା ପୂର୍ବରୁ କୋର୍ଟ ୫୪ଜଣ ସାକ୍ଷୀଙ୍କଠାରୁ ସାକ୍ଷ୍ୟ ଶୁଣିଥିଲେ ଏବଂ ଏହା ଶେଖ୍ ହସିନା କରିଥିବା ଅପରାଧକୁ ପ୍ରମାଣ କରିବାରେ ଯଥେଷ୍ଟ ବୋଲି ନିଷ୍ପତ୍ତି ନେଇଥିଲେ। ସାରା ଦେଶରୁ ସଂଗୃହୀତ ପ୍ରମାଣ ଏବଂ ବିଭିନ୍ନ ଉତ୍ସରୁ ମିଳିଥିବା ଅତିରିକ୍ତ ପ୍ରମାଣ ମଧ୍ୟ ଯାଞ୍ଚ କରାଯାଇଥିଲା।

ଶୁଣାଣି ସମୟରେ ଆଇସିଟିର ମୁଖ୍ୟ ବିଚାରପତି କହିଥିଲେ ଯେ, ଶେଖ୍ ହସିନା ପ୍ରତିବାଦକାରୀ ଛାତ୍ର ଏବଂ ଅନ୍ୟାନ୍ୟ ସାଧାରଣ ନାଗରିକଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଢାକା ବିଶ୍ୱବିଦ୍ୟାଳୟର ଭାଇସ୍ ଚାନସେଲରଙ୍କ ସହ ଏକ ଫୋନ୍ ବାର୍ତ୍ତାଳାପରେ ହସିନା ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଛାତ୍ରମାନଙ୍କୁ ଅପମାନିତ କରିଥିଲେ, ଯାହା ପ୍ରତିବାଦକୁ ଆହୁରି ତୀବ୍ର କରିଥିଲା।

## ଆର ପାରିରେ ହ୍ୟୁମାନ ସାଗର

**ଭୁବନେଶ୍ୱର,୧୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଲୋକପ୍ରିୟ ଗାୟକ ହ୍ୟୁମାନ ସାଗରଙ୍କ ପରଲୋକ ହୋଇଛି। ହ୍ୟୁମାନ ସାଗର ଭେଣ୍ଟିଲେଟରରେ ଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଧାର ଆସି ନଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ଡାକ୍ତରଙ୍କ ଉଦ୍ୟମ ସତ୍ତ୍ୱେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅତି ଜଟିଳ ରହିଥିଲା। ତାଙ୍କୁ ୭୨ ଘଣ୍ଟା ଅବଜରଭେସନରେ ରଖାଯାଇଥିଲା।



ହ୍ୟୁମାନ ସାଗରଙ୍କ ବିୟୋଗ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ହ୍ୟୁମାନ ସାଗରଙ୍କ ପରଲୋକରେ ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଆମ ସଙ୍ଗୀତ ଓ ସିନେମା ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ଶାନ୍ତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି।

ସେହିପରି ଗଭୀର ଭାବେ ଦୁଃଖିତ ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣାଇଛନ୍ତି। ତାଙ୍କର ଭାବପୂର୍ଣ୍ଣ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି ଏବଂ ଓଡିଆ ସଙ୍ଗୀତ ପ୍ରତି ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ ବୋଲି ସେ କହିଛନ୍ତି। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ନବୀନ ସମବେଦନା ଜଣାଇଛନ୍ତି।

ସୂଚନାଯୋଗ୍ୟ, ହ୍ୟୁମାନଙ୍କର ଲିଭର୍ ଖରାପ ଥିବାବେଳେ କିଡ୍‌ନି ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଏହା ସହିତ ତାଙ୍କର ଅନ୍ୟ ଅଙ୍ଗ ମଧ୍ୟ ପ୍ରଭାବିତ ହୋଇ ଯାଇଥିଲା। ତାଙ୍କୁ ଭୁବନେଶ୍ୱର ଏମ୍‌ସର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଶନିବାର ହ୍ୟୁମାନ୍ ସାଗରଙ୍କ ମା' କହିଥିଲେ, ତାର ଅଙ୍ଗ କାମ କରୁନି। ଚିକିତ୍ସା ଲାଗି ସେ ରାଜ୍ୟ ବାହାରକୁ ନେବା ଲାଗି ଚିନ୍ତା କରୁଛନ୍ତି। ଏଥିଲାଗି ରାଜ୍ୟ ସରକାର ତାଙ୍କୁ ସହାୟତା କରିବାକୁ ନିବେଦନ କରିଥିଲେ। ଏମ୍‌ସରେ ଚିକିତ୍ସାଧୀନ ଓଲିଉଡ୍ **(ଶେଷ ପୃଷ୍ଠା ଦେଖନ୍ତୁ)**

## ୨୦ରେ ଶପଥ ନେବେ ନୀତିଶ

**ପାଟନା,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିହାରରେ ସରକାର ଗଠନ ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଆସନ୍ତା ୩ ଦିନ ମଧ୍ୟରେ ବିହାରରେ ସରକାର ଗଠନ ହେବ। ବିହାରର ମୁଖ୍ୟମନ୍ତ୍ରୀ ଭାବେ ଜେଡିୟୁର ନୀତିଶ କୁମାର ଆସନ୍ତା ଗୁରୁବାର ଶପଥ ନେବେ।



ଏନଡିଏ ପକ୍ଷରୁ ସରକାର ଗଠନ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ନୀତୀଶ କୁମାର ୧୦ମ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଥିବା ବେଳେ ତେଜସ୍ୱୀ ଆଜି ବିରୋଧୀ ଦଳ ନେତା ଭାବେ ନିର୍ବାଚିତ ହୋଇଛନ୍ତି।

ବିରୋଧୀ ଦଳର ନେତା ଭାବେ ମାନ୍ୟତା ପାଇବାକୁ ହେଲେ ଗୃହର ମୋଟ କ୍ଷମତାରୁ ୧୦% ସିଟ ହାସଲ କରିବା ଜରୁରୀ। ବିହାରରେ ବିଧାନସଭା ଆସନ ସଂଖ୍ୟା ୨୪୩। ଏହାର ଅର୍ଥ ଏଠାରେ ବିରୋଧୀ ଦଳର ମାନ୍ୟତା ପାଇଁ ୨୫ଟି ଆସନ ଆବଶ୍ୟକ। ଆରଜେଡି ସମାନ ୨୫ଟି ଆସନ ଜିତିଛି। ତେଣୁ ତେଜସ୍ୱୀ ବିରୋଧୀ ଦଳର ନେତା ହୋଇଛନ୍ତି। ମହାଗଠବନ୍ଧନରେ ଥିବା ଆରଜେଡି ୨୫ଟି ଆସନ ଜିତିଥିବା ବେଳେ କଂଗ୍ରେସ ୬, ସିପିଆଇଏମଏଲ ୨, ସିପିଆଇଏମ ୧ ଓ ଭିଆଇପି ଗୋଟିଏ ଆସନ ପାଇଛି।

# ଟ୍ୟାଙ୍କର ସହିତ ବସ୍ ଧକ୍କା: ୪୨ ଭାରତୀୟ ଯାତ୍ରୀ ଜୀଅନ୍ତା ଜଳିଗଲେ

**ନୂଆଦିଲ୍ଲୀ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଉଦି ଆରବର ମଦିନା ନିକଟରେ ଏକ ବଡ଼ ସଡ଼କ ଦୁର୍ଘଟଣା ୧୨ଜଣ ଭାରତୀୟ ଜୀଅନ୍ତା ଜଳିଯାଇଥିବା ଜଣାଯାଇଛି। ଉମରା କରିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଛି। ଏହି ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଖାଇବା ଫଳରେ ବସଟି ଜଳିଯାଇଥିଲା। ଏଥିରେ ପ୍ରାୟ ୪୨ଜଣ ଭାରତୀୟ ଜୀବନ୍ତ ଦଗ୍ଧ ହୋଇଥିବା ଜଣାଯାଇଛି। ସୋମବାର ସକାଳେ ମୁଫାରିହାତ ଅଞ୍ଚଳ ନିକଟରେ ଏହି ଦୁର୍ଘଟଣା ଘଟିଥିଲା।

ସୂଚନା ମିଳିଛି ଯେ, ବସ୍‌ଟି ମକ୍କାରୁ ମଦିନା ଯାଉଥିବା ବେଳେ ଏହି ଦୁଃଖଦ ଦୁର୍ଘଟଣା ଘଟିଥିଲା। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ ମହିଳା ଏବଂ ଶିଶୁ ସମେତ ଅନ୍ୟୁନ ୪୨ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯାତ୍ରୀ ତେଲେଙ୍ଗାନା ଏବଂ ହାଇଦ୍ରାବାଦର ଥିବା କୁହାଯାଉଛି। ଦୁର୍ଘଟଣା ସମୟରେ ବସ୍‌ରେ ଅନେକ ଯାତ୍ରୀ ଶୋଇଥିଲେ। ଏହି କାରଣରୁ ଯାତ୍ରୀ ବାହାରକୁ ନଆସିପାରିବାରୁ **(ଶେଷ ପୃଷ୍ଠା ଦେଖନ୍ତୁ)**



## ପହିଲାରୁ ବସ ଧର୍ମଘଟ ଧମକ

**କଟକ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଡିସେମ୍ବର ୧ ତାରିଖରୁ ବସ ଧର୍ମଘଟ ଚେତାବନୀ। ରାଜ୍ୟ ଘରୋଇ ବସ ମାଲିକ ସଂଘ ଏଭଳି ଚେତାବନୀ ଦେଇଛି। ପୋଲିସକୁ ଗାଡ଼ି କାଗଜପତ୍ର ଯାଂଚ ପାଇଁ ଏମଭିଆଇ କ୍ଷମତା ପ୍ରଦାନ ନିଷ୍ପତ୍ତିକୁ ବିରୋଧ କରି ଘରୋଇ ବସ ମାଲିକ ସଂଘ ଏଭଳି ଚେତାବନୀ ଦେଇଛି। ଯଦି ସରକାର ଆସନ୍ତା ୧ ତାରିଖରୁ ଏହି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରନ୍ତି, ତେବେ ଡିସେମ୍ବର ୧ରୁ ସମସ୍ତ ଗାଡ଼ି ଚଳାଚଳ ବନ୍ଦ କରାଯିବ ବୋଲି ଘରୋଇ ବସ ମାଲିକ ସଂଘର ସଂପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ବସ ମାଲିକ ସଂଘ ସହ ଟ୍ରକ ମାଲିକ ସଂଘଗୁଡ଼ିକ ମଧ୍ୟ ଏହି ଧର୍ମଘଟରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଘରୋଇ ବସ ମାଲିକ ସଂଘର ଏହି ନିଷ୍ପତ୍ତି ସଂପର୍କରେ ସରକାରଙ୍କୁ ଲିଖିତ ଆକାରରେ ଜଣାଇ ଦିଆଯିବ ବୋଲି ସଂଘ କହିଛି।

## ପୋଖରୀରେ ବୁଡ଼ି ଦୁଇ ଶିଶୁ ମୃତ

**ତିହିଡ଼ି,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଜାଫରାବାଦ ଗାଁରେ ପୋଖରୀରେ ବୁଡ଼ି ଦୁଇ ଶିଶୁଙ୍କର ମୃତ୍ୟୁ ଘଟିଛି। ମୃତକ ଜାଫରାବାଦ ଗାଁର ବୁଲୁ ବାରିକଙ୍କ ପୁଅ ଅନନ୍ତଦେବ (୩) ଏବଂ ସିମୁଳିଆ ଥାନା ଅଧୀନ ଫୁଲଗଡ଼ ଗ୍ରାମର ଜୟନ୍ତ ସାହୁଙ୍କ ପୁଅ ହିମାଂଶୁ (୪) ବୋଲି ଜଣାପଡିଛି। ହିମାଂଶୁ ତାଙ୍କ ବାପାଙ୍କ ସହ ଜାଫରାବାଦ ଗାଁରେ ଥିବା ତାଙ୍କ ବନ୍ଧୁ ଘରକୁ ଆସିଥିଲେ।

ମଧ୍ୟାହ୍ନ ସମୟରେ ହିମାଂଶୁ ଏବଂ ଅନନ୍ତ ସାଙ୍ଗ ହୋଇ ଖେଳୁଥିବାବେଳେ ଏକ ପୋଖରୀରେ ପଡ଼ି ଯାଇଥିଲେ। ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ଦୁଇ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଦିଲ୍ଲୀ ବିସ୍ଫୋରଣର ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି

**ନୂଆଦିଲ୍ଲୀ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନଭେମ୍ବର ୧୦ ତାରିଖରେ ହୋଇଥିବା ଦିଲ୍ଲୀ ବୋମା ବିସ୍ଫୋରଣରେ ଆହତ ଆଉ ଦୁଇଜଣଙ୍କ ମୃତ୍ୟୁ ହୋଇଯାଇଛି। ଏହା ସହ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ ସୂଚନା ମିଳିଛି। ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୁକମାନ ଏବଂ ବିନୟ ପାଠକଙ୍କ ମୃତ୍ୟୁ ଘଟିଛି। ଗତ ଗୁରୁବାର ଜଣେ ଆହତ ବିଲାଲଙ୍କ ମୃତ୍ୟୁ ହେବା ସହିତ ମୃତ୍ୟୁ ସଂଖ୍ୟା ୧୩କୁ ବୃଦ୍ଧି ପାଇଥିଲା।

ନଭେମ୍ବର ୧୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଦିଲ୍ଲୀର ଜନଗହଳିପୂର୍ଣ୍ଣ ଲାଲକିଲ୍ଲା ଅଞ୍ଚଳରେ, ଧୀର ଟ୍ରାଫିକ୍ ମଧ୍ୟରେ ଏକ ଆଇ-୨୦ କାରରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ପାଖରେ ଥିବା କିଛି ଯାନବାହନ ଧ୍ୱଂସ ହୋଇଥିଲା।

ଏହି ବିସ୍ଫୋରଣ ସମଗ୍ର ଦେଶରେ ଆଲୋଡନ ସୃଷ୍ଟି କରିଥିଲା। ପରେ କେନ୍ଦ୍ର ସରକାର ଏହାକୁ ଏକ ଆତଙ୍କବାଦୀ ଆକ୍ରମଣ ବୋଲି ଘୋଷଣା କରିଥିଲେ।

**ବିସ୍ଫୋରଣ ପାଇଁ ଆତଙ୍କବାଦୀଙ୍କୁ ମିଳିଥିଲା ୨୦ଲକ୍ଷ ଟଙ୍କା**



ଏନଆଇଏ ଏହି ମାମଲାର ତଦନ୍ତ କରୁଛି। ଏନଆଇ ଏହି ମାମଲାରେ ପ୍ରଥମ ଗିରଫଦାରୀ କରିଛି। ତଦନ୍ତକାରୀ ସଂସ୍ଥା ଆମିର ରଶିଦ ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଆମିର ବିରୋଧରେ ଷଡ଼ଯନ୍ତ୍ର ଏବଂ ଆକ୍ରମଣ ଘଟାଇବାର ଅଭିଯୋଗ ରହିଛି। ଗିରଫ ହେବା ପରେ, ଆମିରକୁ ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାକୁ ୧୦ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇଛନ୍ତି। ବିସ୍ଫୋରଣରେ ଜଡିତ ଆଇ-୨୦ କାର ଅଭିଯୁକ୍ତ ଆମିର ରଶିଦ ନାମରେ ପଞ୍ଜୀକୃତ ହୋଇଥିଲା।

ଅନ୍ୟପକ୍ଷରେ ବୋମା ବିସ୍ଫୋରଣ ମାମଲା ସହିତ ଜଡିତ ଆଉ ଏକ ବଡ଼ ଖୁଲାସା ହୋଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକର ତଦନ୍ତରୁ ଜଣାପଡ଼ିଛି ଯେ ବିସ୍ଫୋରଣ ଯୋଜନା ପାଇଁ ୨୦ ଲକ୍ଷ ଟଙ୍କା ଗିରଫ ମହିଳା ଡାକ୍ତର ଶାହିନଙ୍କ ମାଧ୍ୟମରେ ମଡ୍ୟୁଲକୁ ଦିଆଯାଇଥିଲା। ଏଥିରୁ ସ୍ପଷ୍ଟ ହେଉଛି ଆତଙ୍କବାଦୀ ଶାହିନ ଏହି ଆକ୍ରମଣ ପାଇଁ ବିଭିନ୍ନ ପ୍ରକାରର ସହାୟତା ଯୋଗାଇଥିଲା। ଏଭଳି ତଥ୍ୟ ସାମ୍ନାକୁ ଆସିବା ପରେ ଏ ଦିଗରେ ତଦନ୍ତ କଡାକଡି ହୋଇଛି।

ଦିଲ୍ଲୀରେ ଏହି ବିସ୍ଫୋରଣକୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଏକ ଆତ୍ମଘାତୀ ଆକ୍ରମଣ ଭାବରେ ବିଚାର କରୁଛନ୍ତି। ଆତଙ୍କବାଦୀ ଉମର ମହମ୍ମଦ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ ଆଇ୨୦ କାରରୁ ବିସ୍ଫୋରଣ ଘଟାଇଥିଲା। ସନ୍ଦିଗ୍ଧ ଆତ୍ମଘାତୀ ଆକ୍ରମଣକାରୀ ଡାକ୍ତର ମହମ୍ମଦ ଉମର ନବି ବିଶ୍ୱବିଦ୍ୟାଳୟର ମେଡିକାଲ କଲେଜରେ ଜଣେ ସହକାରୀ ପ୍ରଫେସର ଥିଲା। ଏହି ଘଟଣାରେ ଗିରଫ ହୋଇଥିବା ଅନ୍ୟ ୨ ଜଣ ଡାକ୍ତର ମୁଜାମିଲ ସକିଲ ଏବଂ ଶାହିନ ସାହିଦ ମଧ୍ୟ ଏହି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ଉଭୟଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ପ୍ରଚୁର ପରିମାଣର ଗୋଳାବାରୁଦ ସହ ଗିରଫ କରାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକର ବିଶ୍ୱସ୍ତ ସୂତ୍ର **(ଶେଷ ପୃଷ୍ଠା ଦେଖନ୍ତୁ)**

## ୭ ଡକାୟତ ଗିରଫ
## ୨୫ ଲକ୍ଷର ଗହଣା ଜବତ



**କେନ୍ଦ୍ରାପଡ଼ା,୧୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନରେ ଡକାୟତି ଯୋଜନା କରୁଥିବା ୭ଜଣ ଡକାୟତଙ୍କୁ ପୋଲିସ ଗିରଫ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଛନ୍ତି। ଏନେଇ କେନ୍ଦ୍ରାପଡା ଏସପି ସିଦ୍ଧାର୍ଥ କଟାରିଆ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଜଜାଙ୍ଗସ୍ଥିତ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ ଡକାୟତି ଯୋଜନା କରୁଥିବା ବେଳେ ଏହି ଜିଲ୍ଲାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାଧିକାରୀ ୭ଜଣ ଡକାୟତଙ୍କୁ ଗିରଫ କରିଛନ୍ତି। ଗିରଫ ଡକାୟତମାନେ ହେଉଛନ୍ତି ସଞ୍ଜୟ କୁମାର ମଲ୍ଲିକ ଓରଫ ଡାମରା କାଳିଆ, କିରଣ ସେଠୀ ଓରଫ ସିପୁଆ, ମାନସ କୁମାର ନାୟକ, ରଞ୍ଜିତ ମଲ୍ଲ ଓରଫ ବାବୁ, ତ୍ରିଲୋଚନ ସାହୁ ଓରଫ ହାବୁଆ, ସୁବ୍ରତ ମଲ୍ଲିକ ଓରଫ ସାଗର ଓ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଆଶାନୁରୂପ ଆଗଉନି ଏନଏସ୍‌ଏସ୍ କାର୍ଯ୍ୟ

**ଭୁବନେଶ୍ୱର,୧୭।୧୧**
**ତଥ୍ୟ**

ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକର ଏବେ ୧ଲକ୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ଜାତୀୟ ସେବା ଯୋଜନା (ଏନଏସଏସ) ସ୍ୱେଚ୍ଛାସେବୀ ରହିଛନ୍ତି। ଯୁକ୍ତ ଦୁଇ, ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଏନଏସଏସ ୟୁନିଟ୍‌ମାନ ରହିଛି।

ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ପାଇଁ କେନ୍ଦ୍ର ସରକାର ବାର୍ଷିକ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ରାଜ୍ୟ ସରକାର ମଧ୍ୟ ଏ ବାବଦରେ ଅର୍ଥ ବ୍ୟବସ୍ଥା କରୁଛନ୍ତି। ଏମିତିକି ସମସ୍ତ ଛାତ୍ରଛାତ୍ରୀଙ୍କ ଠାରୁ ଏନଏସଏସ ପାଣ୍ଠି ପାଇଁ ମଧ୍ୟ ଅର୍ଥ ସଂଗ୍ରହ କରାଯାଉଛି।

ସରକାରୀ ତଥ୍ୟ ମୁତାବକ ଯୁକ୍ତ ଦୁଇ ପାଠ୍ୟକ୍ରମ ପରିଚାଳନା କରୁଥିବା ଉଚ୍ଚଶିକ୍ଷା ପରିଷଦ ନିୟନ୍ତ୍ରଣରେ ବିଭିନ୍ନ ଶିକ୍ଷାନୁଷ୍ଠାନର ପାଖାପାଖି ୩୦ହଜାର ଏନଏସଏସ ସ୍ୱେଚ୍ଛାସେବୀ ଥିବାବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ତାହାର ଅନୁବନ୍ଧିତ କଲେଜଗୁଡିକରେ ପ୍ରାୟ ୨୪ହଜାର ସ୍ୱେଚ୍ଛାସେବୀ ରହିଛନ୍ତି। ବ୍ରହ୍ମପୁର, ସମ୍ବଲପୁର ଓ ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ରଭଞ୍ଜ ବିଶ୍ୱବିଦ୍ୟାଳୟରେ ୧୦ରୁ ୧୬ହଜାର ପର୍ଯ୍ୟନ୍ତ ଏନଏସଏସ ସ୍ୱେଚ୍ଛାସେବୀ କାର୍ଯ୍ୟରତ ଅଛନ୍ତି। ଅନ୍ୟ ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ବି ଏନଏସଏସ ବ୍ୟୁରୋମାନ ରହିଛି।

ରାଉରକେଲାର ନିଟ୍, ଭୁବନେଶ୍ୱରର ଏମସ୍, ଭୁବନେଶ୍ୱରର ଆଇଆଇଟି, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, କଟକସ୍ଥିତ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ, ଓୟୁଏଟି ଆଦିର ଏନଏସଏସ ୟୁନିଟ୍‌ଗୁଡିକ କାର୍ଯ୍ୟକ୍ଷମ ରହିଛି। ତେବେ କିଟ୍, ସୋଆ, ସେଞ୍ଚୁରିଆନ, କିସ୍, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଆଦି ବେସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ମଧ୍ୟ ଏନଏସଏସ ୟୁନିଟ୍ କାର୍ଯ୍ୟ କରୁଛି।




ଏନଏସଏସର କାର୍ଯ୍ୟକଳାପ ପାଇଁ ବିଶ୍ୱବିଦ୍ୟାଳୟ ସ୍ତରରେ ଏନଏସଏସ ବ୍ୟୁରୋ ରହିଥିବାବେଳେ କଲେଜଗୁଡିକରେ ବି ଏନଏସଏସ ୟୁନିଟ୍ ସବୁ ରହିଛି। ରାଜ୍ୟ ସ୍ତରରେ ଏନଏସଏସ କାର୍ଯ୍ୟକଳାପ ତଦାରଖ ପାଇଁ ଉଚ୍ଚଶିକ୍ଷା ବିଭାଗରେ ଜଣେ ବରିଷ୍ଠ ଅଧିକାରୀ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରୁଥିବାବେଳେ ସମଗ୍ର ରାଜ୍ୟପାଇଁ କେନ୍ଦ୍ର ସରକାରଙ୍କର ମଧ୍ୟ ଜଣେ ନୋଡାଲ ଅଫିସର ରହିଛନ୍ତି। ଏନଏସଏସ ଅଧିକାରୀମାନଙ୍କ ଲାଗି ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା ଥିବାବେଳେ ଭଲ କାମ କରୁଥିବା ଏନଏସଏସ ସ୍ୱେଚ୍ଛାସେବୀମାନଙ୍କ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଉଛି।

ବିଶେଷକରି ଏନଏସଏସର ସ୍ୱେଚ୍ଛାସେବକମାନେ ରକ୍ତଦାନ, ବୃକ୍ଷରୋପଣ, ପରିମଳ, ସାକ୍ଷରତା, ନିଶା ନିବାରଣ, ଭାଇଚାରା ଆଦି ବିଭିନ୍ନ ପ୍ରସଙ୍ଗରେ ନିଜ ନିଜ ଶିକ୍ଷାନୁଷ୍ଠାନ ପରିସରରେ ଏବଂ ଅନ୍ୟ ଗାଁ ଓ ବସ୍ତିମାନଙ୍କରେ ମଧ୍ୟ କାର୍ଯ୍ୟ କରୁଥିବା କୁହାଯାଉଛି।

ଏଠାରେ ଉଲ୍ଲେଖନୀୟ ଯେ ୧୯୬୯ ମସିହାରେ ସମଗ୍ର ବିଶ୍ୱରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଥିବାବେଳେ କେନ୍ଦ୍ର ସରକାର ଗାନ୍ଧୀଜୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମ ସହିତ ଛାତ୍ରଗୋଷ୍ଠୀ ମଧ୍ୟରେ ଶୃଙ୍ଖଳା ଓ ସେବା ଭାବ ବଢାଇବା ଲାଗି ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏବେ ଦେଶର ପ୍ରାୟ ସମସ୍ତ ସରକାରୀ ଓ ଘରୋଇ ବିଶ୍ୱବିଦ୍ୟାଳୟଗୁଡିକରେ ଏନଏସଏସ୍ ବ୍ୟୁରୋମାନ ରହିଛି।

ସରକାରୀ ବ୍ୟବସ୍ଥା ମୁତାବକ ଏବେ ଓଡିଶାରେ ପ୍ରତି ଏନଏସଏସ ସ୍ୱେଚ୍ଛାସେବୀଙ୍କ ଲାଗି ବାର୍ଷିକ ମୁଣ୍ଡପିଛା ହାରାହାରି ୪୦୦ ଟଙ୍କାର ବ୍ୟବସ୍ଥା କରାଯାଉଥିବାବେଳେ ସ୍ୱତନ୍ତ୍ର ଶିବିର ପାଇଁ ପ୍ରତି **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ନଭେମ୍ବର ୨୦୨୫ । ମଙ୍ଗଳବାର




## ୨ ମାସ ହେଲା ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଦିବ୍ୟାଙ୍ଗ

**ଖଣ୍ଡପଡା: ଏକ୍ସପ୍ରେସ ନ୍ୟୁଜ୍**

୮୦ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତିବିଶେଷ ଓ ୮୦ ବର୍ଷରୁ ଜନସାଧାରଣଙ୍କୁ ପ୍ରତିମାସରେ ୩୫୦୦ ଟଙ୍କା ଭତ୍ତା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ ଖଣ୍ଡପଡା ବ୍ଲକ ଅଧିନ ରୟତି ଢୋଲମରା ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁଙ୍କ ପୁଅ ଦିପ୍ତିରଞ୍ଜନ ସ୍ୱାଇଁ ଜଣେ ଦିବ୍ୟାଙ୍ଗ ଯୁବକ ଅଟନ୍ତି। ସଂପୂର୍ଣ୍ଣ ଅଚଳ ଅବସ୍ଥାରେ ସେ ବିଛଣାରେ ପଡ଼ି ରହି ଅତି ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ଗତ ୨୦୧୬ ମସିହାରୁ ସେ ଭତ୍ତା ପାଇ ଆସୁଥିବା ବେଳେ ଗତ ୨୦୨୫ ଜାନୁୟାରୀ ମାସରୁ ବର୍ଦ୍ଧିତ ହାରରେ ସେ ମାସିକ ୩୫୦୦ ଟଙ୍କା ଭତ୍ତା ବାବଦରେ ପାଇ ଆସୁଥିଲେ। ମାତ୍ର ଗତ ଅକ୍ଟୋବର ଓ ନଭେମ୍ବର ୨ ମାସ ହେଲା ସେ ବର୍ଦ୍ଧିତ ହାରରେ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି। ଏବେ ସେ ମାସକୁ ଭତ୍ତା ବାବଦରେ ୧୦୦୦ ଟଙ୍କା ଲେଖାଏଁ ପାଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂପର୍କରେ ସେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାଯାଇଛି। ଉକ୍ତ ଦିବ୍ୟାଙ୍ଗ ଯୁବକଙ୍କ ବର୍ଦ୍ଧିତ ହାରରେ ଭତ୍ତା ପ୍ରଦାନ ନିମନ୍ତେ ବ୍ଲକ ପ୍ରଶାସନ ଓ ନୟାଗଡ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।



## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜନଜାତୀୟ ଗୌରବ ଦିବସ

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

ଜିନ୍ଦଲ ଷ୍ଟିଲ ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡସନ ପକ୍ଷରୁ କାଶିଆ, ରୋଇଡ଼ା-୧ ଓ ଟେନସା ଖଣି ଅଞ୍ଚଳରେ ମହାନ ବନବାସୀ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ତଥା ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି। ଏହା ସହିତ ଏକ ନିରାପତ୍ତା ସଚେତନତା ରଥର ମଧ ଶୁଭାରମ୍ଭ ହୋଇଥିଲା। ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶ୍ରୀ ପାତ୍ର ମହାନ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କର ଅବଦାନ ସମ୍ପର୍କରେ ସ୍ମରଣ କରିବା ସହ



କାଶିଆ ଓ ରୋଇଡ଼ା-୧ ଖଣି ଅଞ୍ଚଳରେ ଛାତ୍ରଛାତ୍ରୀ, ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଜନଜାତି ସମୁଦାୟ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ରିଟିସ ଶାସନ ବିରୋଧରେ ବିର୍ସା ମୁଣ୍ଡାଙ୍କ ଆନ୍ଦୋଳନ, ଜନଜାତି ଧର୍ମସଂସ୍କୃତିର ସୁରକ୍ଷା ପାଇଁ ସଂଘର୍ଷ ଓ ବଳୀଦାନକୁ ସମସ୍ତେ ସ୍ମରଣ କରିଥିଲେ। ଛାତ୍ରଛାତ୍ରୀମାନେ ପାରମ୍ପରିକ ଜନଜାତି ବେଶଭୂଷା ସହ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଜନଜାତି ପରମ୍ପରା ଓ ସଂସ୍କୃତିର ନିଦର୍ଶନକୁ ପ୍ରଦର୍ଶନ କରିଥିଲେ।

ଏହି ଅବସରରେ କମ୍ପାନିର ଅଗ୍ନିଶମ ଓ ନିରାପତ୍ତା ବିଭାଗ ଅଧିକାରୀମାନେ ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କୁ ସଚେତନ କରାଇଥିଲେ। ଜିନ୍ଦଲର ଦାୟିତ୍ୱପୂର୍ଣ୍ଣ ଖଣି ପରିଚାଳନା ନୀତି ସମ୍ପର୍କରେ ସ୍ଥାନୀୟ ଅଧିବାସୀମାନଙ୍କୁ ଅବଗତ କରାଇଥିଲେ। ଏହି ରଥ ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର ୧୦ଟି ଗ୍ରାମ ପରିକ୍ରମା କରି ଅଗ୍ନି ନିରାପତ୍ତା ଓ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ।

ସେହିପରି ଫାଉଣ୍ଡେସନ ପକ୍ଷରୁ ଟେନସା ଜିରୋ ପଏଣ୍ଟରେ ବିର୍ସାମୁଣ୍ଡାଙ୍କ ୧୫୦ତମ ଜନ୍ମଦିବସ ଓ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଥିଲା। ମାଇନ୍ସ ମ୍ୟାନେଜର ଭରଦ୍ୱାଜ ରାଉତ ସ୍ୱାଧୀନତା ସଂଗ୍ରାମରେ ସହିଦ ବିର୍ସା ମୁଣ୍ଡାଙ୍କର ବଳିଦାନ ଓ ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ସହିତ ଶ୍ରୀ ରାଉତ ଘରେ ଓ କାର୍ଯ୍ୟକ୍ଷେତ୍ରରେ ନିରାପତ୍ତା ଅଭ୍ୟାସର ଗୁରୁତ୍ୱ ସମ୍ପର୍କରେ କହିଥିଲେ।

## ତାରିଣୀ ମନ୍ଦିର ପରିସରରେ ଥିବା ଏଲଇଡି ସ୍କ୍ରିନ ଅଚଳ



**ଘଟଗାଁ: ଏକ୍ସପ୍ରେସ ନ୍ୟୁଜ୍**

ଘଟଗାଁ ମା'ତାରିଣୀ ମନ୍ଦିର ପରିସରରେ ଥିବା ଏଲଇଡି ସ୍କ୍ରିନଟି ଅଚଳ ହୋଇପଡିଛି। ମନ୍ଦିର ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏଲଇଡି ସ୍କ୍ରିନଟିକୁ ପ୍ରାୟ ୮ମାସ ହେବ ମନ୍ଦିର ପରିସରର ୪ନମ୍ବର ଗେଟ ପାଚେରୀ ନିକଟରେ ଲଗାଯାଇଥିଲା। ଏହି ଏଲଇଡି ସ୍କ୍ରିନରେ ମନ୍ଦିର ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦର୍ଶିତ ହେବା ସହ ମା'ତାରିଣୀଙ୍କ ଭଜନ ପ୍ରଦର୍ଶିତ ହେଉଥିଲା। ମାତ୍ର ପରିତାପର ବିଷୟ ଏହି ସ୍କ୍ରିନଟିକୁ ଲଗାଯିବା ଦିନଠାରୁ ଏହା ଝୁଣ୍ଟି ଝୁଣ୍ଟି ଚାଲୁଥିବା ଦେଖିବାକୁ ମିଳିଛି। କିଛିଦିନ ଚାଲିବା ପରେ ଏହା ଦିର୍ଘଦିନ ହେବ ଅଚଳ ହୋଇପଡିଛି। ଯେଉଁ ମହତ ଉଦ୍ଦେଶ୍ୟ ନେଇ ଏହାକୁ ଲଗାଯାଇଥିଲା ମନ୍ଦିର ପ୍ରଶାସନର ଅବହେଳା ପାଇଁ ଏହା କୌଣସି କାମରେ ଲାଗିପାରୁନାହିଁ। ଭକ୍ତଙ୍କ ଦାନ ଅର୍ଥରେ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ହୋଇଥାଏ। ଏହି ଏଲଇଡି ସ୍କ୍ରିନ କ୍ରୟ ପାଇଁ ମା'ତାରିଣୀଙ୍କ ସଞ୍ଚିତ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। କିନ୍ତୁ ଏଠି ପ୍ରଶ୍ନ ଉଠୁଚି ଏତେ ଦିନ ଧରି ଏହା ଅଚଳ ହୋଇଥିଲେ ମଧ ଏହାକୁ କାହିଁକି ସଜଡ଼ା ଯାଉନାହିଁ। ଯଦି ଏଥିରେ କୌଣସି ତ୍ରୁଟି ରହିଛି ତେବେ ଇଲକ୍ଟ୍ରୋନିକ୍ସ ସାମଗ୍ରୀ ଗୁଡିକର ୱାରେଣ୍ଟି ରହିଥିଲେ ମଧ ଯେଉଁ ସଂସ୍ଥାରୁ ଏହାକୁ କ୍ରୟ କରାଯାଇଛି ତାକୁ କାହିଁକି ବଦଳା ଯାଉନାହିଁ ନା କୌଣସି ନିମ୍ନ ମାନର ସାମଗ୍ରୀ କିଣାଯାଇ ମା'ତାରିଣୀଙ୍କ ଅର୍ଥକୁ ବର୍ବାଦ କରାଯାଇଛି। ଏଭଳି କିଛି ପ୍ରଶ୍ନ ଏବେ ଲୋକଙ୍କ ମନରେ ଉଙ୍କିମାରୁଛି। କେବଳ ଯେ ଅହି ଏଲଇଡି କଥା ନୁହଁ ଏଭଳି ଅନେକ ସାମଗ୍ରୀ ମନ୍ଦିର ପ୍ରଶାସନ ପକ୍ଷରୁ କିଣାଯାଇ ପରବର୍ତ୍ତୀ ସମୟରେ ସେଗୁଡିକର କୌଣସି ସଠିକ ଦାୟିତ୍ୱ ନିଆନଯିବାରୁ ବହୁ ଅର୍ଥ ବର୍ବାଦ କରାଯାଉଥିବା ଅଭିଯୋଗ ହୋଇଛି। ତେଣୁ ଏଥିପ୍ରତି ଦେବତ୍ତୋର ବିଭାଗ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ରାସନ୍ କାର୍ଡ କାଟିବା ବିରୋଧରେ ଗଣବିକ୍ଷୋଭ ପାଇଁ ସଜବାଜ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ଅବିଚାରିତ ଭାବେ ଲକ୍ଷ ଲକ୍ଷ ଲୋକଙ୍କର ରେସନ କାର୍ଡ କାଟିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଜଳେଶ୍ୱର ବ୍ଲକରେ ମଧ ୨୫ ହଜାର ହିତାଧିକାରୀଙ୍କ ରାସନ କାର୍ଡ କାଟିବା ପାଇଁ ଚିଠା ପ୍ରସ୍ତୁତ ହୋଇସାରିଛି। ଏହାର ପ୍ରତିବାଦରେ ନଭେମ୍ବର ୨୧ ତାରିଖରେ ଶ୍ରମିକ, କୃଷକ ତଥା କୃଷି ଓ ଗ୍ରାମୀଣ ଶ୍ରମିକ ସଂଗଠନ ତରଫରୁ, ଜଳେଶ୍ୱର ବ୍ଲକ ଅଫିସ ସମ୍ମୁଖରେ ଗଣ ବିକ୍ଷୋଭ ଅନୁଷ୍ଠିତ ହେବ ବୋଲି ସୋମବାର ଜଳେଶ୍ୱର ସିପିଆଇ ଏମ୍ ପାର୍ଟି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦିଆଯାଇଛି। ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ଏଭଳି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା ସହିତ ରସନ କାର୍ଡ ପାଇବାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଡ ଯୋଗାଇ ଦେବାକୁ ଦାବି କରିଛନ୍ତି। ଚାଷୀଙ୍କ ଠାରୁ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣୁଛନ୍ତି ବୋଲି ପ୍ରଚାର ଚଳାଇଛନ୍ତି। ୭୦ ପ୍ରତିଶତ ଭାଗ ଚାଷ କରୁଥିବା ଲୋକଙ୍କ ଠାରୁ ସରକାର ଧାନ କ୍ରୟ କରୁନଥିବା ବେଳେ ବିଳମ୍ବରେ ଧାନ ମଣ୍ଡି ଖୋଲୁଛି। ଗରୀବ ଚାଷୀ ଋଣ କରି ଖର୍ଚ୍ଚ କରିଥିବା ଟଙ୍କା ପରିଶୋଧ ଲାଗି ଧାନ ଖଟିରେ ଧାନ ବିକ୍ରୀ କରି ଅଭାବି ବିକ୍ରିର ଶୀକାର ହୋଇଥାଆନ୍ତି। ସରକାରୀ ବ୍ୟବସ୍ଥା, କେଉଁମାନଙ୍କ ଠାରୁ ଧାନ କିଣୁଛନ୍ତି ତାହା ପ୍ରଶ୍ନବାଚୀ ହୋଇଛି। ଏହା ସହିତ ନିର୍ବାଚନ ସମୟରେ ଘୋଷଣା କରିଥିବା ସମସ୍ତଙ୍କୁ ୩୦୦୦ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ପାଣିର ଗାର ହୋଇଛି। ସମସ୍ତ ଭୂମିହୀନଙ୍କୁ ଘର ଡିହ ପଟ୍ଟା ନମିଳିବା, ବିଗତ ସରକାର ସମୟରେ ହୋଇଥିବା ବସୁଧା ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ ନହୋଇ ଅଧା ପନ୍ତରିଆ ହୋଇ ପଡ଼ି ରହିଥିବା ଅଭିଯୋଗ କରାଯାଇଛି। ଯେତେ ଦାବି କଲେ ମଧ୍ୟ ସରକାର କୃଷି ଋଣ ଛାଡ କରୁନାହାନ୍ତି। ଅଥଚ୍ ହଜାର ହଜାର କୋଟି ଟଙ୍କାର କର୍ପୋରେଟର ଋଣ ଛାଡ କରୁଛନ୍ତି। ତେଣୁ ସମସ୍ତ ଜନ ବିରୋଧି ନୀତି ସମେତ ୧୧ଦଫା ଦାବି ନେଇ ନଭେମ୍ବର ୨୧ ତାରିଖ ଦିନ ବ୍ଲକ ଅଫିସ ସମ୍ମୁଖରେ ଯେଉଁ ଗଣ ବିକ୍ଷୋଭ କରାଯିବ ବୋଲି ଦୃଢ଼ ନିଷ୍ପତ୍ତି ହୋଇଛି। ସୋମବାର ସାମ୍ବାଦିକ ସମ୍ମିଳନୀରେ କୃଷକ ନେତା ଦିଲ୍ଲୀପ କୁମାର ଗିରି, କୃଷି ଓ ଗ୍ରାମୀଣ ଶ୍ରମିକ ନେତା ଦିପ୍ତିମାନ ଆଚାର୍ଯ୍ୟ, ଟ୍ରେଡ ୟୁନିୟନର ନେତା ପଲଟୁ ଦାସ, କୃଷକ ସଭା ସଭାପତି ରବିନ୍ଦ୍ର ବାରିକ, ଦିଲ୍ଲୀପ ପରିଡ଼ା, ଅରୁଣ ଜେନା, ସବିତା ଭୂୟାଁ ଓ ବାମପନ୍ଥୀ ନେତା ଅକ୍ଷୟ କୁମାର ମିଶ୍ର ଉପସ୍ଥିତ ହୋଇ ବିକ୍ଷୋଭ ସମ୍ପର୍କରେ ସୂଚନା କରାଇଥିଲେ।




## ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗୀତାରେ ଶୁଭଶ୍ରୀଙ୍କୁ ସମ୍ବର୍ଦ୍ଧନା

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମାସ୍ଥିତ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଉପଶାସ୍ତ୍ରୀ (+୨) ଛାତ୍ରୀ ଶୁଭଶ୍ରୀ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନିକଟରେ ଅନୁଷ୍ଠିତ ହୋଇଯାଇଥିବା ରାଜ୍ୟସ୍ତରୀୟ ସୁରଭି ସଙ୍ଗୀତ ପ୍ରତିଯୋଗୀତାରେ ଶୁଭଶ୍ରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଅନୁଷ୍ଠାନ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଡଃ ଘନଶ୍ୟାମ ମିଶ୍ରୀ, ଅଧାପିକା ତନୁଶ୍ରୀ ମିଶ୍ର, ଅଧାପକ ନିହାର ରଂଜନ ପରିଡା, ଅଧାପକ ଆଦିତ୍ୟ ତ୍ରିପାଠି, କାର୍ଯ୍ୟାଳୟ ପ୍ରମୁଖ ଅରୁଣ ରାଉତ, ଦୟାନିଧି ସାହୁଙ୍କ ସହ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ଶୁଭଶ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଓଡିଶା ସାମ୍ବାଦିକ ସଂଘ ପାରାଦୀପ ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ




**ପାରାଦୀପ: ଏକ୍ସପ୍ରେସ ନ୍ୟୁଜ୍**

ଅଟଳ ବିହାରୀ ବଜପେୟୀ ଟ୍ରଷ୍ଟ ପରିସରରେ ଓଡିଶା ସାମ୍ବାଦିକ ସଂଘ ପାରାଦୀପ ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଛି। ଓଡିଶା ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯୋଧନ ମହାରଣା ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ଗଣଅଧିକାରର ସମ୍ପାଦକ ଚିତ୍ତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଓଜେୟୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର କୁମାର ବିଶ୍ୱାଳ, ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ଖୁଣ୍ଟିଆ, ବରିଷ୍ଠ ସାମ୍ବାଦିକ ଧ୍ରୁବ ଚରଣ ମହାପାତ୍ର, ଶୁକଦେବ ଜେନା, ଶରତ ଚନ୍ଦ୍ର ରାଉତ ଓ ଅଜିତ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଓଜେୟୁ ପାରାଦୀପ ଶାଖାର କାର୍ଯ୍ୟକାରୀ ସଭାପତି ଆଲୋକ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ସମୀର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ ସାମ୍ବାଦିକତା ଦୁଇ ଭାଗରେ ପରିଣତ ହୋଇଛି। ଗୋଟିଏ ପକ୍ଷ କର୍ପୋରେଟ ହାଉସେସଙ୍କ ଦ୍ୱାରା ନିୟୋଜିତ ହୋଇଥିବା ବେଳେ ଅନ୍ୟ ପକ୍ଷଟି ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି। ଯାହାକି ସମଗ୍ର ଦେଶପାଇଁ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ନିରପେକ୍ଷ ସାମ୍ବାଦିକତା ଦିନକୁ ଦିନ ଧୂଳିସାତ ହେଉଛି ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ ପ୍ରକାଶ କରିଥିଲେ। ଅନ୍ୟ ପକ୍ଷରେ ସୋସିଆଲ ମିଡିଆ ଦେଶର ସାମ୍ବାଦିକତା କ୍ଷେତ୍ରରେ ଆଉ ଏକ ନୂଆ ରୂପରେ ଉଭା ହୋଇଛି। ଏଥିସହିତ ପ୍ରିଣ୍ଟ ମିଡିଆମାନଙ୍କୁ ମଧ ପଛରେ ପକାଇ ଦେଇଛି। ଏପରି ପରିସ୍ଥିତିରୁ ଦେଶକୁ ରକ୍ଷା କରିବାକୁ ହେଲେ ସାମ୍ବାଦିକମାନଙ୍କୁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରିବାକୁ ପଡିବ ବୋଲି ବକ୍ତା ଶ୍ରୀ ସ୍ୱାଇଁ କହିଥିଲେ।

## କଳିଙ୍ଗ ହେଉଛି ବୋଇତ ଓ ନୌବାଣିଜ୍ୟର ଉଦ୍ଭାବକ ଦେଶ

**ପଟ୍ଟାମୁଣ୍ଡାଇ: ଏକ୍ସପ୍ରେସ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ପକ୍ଷରୁ 'ମେରାଇନର୍ସ ଆଣ୍ଡ ମର୍ଚ୍ଚାଣ୍ଟ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ରାଜନୀତି ବିଭାଗ ପ୍ରାଧ୍ୟାପକ ସର୍ବେଶ୍ୱର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରତ୍ନତତ୍ୱବିତ ଇତିହାସକାର ଡ଼ ସୁନୀଲ କୁମାର ପଟ୍ଟନାୟକ ଓଡିଶାର ନୌବାଣିଜ୍ୟ ଇତିହାସ, ସାଧବମାନଙ୍କ ଭୂମିକା ଓ ବାଲିଯାତ୍ରାର ମହତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ ଉତ୍କଳ ନୌବାଣିଜ୍ୟ ପରମ୍ପରା ଉତ୍କଳୀୟଙ୍କ ସାହାସୀକତାର ପରିଚୟ। ଅତୀତରେ ପୃଥିବୀର ସବୁ ସଭ୍ୟତା ନୌବାଣିଜ୍ୟ ସହ ଓତଃ ପ୍ରୋତଃ ଭାବେ ଜଡିତ ଥିଲେ। ହେଲେ ବୋଇତ ଓ ବାଲିଯାତ୍ରାକୁ ନେଇ ନିଆରା ପରମ୍ପରା ପୃଥିବୀର ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ଏହା ହିଁ ପ୍ରମାଣିତ କରିଥାଏ କଳିଙ୍ଗ ହେଉଛି ବୋଇତ ଓ ନୌବାଣିଜ୍ୟର ଉଦ୍ଭାବକ ଦେଶ। ଉଦ୍ଭାବକ ଓ ଅନୁଗତ ସଭ୍ୟତାମାନଙ୍କ ଭିତରେ ଆମେ ଉଦାହରଣ ଭାବେ ବାଲିଦ୍ୱୀପକୁ ନେଇପାରିବା। ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ବାଲିଦ୍ୱୀପ ଥିଲା କଳିଙ୍ଗବାସୀଙ୍କର ମୁଖ୍ୟ କେନ୍ଦ୍ର। ସେହି ସମୟରେ ବାଲିଦ୍ୱୀପକୁ ଓଡିଆ ସାଧବମାନେ 'ନାରିକେଳ ଦୀପ' ଭାବରେ ସମ୍ବୋଧିତ କରୁଥିଲେ। ଫଳତଃ କଳିଙ୍ଗ ଓ ବାଲିଦ୍ୱୀପ ମଧ୍ୟରେ ସାମାଜିକ ଧର୍ମଗତ ଓ ସାଂସ୍କୃତିକ ସମ୍ବନ୍ଧ ମିଶିବା ପରେ ସେଠାରେ ଏକ ନୂତନ ମିଶ୍ରିତ ସଂସ୍କୃତିର ଅଭ୍ୟୁଦୟ ଘଟିଥିଲା। ବାଲିଦ୍ୱୀପର ଜନଜୀବନ, ଧର୍ମାଚାର, କଳା, ସଂସ୍କୃତି ଇତ୍ୟାଦିରେ ଉତ୍କଳୀୟ ପ୍ରଭାବ ସୁସ୍ପଷ୍ଟ ହୋଇଉଠୁଛି। ବାଲିଦ୍ୱୀପର ମୋଟ ଜନସଂଖ୍ୟାର ହାରାହାରି ୮୭% ଲୋକ ହେଉଛନ୍ତି ହିନ୍ଦୁ ଧର୍ମାବଲମ୍ବୀ ତାହାକୁ 'ଆଗମ ହିନ୍ଦୁ ଧର୍ମ' ବୋଲି କୁହାଯାଏ। ବାଲିରେ ମାର୍ଗଶୀର ମାସ ଗୁରୁବାର ଦିନ ଶ୍ରୀଦେବୀଙ୍କୁ ଧାନକେଣ୍ଡା ଦ୍ୱାରା ପୂଜା ଓ ପୂଜାର୍ଚ୍ଚନା କରନ୍ତି । ବାଲିଦ୍ୱୀପରେ ମଧ କାଷ୍ଠ ନିର୍ମିତ ତିନିବିଗ୍ରହଙ୍କୁ ନେଇ ସର୍ବସାଧାରଣଙ୍କ ମଧ୍ୟରେ ରଥଯାତ୍ରା ପରି ଯାତ୍ରା ଅନୁଷ୍ଠିତ ହୁଏ। ତେଣୁ ଓଡିଶାର ଧର୍ମଧାରଣା ସହିତ କେଉଁ ଏକ ଅଜଣା କାଳରୁ ବାଲିଦ୍ୱୀପର ଜନମାନସଙ୍କର ଏପରି ସାମସ୍ୟ ରହିଆସିଛିବୋଲି ସେ ମତ ପ୍ରକାଶ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଇତିହାସ ବିଭାଗ ମୁଖ୍ୟ ଅଧାପକ ରନ କୁମାର ବେହୁରା ଆଲୋଚନାଚକ୍ରର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେବା ସହିତ ଇତିହାସ ବିଭାଗ ପକ୍ଷରୁ ଓଡିଶାର ସଂସ୍କୃତି ଓ ପ୍ରାଚୀନ ଇତିହାସକୁ ଉଜ୍ଜୀବିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପମାନ ଉପସ୍ଥାପନ କରିଥିଲେ। ଅଧାପକ ପୃଥ୍ୱୀରାଜ ବିଶ୍ୱାଳ ଅତିଥିପରିଚୟ ପ୍ରଦାନ କରିଥିଲେ। ଶେଷରେ ଅଧାପକ ଶ୍ରୀ ପିଣ୍ଟୁ ପଟେଲ ଧନ୍ୟବାଦ ଦେଇ ଥିଲେ । ଏଥିରେ କଲେଜର ଅଧାପିକା/ଅଧାପକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଧାପକ ପ୍ରଦ୍ୟୁମ୍ନ ପ୍ରଧାନ, ଆଲୋକ ସାହୁ, ଚିନ୍ମୟ ସାମଲ ଅଧାପିକା ଦେବସ୍ମିତା ତ୍ରିପାଠୀ, ଶୁଭଲକ୍ଷ୍ମୀ ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ପାତ୍ର ପରିଚାଳନା କରିଥିଲେ।

## ବାଣିଜ୍ୟ

## ନରମିଲେ ଟ୍ରମ୍ପ: ୨୫୪ ସାମଗ୍ରୀ ଉପରୁ ଶୁଳ୍କ କମାଇଲେ

**ୱାସିଂଟନ/ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ନରମ ଆଭିମୁଖ୍ୟ ପୋଷଣ କରିବାକୁ ଯାଇ ୨୫୪ଟି ସାମଗ୍ରୀ ଉପରେ ପାଲଟା ଶୁଳ୍କ କମାଇଛନ୍ତି। ଏହା ଭାରତ ପାଇଁ ମଧ ପ୍ରଜୁଜ୍ୟ। ଏଥିଯୋଗୁ ଭାରତର କଫି, ଚା, ଫଳ, କାଜୁ, ମସଲା ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ଆମଦାନି ଶୁଳ୍କ ୫୦ ପ୍ରତିଶତରୁ ଶୂନ ପ୍ରତିଶତକୁ କମିବ ବୋଲି ଏ ସଂପର୍କରେ ଅବଗତ ଥିବା ଅଧିକାରୀମାନେ କହିଛନ୍ତି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଗତ ୧୪ ତାରିଖରେ ଏକ ସଂଶୋଧିତ ତାଲିକା (ଅନେକ୍ସଚର-୨) ଜାରି କରାଯାଇଛି। ଚଳିତବର୍ଷ ଅଗଷ୍ଟ ମାସରେ ବିଭିନ୍ନ ଦେଶ ଉପରେ ଲଗାଯାଇଥିବା ପାଲଟା ଶୁଳ୍କ ଏଥିରେ ରହିଛି। ନଭେମ୍ବର ୧୩ରୁ ସଂଶୋଧିତ ଶୁଳ୍କକୁ କାର୍ଯ୍ୟକାରୀ କରାଯାଇଛି। ଅଧିକାରୀମାନଙ୍କ ଠାରୁ ମିଳିଥିବା ଅତିରିକ୍ତ ସୂଚନା ଏବଂ ସୁପାରିସ ଆଧାରରେ ଟ୍ରମ୍ପ ପାଲଟା ଶୁଳ୍କରେ ଏହି ହ୍ରାସ କରିଛନ୍ତି। ୨୫୪ଟି ସାମଗ୍ରୀକୁ ପାଲଟା ଶୁଳ୍କରୁ ବାଦ୍ ଦିଆଯାଇଥିବାବେଳେ ଏଥିରେ ୨୨୯ଟି କୃଷି ସାମଗ୍ରୀ ରହିଛି। ଆମେରିକାକୁ ୨୦୨୪ରେ ଭାରତ କରିଥିବା ୫.୭ ବିଲିଅନ ଡଲାରର କୃଷି ସାମଗ୍ରୀ ରପ୍ତାନି ମଧ୍ୟରୁ ୧ ବିଲିଅନ ଡଲାରରୁ ଅଧିକ ରପ୍ତାନି ଏହାଦ୍ୱାରା ଲାଭବାନ ହେବ। ଆମେରିକା ଭାରତରୁ ୪୮ ପ୍ରକାରର ଫଳ, କାଜୁ ଓ ଏହିଜାତୀୟ ସାମଗ୍ରୀ ଆମଦାନି କରିଥାଏ। କଫି, ଚା' ଏବଂ କୋକୋଆରୁ ପ୍ରସ୍ତୁତ ୫୦ଟି ପ୍ରକ୍ରିୟାକୃତ ଖାଦ୍ୟ ଭାରତରୁ ଆମେରିକା ଆମଦାନୀ କରିଥାଏ। ଅଙ୍କ କେତୋଟିକୁ ଛାଡି ଦେଲେ ଭାରତ ଆମେରିକାକୁ ବ୍ୟାପକ ବର୍ଗର ମସଲା ରପ୍ତାନି କରିଥାଏ।

ଏହାର ମୂଲ୍ୟ ପ୍ରାୟ ୩୫୮.୬୬ ନିୟୁତ ଡଲାର। ସେହିଭଳି ୧୨ ପ୍ରକାରର ଚା ଓ କଫି ସାମଗ୍ରୀ ରପ୍ତାନି କରିଥାଏ ଯାହାର ମୂଲ୍ୟ ୮୨.୫ ନିୟୁତ ଡଲାର। ଯଦିଓ ମୂଲ୍ୟଦୃଷ୍ଟିରୁ ଏହା ସେତେଟା ଅଧିକ ନୁହେଁ ତଥାପି ଭାରତର ଶ୍ରମଭିତ୍ତିକ କୃଷି କ୍ଷେତ୍ର ପାଇଁ ଏହାର ଅନେକ ଗୁରୁତ୍ୱ ରହିଛି। ଭାରତର କୃଷିସାମଗ୍ରୀ ରପ୍ତାନିକାରୀମାନଙ୍କୁ ବଜାରରେ ପ୍ରତିଯୋଗିତା କରିବା ସହଜ ହେବ। ଶୁଳ୍କ ହ୍ରାସ ଫଳରେ ଭାରତର କୃଷି ସମୁଦାୟ ଲାଭବାନ ହେବେ। ବିଶ୍ଳେଷକଙ୍କ ମତରେ କିଛି ଦିନଧରି ମାନ୍ଦା ରହିଥିବା ଚାହିଦାକୁ ବଢ଼ାଇବାରେ ଏହା ସାହାଯ୍ୟ କରିବ। ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପରେ ତାଙ୍କ ଦେଶରେ ଦରଦାମ ସ୍ଥିତି ବେଲଗାମ ହୋଇପଡିଛି। ଦେଶବାସୀଙ୍କୁ ମହଙ୍ଗାରୁ ଆଶ୍ୱସ୍ତି ଦେବା ପାଇଁ ସେ ଖାଦ୍ୟ ସାମଗ୍ରୀ ଉପରୁ ଶୁଳ୍କ କମ୍ କରିଛନ୍ତି।

ୟୁରୋପୀୟ ସଂଘ (ଇୟୁ) ଓ ଭିଏତନାମ ଉପରେ ୧୫-୨୦% ଶୁଳ୍କ ଲାଗିଛି। ଟ୍ରମ୍ପ ଭାରତ ଉପରେ ଶୁଳ୍କ ଦ୍ୱିଗୁଣିତ କରି ୫୦%କୁ ବଢ଼ାଇବା ପରେ ଭାରତୀୟ ଚା, କଫି, ମସଲା ଏବଂ କାଜୁରପ୍ତାନିକାରୀମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ପାଲଟା ଶୁଳ୍କ ୨୫ ପ୍ରତିଶତ ଥିବାବେଳେ ରୁଷ୍ରୁ ତେଲ କିଣୁଥିବାରୁ ଜରିମାନା ଭାବେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ। ଭାରତୀୟ ରପ୍ତାନିକାରୀ ମହାସଂଘ (ଏଫଆଇଇଓ) ମହାନିର୍ଦ୍ଦେଶକ ଅଜୟ ସହାୟ କହିଛନ୍ତି ଯେ ଶୁଳ୍କରେ ହୋଇଥିବା ହ୍ରାସରୁ ୨.୫ ବିଲିୟନ୍ ଡଲାରରୁ ୩ ବିଲିୟନ୍ ଡଲାର ମୂଲ୍ୟର ରପ୍ତାନି ଲାଭ ମିଳିପାରିବ। ବିଶେଷଜ୍ଞଙ୍କ ମତରେ ବର୍ତ୍ତମାନ ଜାରି ରହିଥିବା ବାଣିଜ୍ୟ ଆଲୋଚନା ପାଇଁ ଏହି ଶୁଳ୍କ ହ୍ରାସ ଏକ ସକାରାତ୍ମକ ସଂକେତ। ଚଳିତ ବର୍ଷର ଶୁଳ୍କ ବୃଦ୍ଧି ଦ୍ୱାରା ପ୍ରଭାବିତ ହୋଇଥିବା ରପ୍ତାନିର କିଛି ଅଂଶ ଭରଣା ହୋଇପାରିବ।

ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ ଲବି ଗ୍ରୁପ ପ୍ରତିଷ୍ଠାତା ଅଜୟ ଶ୍ରୀବାସ୍ତବ କହିଛନ୍ତି ଯେ ଭାରତ ଆମେରିକାକୁ ମୁଖ୍ୟତଃ ମସଲା, ଟମାଟୋ, ଫଳ, କଦଳୀ ଏବଂ ଫଳର ରସ ଆଦି ଅଧିକ ପଠାଇ ଶୁଳ୍କ ହ୍ରାସର ଲାଭ ନେଇପାରିବ।

## କିଟ ଇଣ୍ଟରନ୍ୟାସନାଲ ସ୍କୁଲର ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




କିଟ ଇଣ୍ଟରନ୍ୟାସନାଲ ସ୍କୁଲର ବହୁ ପ୍ରତୀକ୍ଷିତ ୧୧ତମ ଜାତୀୟ ଶିଶୁ ସାହିତ୍ୟ ମହୋତ୍ସବ ୨୦୨୫ ରବିବାର ଉଦଯାପିତ ହୋଇ ଯାଇଛି। ଶନିବାର ଓ ରବିବାର ଦୁଇ ଦିନ ଧରି ରଙ୍ଗୀନ ଏବଂ ଉତ୍ସାହଜନକ ଢଙ୍ଗରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ କଳ୍ପନା, ସର୍ଜନଶୀଳତା ଏବଂ କାହାଣୀ କହିବାର ଉତ୍ସାହ ପାଇଁ ଆକର୍ଷିତ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ। ଉଦ୍‌ଘାଟନୀ ଉତ୍ସବର ଆକର୍ଷଣ ଥିଲେ ଅଭିନେତା ବିକ୍ରାନ୍ତ ମାସେ, ଯାହାଙ୍କ ଉପସ୍ଥିତି ଉଦଘାଟନୀ ସମାରୋହରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଆକର୍ଷଣ ବୃଦ୍ଧି କରିଥିଲା।

ଏଥିରେ ଉଦ୍‌ଘାଟକ ଭାବେ ଯୋଗ ଦେଇ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୁବ ଅଂଶଗ୍ରହଣକାରୀଙ୍କୁ କୌତୁହଳ ଏବଂ ସର୍ଜନଶୀଳତାକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସେ କହିଲେ, ଏହି ମହୋତ୍ସବ କେବଳ ପିଲାମାନଙ୍କ ପାଇଁ ପରିକଳ୍ପନା କରାଯାଇଥିଲା। ଭାରତରେ ଅନେକ ସାହିତ୍ୟ ମହୋତ୍ସବ ହେଉଥିବା ବେଳେ, ଆମେ ପ୍ରଥମ ଥର ପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ କରିଥିଲୁ। ୨୦୧୬ରେ ଆମେ ଏଥିରେ 'ଜାତୀୟ' ଶବ୍ଦ ଯୋଡ଼ି କୁନିକୁନି ପିଲାଙ୍କୁ ଜାତୀୟସ୍ତରରେ ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରି ସଫଳ ହୋଇଛୁ। ସେ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା ବଜାୟ ରଖିବା ସହ ପ୍ରତ୍ୟେକ ବକ୍ତାଙ୍କୁ ଧ୍ୟାନର ସହିତ ଶୁଣିବା, ବହି ପଢ଼ିବା ଏବଂ ଲେଖିବାର ଅଭ୍ୟାସ ବଢ଼ାଇବାକୁ ପରାମର୍ଶ ଦେଇଥିଲେ। କେବଳ ଇଣ୍ଟରନେଟ୍ ତୁମକୁ ସାହାଯ୍ୟ କରିବ ନାହିଁ, ଜୀବନରେ ଆଗକୁ ବଢ଼ିପାଇଁ ଶିଶୁ ସାହିତ୍ୟ ମହୋତ୍ସବ ଆରମ୍ଭ ହୋଇଛି ବୋଲି ଶ୍ରୀ ସାମନ୍ତ ସୂଚନା ଦେଇଥିଲେ।

କିଟ ଇଣ୍ଟରନ୍ୟାସନାଲ୍ ସ୍କୁଲର ଚେୟାରପର୍ସନ ତଥା କ୍ଲାଉଡନାଇନ୍‌ର ସମ୍ପାଦିକା ଡ ମୋନାଲିସା ବଳ କହିଲେ, ଏହି ମହୋତ୍ସବ ଅନୁଷ୍ଠାନ ସହିତ ଜଡ଼ିତ ସମସ୍ତଙ୍କ ପାଇଁ ଏକ 'ବିଶେଷ ସ୍ଥାନ' ରଖିଛି। କାରଣ ଏହା ଯୁବ ମନ ମଧ୍ୟରେ ସର୍ଜନଶୀଳତା ଓ ବିବିଧ ଦୃଷ୍ଟିକୋଣକୁ ପୋଷଣ କରେ। ସେ କହିଲେ, ସାହିତ୍ୟ କେବେ ମରେ ନାହିଁ। ତେବେ ସାହିତ୍ୟ ପରବର୍ତ୍ତୀ ପିଢ଼ି ଦ୍ୱାରା ପୁନଃଆବିଷ୍କାର, ପୁନଃବ୍ୟାଖ୍ୟା ଏବଂ ପୁନଃପ୍ରଶଂସିତ ହେବାକୁ ଅପେକ୍ଷା କରୁଛି ବୋଲି ସେ ମତ ଦେଇଥିଲେ।

ବିକ୍ରାନ୍ତ ମାସେ ସଫଳତା ବିଷୟରେ କହି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅନୁପ୍ରାଣିତ କରିଥିଲେ। ସେ କହିଲେ 'ସଫଳତା କେବେ ଏକୁଟିଆ ଆସେନାହିଁ। ଜେନ୍ ଜେଡ୍ ହେଉଛି ମୁଁ ଦେଖିଥିବା ସବୁଠାରୁ ନିର୍ଭୀକ ପିଢ଼ି। ସେହିପରି ପ୍ରସିଦ୍ଧ ଲେଖକ ଏବଂ ମହାନ କାହାଣୀକାର କୋରାଲ ଦାସଗୁପ୍ତା, ପୂର୍ବତନ କ୍ରିକେଟର ହରଭଜନ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ପକ୍ଷରୁ ପ୍ରକାଶ ପାଉଥିବା ପତ୍ରିକା 'କ୍ଲାଉଡନାଇନ'ର ଡିଜିଟାଲ ସଂସ୍କରଣ ଉନ୍ମୋଚିତ ହୋଇଥିଲା।

## 'ବାରାଣସୀ'ର ଟିଜର ରିଲିଜ୍

### ସିନେମାଫିନେମା ଟିଭିଫିବି

**ହାଇଦ୍ରାବାଦ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ସିନେମାକୁ ବିଶ୍ୱସ୍ତରରେ ପହଞ୍ଚାଇଥିବା ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଲି ଏବେ ତାଙ୍କର ଅନ୍ୟ ଏକ ଫିଲ୍ମକୁ ନେଇ ଚର୍ଚ୍ଚାରେ ଅଛନ୍ତି। ଆରଆରଆର ଏବଂ ବାହୁବଳୀ ଭଳି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିବା ଏସ୍‌ଏସ୍ ରାଜାମୌଲି ଏବେ ଏସିଆର ସବୁଠାରୁ ମହଙ୍ଗା ଫିଲ୍ମ ନିର୍ମାଣ କରୁଥିବା ଜଣାଯାଇଛି। ସାଉଥ୍ ସୁପରଷ୍ଟାର ମହେଶ ବାବୁ ଏବଂ ବଲିଉଡ-ହଲିଉଡ ଷ୍ଟାର ପ୍ରିୟଙ୍କା ଚୋପ୍ରାଙ୍କ ଅଭିନୀତ ଏହି ଆକ୍ସନ-ଆଡଭେଞ୍ଚର ସିନେମାଟିର ନାମ 'ବାରାଣସୀ' ରଖାଯାଇଛି। ପ୍ରଶଂସକମାନଙ୍କ ପାଇଁ ହାଇଦ୍ରାବାଦର ରାମୋଜୀ ଫିଲ୍ମ ସିଟିରେ ଏକ ବିଶାଳ କାର୍ଯ୍ୟକ୍ରମ କରାଯାଇ ଫିଲ୍ମର ଟିଜର ରିଲିଜ୍ କରାଯାଇଛି। ଟିଜରରେ କଳାକାରଙ୍କ ପ୍ରଥମ ଲୁକ୍ ଦେଖିବାକୁ ମିଳିଛି। ଟିଜର ରିଲିଜ୍ ପରେ ଫିଲ୍ମକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଯାଇଛି। ଟିଜର ରିଲିଜ୍ ସହ ରାଜାମୌଲି ବାରାଣସୀର ମୁକ୍ତିଲାଭ ତାରିଖ ମଧ ଘୋଷଣା କରିଛନ୍ତି। ୨୦୨୭ ମସିହାରେ ସିନେମାଟି ହଲରେ ରିଲିଜ୍ ହେବ ବୋଲି ସେ କହିଛନ୍ତି।

ସୂଚନା ମିଳିଛି ଯେ, ଯେତେବେଳେ ଏହି ଚଳଚ୍ଚିତ୍ରର ଟିଜର ରିଲିଜ୍ ହେଲା। ସେତେବେଳେ କାର୍ଯ୍ୟକ୍ରମରେ ପ୍ରାୟ ୫୦,୦୦୦ ପ୍ରଶଂସକ ଭିଡ ଜମାଇଥିଲେ। ଇଭେଣ୍ଟ ଆରମ୍ଭ ହେବାକୁ କିଛି ସମୟ ଲାଗିଥିଲେ ବି ପ୍ରଶଂସକମାନେ ଧୈର୍ଯ୍ୟର ସହିତ ଅପେକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୁତି ହାସନ ଲାଇଭ୍ ସଙ୍ଗୀତ ପରିବେଶଣ କରିଥିଲେ। ଫିଲ୍ମରେ ସେ 'ସଞ୍ଚାରୀ' ନାମକ ଗୀତ ଗାଇଥିବା ବେଳେ ଏହାକୁ ସେ ମଞ୍ଚ ଉପରେ ଲାଇଭ୍ ଗାଇଥିଲେ।

ଫିଲ୍ମର ପ୍ରଥମ ଟିଜରରେ ମହେଶଙ୍କୁ ଦେଖିବାକୁ ମିଳିଛି, ଯେଉଁଥିରେ ସେ ଏକ ବିଶାଳ ଷଣ୍ଢ ଉପରେ ବସିଛନ୍ତି। ମହେଶଙ୍କ ମୁହଁରେ ଅନେକ ଆଘାତ ଲାଗିଥିବା ବେଳେ ସେ ତ୍ରିଶୁଳ ଧରି ଷଣ୍ଢ ଉପରେ ବସିଥିବା ଭିଡିଓରେ ଦେଖାଯାଇଛି। ଫିଲ୍ମରେ ମହେଶ ବାବୁଙ୍କ ଚରିତ୍ରର ନାମ ରୁଦ୍ର ରଖାଯାଇଛି।



ଏହି ଫିଲ୍ମରେ ଅଭିନେତ୍ରୀ ପ୍ରିୟଙ୍କାଙ୍କ ଚରିତ୍ର ନାମ ମନ୍ଦାକିନୀ ରଖାଯାଇଥିବା ବେଳେ ତାଙ୍କର ଲୁକ୍ ମଧ ପ୍ରଶଂସକଙ୍କୁ ପସନ୍ଦ ଆସିଛି। ସେ ଏକ ହଳଦିଆ ଶାଢି ପିନ୍ଧି ହାତରେ ବନ୍ଧୁକ ଧରିଥିବା ଦେଖିବାକୁ ମିଳିଛି।

ଏହି ଚଳଚ୍ଚିତ୍ରଟି ୧,୦୦୦ କୋଟି ବଜେଟରେ ନିର୍ମିତ। ଏହି ବଜେଟ୍ ପାଇଁ ଫିଲ୍ମଟି ଏପର୍ଯ୍ୟନ୍ତର ସବୁଠାରୁ ମହଙ୍ଗା ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି। ରାଜାମୌଲି ଏବଂ ମହେଶ ବାବୁ ଉଭୟ ଚଳଚ୍ଚିତ୍ର ପାଇଁ ପାରିଶ୍ରମିକ ନେଇଥିବା ବେଳେ ରିଲିଜ୍ ପରେ ହେବାକୁଥିବା ଲାଭରୁ ୪୦% ନେବେ।

# ଲାଗିଛି ମାଳମାଳ ସିସିଟିଭି କ୍ୟାମେରା, ଅଧିକାଂଶ ଅକାମୀ



**୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡା ସହରରେ ନାମକୁ ମାତ୍ର ଲାଗିଛି ମାଳମାଳ ସିସିଟିଭି କ୍ୟାମେରା । ସେଥିରୁ ଅଧାରୁ ଅଧିକ କ୍ୟାମେରା କାମରେ ଆସୁନି । ଫଳରେ ଅପରାଧ କାର୍ଯ୍ୟକଳାପରେ ବ୍ରେକ୍ ଲାଗି ପାରୁନି । ସଂପ୍ରତି ବୁଗୁଡ଼ା ସହର ସିସିଟିଭି ଅଧିନରେ ରହିଥିବା ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପକୁ ମୁକାବିଲା କରିବାର କ୍ଷମତା ରଖିଥିଲେ ହେଁ କାର୍ଯ୍ୟକ୍ଷମ ହେବାର ଅଳ୍ପ କେତେ ମାସ ମଧ୍ୟରେ ସେଥିରୁ ଅନେକ କାମରେ ଲାଗୁନଥିବାରୁ କୌଣସି ସୁଫଳ ମିଳୁନି । ଏହି କ୍ୟାମେରାଗୁଡିକ ମଧ୍ୟରୁ କେତେକ ୨୪ ଘଣ୍ଟା କାମ କରୁନଥିବା ବେଳେ ଯେଉଁ କେତେକ ଚାଲୁଛି ତାହା ମଧ୍ୟରୁ ପୁଣି କେତେକ ଲାଇଭ୍ ଚାଲୁଥିଲେ ମଧ୍ୟ ରେକର୍ଡିଂ ହେଉନାହି ।

ସୂଚନା ଅନୁସାରେ, ଗତ ୨୦୨୩ ଜାନୁଆରୀ ୬ ତାରିଖରେ ସ୍ଥାନୀୟ ପୋଲିସ ଥାନା ପକ୍ଷରୁ ଆୟୋଜିତ ବୁଗୁଡ଼ା ସହରକୁ ସିସିଟିଭି ଦ୍ୱାରା ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଅବସରରେ ସହରାଞ୍ଚଳର ବଡଶଙ୍ଖ, ନୂଆଁ ବସଷ୍ଟାଣ୍ଡ, ହାଇସ୍କୁଲ ଛକ, ପୁରୁଣା ବସଷ୍ଟାଣ୍ଡ, ମଦନ ମୋହନ ଛକ, ବୁଦ୍ଧଖୋଲ ଗେଟ୍ ଛକ, ସିନେମା ହଲ୍ ଛକ, ବଡଦାଣ୍ଡ, ବାଗଦେବୀ ରୋଡ଼, ଖଦାଳସାହି ଛକ, ଥାନା ରୋଡ ସମେତ ବିଭିନ୍ନ ସ୍ଥାନରେ ପୋଲସରା ବିଧାୟକଙ୍କ ହାତପାଣ୍ଠି ବିନିଯୋଗରେ ୨୨ଟି ସିସିଟିଭି କ୍ୟାମେରା ଖଞ୍ଜା ଯାଇଥିଲା ସେହିପରି ଗ୍ରାମାଞ୍ଚଳର କରସିଙ୍ଗି, ଗୋଲିଆ, ମୋଟାବାଡ଼ି, ମାଣିତରା, ଷୋଳମଇଲି ଆଦି ଗାଁ ଛକରେ ମଧ୍ୟ ସିସିଟିଭି କ୍ୟାମେରା ଲଗାଯାଇ ଅପରାଧିକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଉଥିବା ନେଇ ପୋଲିସ ସୂତ୍ରରୁ ପ୍ରକାଶ ପାଇଥିଲା । ଏହି କ୍ୟାମେରା ଗୁଡିକର ଦାୟିତ୍ୱ ବୁଗୁଡା ପୋଲିସ ହାତରେ ରହିଥିବା ବେଳେ ବୁଗୁଡା ସହରରେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପକୁ ରୋକା ଯାଇ ସହରରେ ଶାନ୍ତି ଶୃଙ୍ଖଳାକୁ ବଳବତ୍ତର ରଖିବାର ଲକ୍ଷ୍ୟ ରହିଥିଲା । ଏହି କ୍ୟାମେରା ମଧ୍ୟମରେ ବାହାରୁ ବୁଗୁଡା ସହରକୁ ପ୍ରବେଶ କରୁଥିବା ଏବଂ ସହରରୁ ବାହାରକୁ ଯାଉଥିବା ଯାନବାହାନ ଠାରୁ ଆରମ୍ଭ କରି ଅସାମାଜିକ ବ୍ୟକ୍ତିଙ୍କ ଉପରେ ନଜର ରଖାଯାଇ ପାରୁଥିଲା । ତେବେ ଅଧିକାଂଶ ସ୍ଥାନରେ ଲାଗିଥିବା କ୍ୟାମେରା କାମ ଦେଉ ନାହିଁ । ଦୁର୍ବୃତ୍ତଙ୍କ ଦ୍ୱାରା କେତେକ ସ୍ଥାନରେ କ୍ୟାମେରାକୁ ଅକାମୀ କରିବା ପ୍ରଚେଷ୍ଟା ହେତୁରୁ ସେଗୁଡିକ ଆବଶ୍ୟକୀୟ ତଥ୍ୟ ସଂଗ୍ରହ ପରିବର୍ତ୍ତେ ଉପର ମୁହାଁ ହୋଇ ଦିନରେ ଆକାଶକୁ ଚାହିଁ ରାତିରେ ତାରା ଗଣିବା କାମରେ ଲାଗିଛନ୍ତି । ଫଳରେ କୌଣସି ଅସାମାଜିକ ଘଟଣାର ତଦନ୍ତ ପାଇଁ ବିଭିନ୍ନ ଦୋକାନରେ ଲାଗିଥିବା କ୍ୟାମେରାର ସହାୟତା ଲୋଡ଼ା ଯାଉଛି । ତେବେ ଅକାମୀ କ୍ୟାମେରାଗୁଡିକୁ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ସଜାଡିବାକୁ ସାଧାରଣରେ ଦାବି ହେଉଛି ।

## ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ତ୍ରୟୋଦଶୀ |
|---|---|
| ୧୮.୧୧.୨୦୨୫ | ନକ୍ଷତ୍ର– ସ୍ୱାତୀ, ତୁଳାଚନ୍ଦ୍ର |

| | |
|---|---|
| ମେଷ | : ନୂତନ ଆୟ କରିବେ । |
| ବୃଷ | : ବନ୍ଧୁ ଦର୍ଶନ ଯୋଗ ରହିଛି । |
| ମିଥୁନ | : ସନ୍ତାନ ଚିନ୍ତାରେ ଦିନ କଟିବ । |
| କର୍କଟ | : ବନ୍ଧୁରେ କଳହ ହେବ । |
| ସିଂହ | : ବ୍ୟବସାୟରେ ଲାଭବାନ ହେବେ । |
| କନ୍ୟା | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ତୁଳା | : ଖୁସି ଖବର ପାଇବେ । |
| ବିଛା | : ଅଯଥା ଖର୍ଚ୍ଚାରେ ପଡ଼ିବେ । |
| ଧନୁ | : ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ମକର | : ପଦୋନ୍ନତି ପାଇବେ । |
| କୁମ୍ଭ | : ଅସହାୟଙ୍କୁ ସାହାଯ୍ୟ ଦେବେ । |
| ମୀନ | : ଆଘାତ ଜନିତ ଭୟ ରହିଛି । |

## ଚାନ୍ଦା ଆଦାୟ ପାଲଟିଛି ବ୍ୟବସାୟ

**ସାକ୍ଷୀଗୋପାଳ, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ଚାନ୍ଦାର ଜୁଲମ । ବିଶ୍ୱଶାନ୍ତି ମହାଯଜ୍ଞ, ମନ୍ଦିର ପ୍ରତିଷ୍ଠା, ତ୍ରିନାଥ ଦେବ ପ୍ରତିଷ୍ଠା, ପୁରାଣ ପାରାୟଣ ପ୍ରମୁଖ କାର୍ଯ୍ୟ ପାଇଁ ବଜାର, ହାଟ ଓ ଗାଁଗୁଡିକରେ ଚାନ୍ଦା ଆଦାୟ ଚାଲିଛି । ଟାଟାମାଜିକ୍ ଗାଡି ଓ ଅଟୋରେ ମାଇକ ଲଗେଇ ଠାକୁରଙ୍କ ଭଜନ ଲଗାଇ ପୁରା ସ୍ପିଡ୍‌ରେ ବିକଟାଳ ରଡି ବୋବାଳି କରୁଛନ୍ତ । ଦିନକୁ ଅତିକମ୍‌ରେ ୨/୪ ଦଳ ଏହିପରି ଆସୁଛନ୍ତି । ଥାଳିରେ ଗୁଡରେ ଗୋଳିଆ ହୋଇଥିବା ଗୋଟା ଚୁଡା କିଛି ଓ ସିନ୍ଦୂର ଏବଂ ଫୁଲ ଧରି ଦୋକାନୀ, ଘରୋଇ ଲୋକ ଏବଂ ବାଟୋଇମାନଙ୍କ ନିକଟରୁ ଚାନ୍ଦା ଆଦାୟ କରୁଛନ୍ତି । ସର୍ବନିମ୍ନ ୧୦ଟଙ୍କାରୁ ଆରମ୍ଭ କରି ଶହେ ଲେଖାଏଁ ଆଦାୟ କରୁଛନ୍ତି । ଏହିପରି ଦେଢମାସ ହେଲା ଚାନ୍ଦା ଆଦାୟ କରାଯାଉଛି । ଲୋକମାନେ ଏବେ ଏପରି ଗାଡି ମାଇକ ବାଜିବା ଦେଖିଲେ ଦୁଆର ବନ୍ଦ କରିଦେଉଛନ୍ତି । ହେଲେ ଦୋକାନୀମାନେ ଚାନ୍ଦା ଦେବାକୁ ବାଧ୍ୟ ହେଉଛନ୍ତି । ଏବେ ସମସ୍ତେ ଚାନ୍ଦା ଗଣି ଗଣି ଅତିଷ୍ଠ ହୋଇପଡିଲେଣି । ଯେତେ ସମାଜର ଅଗ୍ରଗତି ଘଟୁଛି ଲୋକମାନଙ୍କ ମାନସିକତାରେ ପରିବର୍ତ୍ତନ ଘଟୁ ନାହିଁ । ସରକାରଙ୍କ ପକ୍ଷରୁ ମାଗଣା ଚାଉଳ ମିଳୁଥିବାରୁ ଭିକାରିମାନଙ୍କୁ ଆଉ ଦେଖିବାକୁ ମିଳୁନାହାନ୍ତି । ହେଲେ କେତେକ ଯୁବକ କାମଧନ୍ଦା ନକରି ଏପରି ଗୋଟିଏ ସୁବିଧା ଧନ୍ଦାକୁ ଆପଣେଇ ଗାଡିରେ ଆସି ଚାନ୍ଦା ଆଦାୟ କରି ହୋଟେଲରେ ଖାଇବା, ଗୁଟଖା ଆଦି ଖାଇ କିଛି ଆଦାୟ କରି ସନ୍ଧ୍ୟାକୁ ଘରକୁ ଫେରୁଛନ୍ତି । ଏପରି ଭାଣ୍ଡାମି ବନ୍ଦ କରାଯିବାକୁ ପୋଲିସ କର୍ତ୍ତୃପକ୍ଷ ନଜର ଦେବାକୁ ଅଞ୍ଚଳବାସୀଦାବି କରିଛନ୍ତି ।

## ଫାଟିଲା ଓପିଜିସି ପାଉଁଶ ପାଇପ୍ ଲାଇନ

**ଝାରସୁଗୁଡ଼ା, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଝାରସୁଗୁଡ଼ା ଜିଲ୍ଲା ବନହରପାଲି ସ୍ଥିତ ଓଡିଶା ପାୱାର ଜେନେରେସନ କର୍ପୋରେସନ ଓପିଜିସିର ପାଉଁଶ ପାଇପ ଲାଇନ ଫାଟି ଯାଇଛି । ଫଳରେ ଲୋକଙ୍କ ଘରେ ଏବଂ ଚାଷ ଜମିରେ ପାଉଁଶ ପାଣି ପଶି ଯାଇଛି । ରବିବାର ଭୋର ୩ଟାରୁ ଏହି ପାଉଁଶ ପାଇପ ଫାଟିଥିବା ସ୍ଥାନୀୟ ଲୋକେ ସୂଚନା



ଦେଇଛନ୍ତି । ପାଉଁଶ ପାଣି ମାଡି ଯାଇ ୪ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ନଷ୍ଟ ହୋଇଛି । ସେହିପରି ବନହରପାଲିର ଉମାଶଙ୍କର ସିଂହଙ୍କ ଘରେ ପାଉଁଶ ପାଣି ପଶିଛି । ଗୋଟେ ବର୍ଷ ପୂର୍ବରୁ ଓପିଜିସିର ପାଉଁଶ ପୋଖରୀ ହିଡ଼ ଭାଙ୍ଗି ପଶି ଯାଇଥିଲା । ଫଳରେ ବ୍ୟାପକ କ୍ଷତି ହୋଇଥିବା ବେଳେ ଆଜି ପୁଣି ପାଇପ ଫାଟି ପାଉଁଶ ମାଡି ଯିବାରୁ ଲୋକେ ଭୟଭୀତ ଅଛନ୍ତି । ଏହି ପାଉଁଶ ପାଣି ଚାଷ ଜମି, ଘର ଦ୍ୱାର, ଗାଁ ପୋଖରୀରେ ମାଡ଼ିଯାଇ ବ୍ୟାପକ କ୍ଷତି କରିଛି । ଓପିଜିସି ଏହାର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଉ ଏବଂ ଜିଲ୍ଲା ପ୍ରଶାସନ ଓପିଜିସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଅନ୍ୟପଟେ ବହୁଥିବା ପାଉଁଶ ପାଣିକୁ ରୋକାଯିବା ସହ ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବା ଓପିଜିସି ପକ୍ଷରୁ ସୂଚନା ଦିଆଯାଇଛି ।

## କନ୍ୟା ସନ୍ତାନ ଜନ୍ମ ଦେବାରୁ ସ୍ତ୍ରୀଙ୍କୁ ନିର୍ଯାତନା

**ଢେଙ୍କାନାଳ, ୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଚମ୍ପାନାଳିଆ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏହି ଗ୍ରାମର ବାବୁଲି ନାଏକଙ୍କ ଝିଅ ସୁଲୋଚନା ୫ କନ୍ୟା ସନ୍ତାନଙ୍କୁ ଜନ୍ମ ଦେବାରୁ ତାଙ୍କ ସ୍ୱାମୀ ଅକଥନୀୟ ନିର୍ଯାତନା ଦେଉଥିଲେ । ଏହାକୁ ସହି ନ ପାରି ସୁଲୋଚନା ୫ କନ୍ୟା ସନ୍ତାନଙ୍କ ସହ ଘର ଛାଡ଼ି ଚାଲି ଆସିଛନ୍ତି । ଏହି ଘଟଣା ଅଞ୍ଚଳରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଛି ।

ଏ ସଂକ୍ରାନ୍ତରେ ଚମ୍ପାନାଳିଆ ଗ୍ରାମର ବାବୁଲି ନାଏକଙ୍କ ସ୍ତ୍ରୀ ତଥା ସୁଲୋଚନାଙ୍କ ମା' ମୋହନା ଅଭିଯୋଗ କରିଛନ୍ତି । ବାବୁଲିଙ୍କ ଝିଅ ସୁଲୋଚନାଙ୍କୁ ଢେଙ୍କାନାଳ ଜିଲ୍ଲା ଗୁଡ଼ିଆକାଟେଣି ଗ୍ରାମର ଉତ୍ସବ ନାଏକଙ୍କ ପୁଅ ଚୈତନ୍ୟଙ୍କ ସହିତ ୧୪ ବର୍ଷ ତଳେ ବୈଦିକ ରୀତିରେ ବିବାହ



ଦେଇଥିଲେ । ବିବାହ ପରଠାରୁ ଚୈତନ୍ୟ ସ୍ତ୍ରୀଙ୍କୁ ତାଙ୍କ ମାମୁଘରେ ଛାଡ଼ିଦେଇଥିଲେ । ସୁଲୋଚନାଙ୍କ ଘର ଭୁବନ ଥାନା ମୁରୁଗା ଗ୍ରାମରେ । ସେବେଠାରୁ ଚୈତନ୍ୟଙ୍କ ସ୍ତ୍ରୀ ପୁଅକୁ ଚାହିଁଚାହିଁ ୫ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଇଥିଲେ । ପୁଅ ଜନ୍ମ ନ ହେବାରୁ ସୁଲୋଚନାଙ୍କ ଉପରେ ସ୍ୱାମୀ ବାରମ୍ବାର ଅତ୍ୟାଚାର କରିଚାଲିଥିଲେ । ଏପରିକି ୧୫ ଦିନ ପୂର୍ବରୁ ପଞ୍ଚମ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ । ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ଶୁକ୍ରବାର ରାତିରୁ ସୁଲୋଚନା ଜନ୍ମ କରିଥିବା ଶିଶୁକନ୍ୟାମାନଙ୍କୁ ନେଇ ଘରୁ ବାହାରି ଆସିଥିଲେ । କୌଣସି ଉପାୟ ନ ପାଇ ଶୀତ ରାତିରେ ମହିଳା ଜଣଙ୍କ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜର ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବି ନେଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା କର୍ମଚାରୀଙ୍କ ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଥିଲେ । ଖବର ପାଇ ବିଭିନ୍ନ ସେବା ସଂଗଠନ ସହିତ ରାଜ୍ୟ ମାନବାଧିକାର କର୍ମୀ ପହଞ୍ଚିଥିଲେ । ସମସ୍ତ ଘଟଣା ସମ୍ପର୍କରେ ବୁଝାଶୁଝା ପରେ ତାଙ୍କ ସୁରକ୍ଷା ଦାୟିତ୍ୱ ନେଇଥିଲେ । ଘଟଣା ସମ୍ପର୍କରେ ବୁଝାଶୁଝା ପରେ ସମସ୍ତ ସମସ୍ୟାକୁ ନେଇ ପରିବାର ପକ୍ଷରୁ ଭୁବନ ଥାନା ସହିତ ଢେଙ୍କାନାଳ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ଏହି ଘଟଣା ଉପରେ ପୋଲିସ ଗୁରୁତ୍ୱ ଦେଇନାହି ବୋଲି ଅଭିଯୋଗକାରିଣୀ ସୁଲୋଚନାଙ୍କ ମା' କହିଛନ୍ତି ।

ଏ ସଂକ୍ରାନ୍ତରେ ଭୁବନ ଥାନାଧିକାରୀ ଦାୟିତ୍ୱରେ ଥିବା ସୁରପ୍ରତାପପୁର ଫାଣ୍ଡି ଅଧିକାରୀ ସୁବ୍ରତ କୁମାର ସାହୁ କହିଛନ୍ତି । ତଦନ୍ତ ଚାଲିଛି ଗତ ସେପ୍ଟେମ୍ବର ମାସରେ ଅଭିଯୋଗ ହୋଇଥିବା ଅନୁମାନ କରାଯାଉଛି । ଯଥାଶୀଘ୍ର ଘଟଣା ସମ୍ପର୍କରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ ।

## ସାମାନ୍ୟ ବଚସାରୁ ଗଣ୍ଡଗୋଳ, ୨ ଆହତ

**ଗଞ୍ଜାମ, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମ ନିକଟ ରାସ୍ତାରେ ଦୁଇ ଜଣଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟେ ଆହତ ହୋଇଥିବା ଜଣାଯାଇଛି । ଆହତ ଦ୍ୱୟ ହେଲେ ବି.କରଡ଼ାବାଡ଼ି ଗ୍ରାମର ନାରାୟଣ ନାଇକ (୩୫) ଓ ମହୁଲପଲ୍ଲୀ ଗ୍ରାମର ସମ୍ବିତ ସାହୁ (୧୭) । ଘଟଣାରୁ ପ୍ରକାଶ ଯେ, ସମ୍ବିତ ବାଇକ ଯୋଗେ ମହୁଲପଲ୍ଲୀ ଗାଁରୁ ବି.କରଡ଼ାବାଡ଼ି ଗାଁକୁ ବିଲମାଳ ସଂକୀର୍ଣ୍ଣ ରାସ୍ତାରେ ଆସୁଥିବା ବେଳେ ରାସ୍ତା ମଝିରେ ନାରାୟଣ ଠିଆ ହୋଇଥିଲେ । ନାରାୟଣଙ୍କୁ ବାଟ ଛାଡିବା ପାଇଁ ସମ୍ପି କରିବାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ପରେ ଗଣ୍ଡଗୋଳ ହୋଇଥିଲା । ରାସ୍ତାକଡରେ ପଡିଥିବା କାଠବାଡିକୁ ଧରି ଦୁହେଁ ପରସ୍ପରକୁ ଆକ୍ରମଣ କରିଥିଲେ । ଫଳରେ ଉଭୟଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା ଏବଂ ସେମାନେ ଆସି ବୁଗୁଡା ମେଡିକାଲରେ ଭର୍ତ୍ତି ହୋଇଥିଲେ । ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଅଟୋ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଉଦ୍ଦୁକୁଠାରେ ସୋମବାର ଏକ ଦୁର୍ଘଟଣା ଘଟିଛି । ଏକ ଅଟୋ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତ ସାଇକେଲ ଆରୋହୀ ଉଦ୍ଦୁକୁ ଗ୍ରାମର ଅରୁଣ କୁମାର ବେହେରା ବୋଲି ଜଣାପଡିଛି ।

ସୋମବାର ସକାଳେ ଅରୁଣ କୌଣସି କାର୍ଯ୍ୟରେ ନିକଟସ୍ଥ ବଜାରକୁ ଯାଉଥିଲେ । ସେତିକିବେଳେ ପଛପଟୁ ଏକ ଅଟୋ ସାଇକେଲକୁ ଧକ୍କା ଦେଇଥିଲା । ସେ ରାସ୍ତା ଉପରେ ଛଟିକି ପଡ଼ିଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଫଳରେ ଘଟଣାସ୍ଥଳରେ ଅରୁଣଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣା ଘଟାଇଥିବା ଅଟୋଟି ପଶ୍ଚିମବଙ୍ଗର ବୋଲି ଜଣାପଡ଼ିଛି । ଚାନ୍ଦବାଲି ପୋଲିସ ଅଟୋକୁ ଜବତ କରିଥିବା ବେଳେ ଚାଳକଙ୍କ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି । ହେଲେ ଅଟୋ ଚାଳକ ଜଣକ ଘଟଣା ପରେ ଫେରାର ହୋଇଯାଇଛନ୍ତି । ମୃତ ଅରୁଣ ଗରିବ ପରିବାରର ହୋଇଥିବା ବେଳେ ରୋଷେୟା ଭାବେ କାମ କରି ପରିବାର ଚଳାଉଥିଲେ । ସ୍ତ୍ରୀ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ତାଙ୍କର ଦୁଇ ଛୋଟ ପୁଅ ଅଛନ୍ତି । ଅରୁଣଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

## ବାଂଲାଦେଶୀଙ୍କ ଘରେ ବୁଲିଲା ବୁଲଡୋଜର୍

**ଜଗତସିଂହପୁର, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଥାନା ଅଧୀନ ତରିକୁନ୍ଦ ଧନୀପୁର ନିକଟ ବେହେରାମପୁର ଅଞ୍ଚଳରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀଙ୍କ ଘରେ ବୁଲିଲା ବୁଲଡୋଜର୍‌ଛ ଜଗତସିଂହପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବାଂଲାଦେଶୀଙ୍କ ଘରଭଙ୍ଗା ଯାଉଛି । ଏବେ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି । ସେମାନେ ସରକାରୀ ଜାଗାରେ ଘର ତିଆରି କରି ରହୁଥିଲେ । ୬ ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ପୁଲିସ ଅଟକ ରଖାଯାଇଛି । ଦୁଇଜଣଙ୍କୁ ଗିରଫ କରାଯାଇଛି । ଗତକାଲି ପୁଲିସ ବାଂଲାଦେଶୀଙ୍କ ଘରେ ଚଢ଼ଉ କରିଥିଲା । ଏକ ଭଡ଼ା ଘରୁ ଦୁଇ ଜଣ ମହିଳାଙ୍କୁ ପୁଲିସ ଗିରଫ କରିଥିଲା । ସେମାନେ ନିଜକୁ ପଶ୍ଚିମବଙ୍ଗର ଅଧିବାସୀ ବୋଲି ପରିଚୟ ଦେଉଥିବା ବେଳେ କୌଣସି ପରିଚୟପତ୍ର ଦେଖାଇ ପାରୁ ନ ଥିଲେ ।

ଜଗତସିଂହପୁର ଥାନା ଅଧୀନ ତରିକୁନ୍ଦ ଧନୀପୁର ନିକଟ ବେହେରାମପୁର ଅଞ୍ଚଳରେ ସନ୍ଦିଗ୍ଧ ବାଂଲାଦେଶୀ ରହୁଥିବା ଘର ଉପରେ ବୁଲଡୋଜର ଚଳାଇଛି ଜିଲ୍ଲା ପ୍ରଶାସନ । ଗୋଚର ଜମିରେ ନିର୍ମାଣ ହେଉଥିବା ୧୦ ବଖରା ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି । ସେହିପରି ଦୁଇ ମହିଳାଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଆଉ ଦୁଇ ଜଣଙ୍କୁ ଅଟକ ରଖି ପୁଲିସ ତଦନ୍ତ ଚଳାଇଛି । ଏଠାରେ ଉଲ୍ଲେଖଯୋଗ୍ୟ, ବାଂଲାଦେଶୀ ରହୁଥିବା ଅଭିଯୋଗରେ ଗତକାଲି ଦୁଇ ଜଣ ମହିଳାଙ୍କୁ ପୁଲିସ ଗିରଫ କରିଥିଲା । ସେମାନେ ନିଜକୁ ପଶ୍ଚିମବଙ୍ଗର ଅଧିବାସୀ ବୋଲି ପରିଚୟ ଦେଉଥିବା ବେଳେ କୌଣସି ପରିଚୟପତ୍ର ଦେଖାଇ ପାରୁ ନ ଥିଲେ । ସେହିପରି ଘର ମାଲିକ ସିକନ୍ଦର ଆଲମ୍ ସମେତ ୧୦ରୁ ଅଧିକ ପୁରୁଷ ଓ ମହିଳା ଫେରାର ହୋଇ ଯାଇଛନ୍ତି । ଚଢ଼ଉ ବେଳେ ଆକ୍ରମଣରେ ଜଣେ ମହିଳା କନଷ୍ଟେବଳ ଆହତ ହୋଇଛନ୍ତି । ଘରୁ ବନ୍ଧୁକ ଓ ବିପୁଳ ଖଣ୍ଡା, କଟୁରି ଜବତ କରାଯାଇଛି । ଘଟଣାକୁ ନେଇ ଉତ୍ତେଜନା ଦେଖା ଦେବାରୁ ଅଧିକ ପୁଲିସ ମୁତୟନ ହୋଇଛନ୍ତି । ପୁଲିସ ଅଧିକାରୀଙ୍କ ସୂଚନା ଅନୁସାରେ, ସେହି ଘରେ କିଛିଦିନ ହେଲା ବାଂଲାଦେଶୀ ରହୁଥିବା ସୂଚନା ମିଳିଥିଲା । ସେହି ସୂଚନା ଆଧାରରେ ଆଜି ସନ୍ଧ୍ୟାରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ଅଳ୍ପ ସଂଖ୍ୟକ ପୁଲିସ ଥିବାରୁ କେତେକ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ । ଦୁଇ ଜଣ ମହିଳା ଧରା ପଡ଼ି ଯାଇଥିଲେ ।

## କୋର୍ଟର ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କଲେ ଜିଲ୍ଲା ଦୌରା ଜଜ

**ମାହାଙ୍ଗା, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗାର ଜେ.ଏମ.ଏଫ.ସି କୋର୍ଟ ଏବେ କୁଆଁପାଳ ସ୍ଥିତ ଶ୍ରୀକୃଷ୍ଣପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅସ୍ଥାୟୀ ରୂପେ କରୁଥିବାବେଳେ ଏହାର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି କଟକ ଜିଲ୍ଲା ଦୌରା ଜଜ ମାନସ କୁମାର ବାରିକ । ସୂଚନା ମୁତାବକ କୋର୍ଟ ନିର୍ମାଣ ନିମନ୍ତେ ଦୁଇ ଏକରରୁ ଉର୍ଦ୍ଧ୍ୱ ସରକାରୀ ଜମି ଆବଶ୍ୟକତା ରହିଅଛି । ଏ ନେଇ ମାହାଙ୍ଗା ବ୍ଲକକୁ ଲାଗିଥିବା ଜଳେଶ୍ୱରପୁର, ଶ୍ରୀକୃଷ୍ଣପୁର ପଙ୍କାମୁଣ୍ଡାଇ କେନାଲ ପାର୍ଶ୍ୱ, ଜେ.ଏନ କଲେଜ ନିକଟ ଓ ମାହାଙ୍ଗା ବିନୋଦ ବିହାରୀ ନିକଟରେ ଥିବା ସରକାରୀ ଜମି ଆଦିକୁ ପରିଦର୍ଶନ କରିଥିଲେ । ଏଥିସହିତ ଆବଶ୍ୟକୀୟ ଜମି ନ ମିଳିଲେ ଏହି ସବୁ ସରକାରୀ ଜମି ନିକଟରେ ଥିବା ଘରୋଇ ଜମିକୁ ଅଧିଗ୍ରହଣ କରାଯିବା ପାଇଁ ପଦକ୍ଷେପ ନିଆଯାଇ କୋର୍ଟ ଗୃହ ନିର୍ମାଣ କରାଯିବ ବୋଲି ଜଣାଯାଇଛି । ଏହି ପରିଦର୍ଶନ ସମୟରେ ମାହାଙ୍ଗା ତହସିଲଦାର ଶୁଭାଶିଷ ପାଲଟା, କୋର୍ଟ ମ୍ୟାନେଜର ବସନ୍ତ ମହାନ୍ତି, ସରକାରୀ ଓକିଲ ଶ୍ରୀବନ୍ତ ଜେନା, ଆଇନଜୀବୀ ଦୀପକ କୁମାର ମହାନ୍ତି, ଆଇନଜୀବୀ ଗୌତମ ରାୟ ଚୌଧୁରୀ, ସାମ୍ବାଦିକ ଲକ୍ଷ୍ମୀଧର ଖଣ୍ଟିଆ, ସାମ୍ବାଦିକ ଅଶୋକ ଦାଶ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ମାହାଙ୍ଗା ଅଦାଲତରେ କାର୍ଯ୍ୟରତ ଆଇନଜୀବୀ ମାନେ ଅଦାଲତ ପରିସରରେ ଦୌରା ଜଜ ଶ୍ରୀ ବାରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## କଣାସ ଥାନା ଅଞ୍ଚଳରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ

**କଣାସ, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର କଣାସ ଥାନା ଏକ ଉତେଜନାପ୍ରବଣ ଅଂଚଳ ଭାବେ ପୋଲିସ୍ ରେକର୍ଡରେ ବର୍ଣ୍ଣିତ ହୋଇଥିବା ବେଳେ ଥାନାରେ ଆବଶ୍ୟକ ପରିମାଣର ପୋଲିସ୍ ଅଧିକାରୀ ନ ଥିବାରୁ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସଂଗେ ସଂଗେ ଦିନକୁ ଦିନ ଚୋରି ବୃଦ୍ଧିପାଇବାରେ ଲାଗିଛି । ଖବର ନେବାରେ ଜଣାପଡିଛି କଣାସ ଥାନାରେ ଜଣେ ଆଇଆଇସି ଥିବାବେଳେ ତିନିଜଣ ଏସ୍‌ଆଇ ରହିବାର ନିୟମ ଥିବା ବେଳେ ମାତ୍ର ଜଣେ ଏସ୍‌ଆଇ ନିଯୁକ୍ତି ପାଇଛନ୍ତି । ସେହି ଏସ୍.ଆଇ ଙ୍କ ଅସୁସ୍ଥତା ହେତୁ ଛୁଟିରେ ରହିଥିବା ବେଳେ ୫ଜଣ ଏ.ଏସ୍.ଆଇ ରହିବାର କଥା କିନ୍ତୁ ତିନିଜଣ ନିଯୁକ୍ତି ପାଇଥିବା ବେଳେ ଜଣେ ଏ.ଏସ୍.ଆଇ ଛୁଟିରେ ରହିଛନ୍ତି । ଦୁଇଟି ଏ.ଏସ୍.ଆଇ ପଦବୀ ଦୀର୍ଘ ଦିନ ହେଲା ଖାଲି ପଡିଛି । ଦିନକୁ ଦିନ ଚୋରି ବୃଦ୍ଧି ପାଉଥିବା ବେଳେ ଗାଁ ଗହଳିରେ ଅରାଜକତା ସୃଷ୍ଟି ହେଉଥିବା ବେଳେ କେହି ପୋଲିସ୍ ଅଧିକାରୀ ଦେଖିବାକୁ ନଥିବାରୁ ଦିନକୁ ଦିନ ଅରାଜକତା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଅଣ୍ଡାଳସିଂହ ଗ୍ରାମରେ ଘର ଦୁଆର ମୁହଁରେ ରଖାଯାଇଥିବା ମଟରସାଇକେଲ୍‌କୁ କୌଣସି ଦୁର୍ବୃତ୍ତ ଚୋରି କରିନେଇଯାଇଥିବା ଅଭିଯୋଗ ଗତକାଲି କଣାସ ଥାନାରେ ହୋଇଥିବା ବେଳେ ବଳଜିତ୍‌ପୁର ଗ୍ରାମର ବିକ୍ରମ ମହାରଣାଙ୍କ ଘର ପଛପଟ ଝରକା ଭାଙ୍ଗି ପସି ଗଡରେଜ୍ ଭିତରେ ରହିଥିବା ଦୁଇଟି ସୁନା ଚେନ୍, ମଙ୍ଗଳସୂତ୍ର, ଚାରୋଟି ମୁଦି, ପେଣ୍ଡିଫୁଲ ଏକହଳ, ୫ଟି ସୁନା ଲକେଟ୍, ଗୋଟିଏ ରୂପା ବ୍ରେସ୍‌ଲେଟ୍, ଦୁଇ ରୁପା ଚେନ ଓ ନଗଦ ୨୫ହଜାର ଟଙ୍କା ନେଇଯାଇଥିବା ବିକ୍ରମ ମହାରଣା ଆଜି କଣାସ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ପାଇ ପୋଲିସ୍ ପକ୍ଷରୁ ତଦନ୍ତ ଚାଲିଛି ।

## ମଦ ଜବତ, ଜଣେ ଗିରଫ

**କଣାସ, ୧୭।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବା ବେଳେ ଅବକାରି ବିଭାଗ ବଡବାବୁ ମାନେ ନିଦରେ ଶୋଇପଡିଥିବା ବେଳେ କଣାସ ଓ ଗଡିଶାଗୋଦା ଥାନା ଅଧିକାରୀ ଚୋରାମଦ ଧରିବାରେ ଲାଗିପଡିଛନ୍ତି । କଣାସ ଥାନା ଆଇଆଇସି ଗତକାଲି କୌଣସି ସୁତ୍ରରୁ ଖବର ପାଇ ଜଗନ ପାଲଟାସିଂହ ୪୦ବର୍ଷ ନାମକ ଜଣେ ଯୁବକ ଠାରୁ ୧୫ବୋତଲ ଦେଶି ମଦ ଆସ୍କା ଫଟି ଯବତ କରିବା ସହିତ ଜଗନ ପାଲଟାସିଂହଙ୍କୁ ଗିରଫ କରି କଣାସ ଥାନା କେସ୍ ନଂ–୨୭୧/୨୦୨୫ରେ ଏକ ମକଦମା ରୁଜ୍ କରି କୋର୍ଟଚାଲଣ କରିଥିବା ଆଇଆଇସିଙ୍କଠାରୁ ପ୍ରକାଶ ।

## ମୌଳିକ ସୁବିଧାରୁ ବଞ୍ଚିତ ଆଦିବାସୀ ଅଧ୍ୟୁଷିତ ତେଣ୍ଡା

**କପ୍ତିପଦା, ୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାକୃତିକ ପରିବେଶ ମଧ୍ୟରେ ବି ଆସିଥିବା ଏ ଅଞ୍ଚଳର ଜନସାଧାରଣ ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ । ଅନ୍ଧବିଶ୍ୱାସରେ ମଣିଷ ଏଠି ଅସହାୟ । ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି, ଡାହାଣୀ ଭଳି ଭୟଙ୍କର ଭାବନା ମଣିଷର ମନକୁ ଆଚ୍ଛନ୍ନ କରି ରଖିଛି । ସଞ୍ଜ ନଇଁ ଆସିଲେ ଅନ୍ଧାରର ଆଁ ଭିତରେ ଲୁଚି ଯାଏ ଏହି ଗାଁ । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍ କରଣ, ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଏଠି ଅପହଞ୍ଚ । ୨୦୧୯ ମସିହାରେ ପ୍ରାକ୍ତନ ଜିଲା ପରିଷଦ ଅଧକ୍ଷା ଉକ୍ତ ଗ୍ରାମକୁ ପରିଦର୍ଶନରେ ଯାଇ ବିକାଶର ପ୍ରତିଶ୍ରୁତି ଦେଇଥିଲେ । ତାହା ମଧ୍ୟ କଥାରେ ରହିଯାଇଛି ।

କପ୍ତିପଦା ବ୍ଲକର ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ କଳମଗଡ଼ିଆ ପଞ୍ଚାୟତ । ଏହି ପଞ୍ଚାୟତର ଶ୍ରୀପଦମଂଜରୀପୁରଠାରୁ ପାଦଚଲା ରାସ୍ତାରେ ୫କି.ମି. ଗଲେ ପଡ଼େ ଦୁର୍ଗମ ଅଞ୍ଚଳ ତେଣ୍ଡା ଗ୍ରାମ । କଳମଗଡ଼ିଆ ପଞ୍ଚାୟତର ୫ନଂ ୱାର୍ଡ଼ର ୩୦ଟି ପରିବାରର ୧୮୪, ସରଡ଼ିହା ପଞ୍ଚାୟତର ୧୫ଟି ପରିବାରର ୧୨୦



ଜଣ ଏଠାକାର ସ୍ଥାୟୀ ବାସିନ୍ଦା । ବିଶେଷ କରି କୋହ୍ଲ ସଂପ୍ରଦାୟର ଜନସାଧାରଣ ଏଠାରେ ବସବାସ କରୁଥିବାବେଳେ ଉକ୍ତ ଅଞ୍ଚଳକୁ ଲାଗି ରହିଛି କେନ୍ଦୁଝର ଜିଲାର ହାଟଡ଼ିହି ବ୍ଲକର ମଲ୍ଲୀପୋଷି, ସରମୁଣ୍ଡି, ପିତାନାଉ ଓ ବାଲିପାଳ ଗ୍ରାମ । ପ୍ରାଥମିକ ବିଦ୍ୟାଳୟ ନଥିବାରୁ ଅଙ୍ଗନବାଡ଼ିରୁ ପାଠ ପଢ଼ା ସରିଲେ ଶିକ୍ଷାର ଡୋରି ବନ୍ଧା ହୁଏ । ୨୦୧୨ ମସିହାରେ ଖୋଲାଯାଇଥିବା ଏକ ମିନି ଅଙ୍ଗନବାଡ଼ି କେନ୍ଦ୍ରରେ ଘର ନଥିବାରୁ ଏକ ପରିତ୍ୟକ୍ତ ପଲାରେ ଚାଲେ ଅଙ୍ଗନବାଡ଼ି କେନ୍ଦ୍ରଟି । ଚୁଆ, ବିଲ, ନାଳର ପାଣି ଏମାନଙ୍କର ପାନୀୟ । ଯଦିଓ କୂଅଟିଏ ରହିଛି ତାହାର ପାଣିକୁ ପାନୀୟ ଭାବେ ବ୍ୟବହାର କରିପାରନ୍ତି ନାହିଁ । ତେବେ ସବୁଠାରୁ ଦୁଃଖ ପାଲଟିଛି ପାହାଡ଼ତଳେ ଥିବା ଚନ୍ଦନ ନାଳ । ଏହି ଗାଁକୁ କୌଣସି ବିକଳ୍ପ ରାସ୍ତା ନଥିବାରୁ ନାଳରେ ପାଣି ଭର୍ତ୍ତି ହୋଇଗଲେ ଜଳବନ୍ଦୀ ଜୀବନ କାଟିବାକୁ ହୁଏ ଜନସାଧାରଣଙ୍କୁ । ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି, କୁକୁଡ଼ା ବଳି ଭଳି କୁତ୍ସିତ ମାନସିକତା ଏବେବି ବଳବତ୍ତର ।

କୌଣସି ରୋଗୀଙ୍କୁ ଡାକ୍ତରଖାନା ଆଣିବାକୁ ହେଲେ ସଙ୍ଗୀଭାର ହିଁ ଭରସା । ଭାଗ୍ୟ ଥିଲେ ଜୀବନ ଧରି ଗାଁକୁ ଫେରେ ରୋଗୀ । ଯେଉଁଠି ସର୍ବନିମ୍ନ ମୌଳିକ ସୁବିଧା ସ୍ୱପ୍ନ, ସେଠି ବିଜୁଳି ଆଲୁଅ କଥା କେବେବି ଚିନ୍ତା କରିନାହାନ୍ତି ଜନସାଧାରଣ । ଜଙ୍ଗଲ ଥିଲା ଏମାନଙ୍କର ସବୁକିଛି । ଦିନେ ଜଙ୍ଗଲ ନଗଲେ ଘରେ ଚୁଲି ଜଳୁନଥିଲା । ମାତ୍ର ଜଙ୍ଗଲ ଜାତ ଦ୍ରବ୍ୟ ଉପରେ କଟକଣା ଲାଗୁପରେ ଚିରାଚରିତ ଭାବେ ବଞ୍ଚୁଥିବା ଏହି ପରିବାର ଆହାର ଉପରେ ପାହାର ପଡ଼ିଛି । ଖଲି ତିଆରି କରି ୧୦ କିମି ଆସି ବିକ୍ରି କଲେ ପରିବାର ମୁହଁକୁ ଦାନା ଯାଉଛି । ତେବେ ସବୁ ଗ୍ରାମକୁ ପକ୍କା ରାସ୍ତା, ସ୍ୱଚ୍ଛ ପାଣି, ବିଜୁଳି, ଆଲୋକ ସ୍ଲୋଗାନ ଦେଉଥିବା ସରକାର ତେଣ୍ଡା ଗ୍ରାମବାସୀଙ୍କୁ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ମୌଳିକ ସୁବିଧା ଯୋଗାଇ ନଦେବା ଆମ ସଫଳ ପ୍ରଶାସନ ଓ ପ୍ରଶାସକଙ୍କ ପାରିବା ପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କରଞ୍ଜିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପଦ୍ମଚରଣ ହାଇବ୍ରୁ ତାଙ୍କ ପ୍ରତିକ୍ରିୟାରେ କହନ୍ତି, ଚନ୍ଦନ ନାଳରେ ସ୍ଥାୟୀ ପୋଲ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି । ପୋଲ ନିର୍ମାଣ ହେଲେ ଗ୍ରାମର ବିକାଶ ସୁନିଶ୍ଚିତ ହେବ । କପ୍ତିପଦା ବିଡିଓ ରେଶ୍ମା ଟେଟେ କହନ୍ତି ୨୭ ତାରିଖରେ ଶରତଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ତେଣ୍ଡା ଗ୍ରାମର ଜନସାଧାରଣ ଜିଲାପାଳଙ୍କୁ ସାକ୍ଷାତ ତାଙ୍କର ଦୁଃଖ ଜଣାଇଛନ୍ତ । ଖୁବ୍ ଶୀଘ୍ର ଉକ୍ତ ଗ୍ରାମକୁ ଗସ୍ତରେ ଯାଇ ସେମାନଙ୍କର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବି ।

## ଅଙ୍ଗନୱାଡି ଗୃହ ତାଲା ଭାଙ୍ଗିବା ନେଇ ଥାନାରେ ଏତଲା

**ମାହାଙ୍ଗା, ୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅଧିନ ଭଦ୍ରେଶ୍ୱର ପଞ୍ଚାୟତ ପାଣ୍ଡିଆ ଗ୍ରାମରେ ଏକ ନିର୍ମାଣରତ ଅଙ୍ଗନୱାଡି ଗୃହ ଫାଟକର ତାଲା ଭାଙ୍ଗିବା ନେଇ ତପନ କୁମାର ମହାନ୍ତି ଥାନରେ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ପୂର୍ବ ସରକାରଙ୍କ ସମୟରେ ସ୍ଥାନୀୟ ପଞ୍ଚାୟତ ସରପଂଚ ଓ ତତ୍କାଳୀନ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ପାଣ୍ଡିଆ ଅଙ୍ଗନୱାଡି କେନ୍ଦ୍ରର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଏହି ଅଞ୍ଚଳର ତପନ କୁମାର ମହାନ୍ତି ଓ ଖଗେଶ୍ୱର ରାଉତ ଉଭୟ ଆରମ୍ଭ କରିଥିଲେ । ଗୃହର ସମସ୍ତ କାର୍ଯ୍ୟ ହୋଇଥିବାବେଳେ ରଙ୍ଗ କାର୍ଯ୍ୟ ସହିତ ଅଳ୍ପ କିଛି କାର୍ଯ୍ୟ ବାକି ରହିଥିଲା । ଏହି ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ଆବଶ୍ୟକୀୟ ଟାଇଲ, ରଙ୍ଗ, ସିମେଣ୍ଟ ଓ ସାନିଟାରୀ ସାମଗ୍ରୀ ଆଦି ଉକ୍ତ ଗୃହରେ ରଖି ଦାୟିତ୍ୱରେ ଥିବା ଏହି ଦୁଇ ବ୍ୟକ୍ତି ଗୃହର ତାଲା ପକାଇ ରଖିଥିଲେ । ତେବେ ଆଜି ଏହି ଦୁଇ ଜଣ ବ୍ୟକ୍ତିଙ୍କ ଅଜାଣତରେ ଗୃହର ତାଲା ଭଙ୍ଗା ଯାଇ ଦୁଇ ଜଣ ଶ୍ରମିକ ରଙ୍ଗ କାର୍ଯ୍ୟ କରୁଥିବା ଜାଣିବାକୁ ପାଇଥିଲେ । ଉକ୍ତ ଅଙ୍ଗନୱାଡି ଗୃହ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ତପନ ଯାଇ ପଚାରିବାରୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ଏହି ରଙ୍ଗ କାର୍ଯ୍ୟ କରିବାକୁ କହିଥିବା କହିଥିଲେ । ତପନ ଏ କଥା ଜାଣିବା ପରେ ଗୃହ ତାଲା ଭାଙ୍ଗି ଦୁଇ ଲକ୍ଷ ଟଙ୍କାର ଜିନିଷ ପତ୍ର ନେଇ ଯାଇଥିବା ସ୍ଥାନୀୟ ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ବ୍ଲକ ପ୍ରଶାସନର ବିନା ଉପସ୍ଥିତିରେ କିପରି ଏହି ଗୃହର ତାଲା ଭଙ୍ଗାଗଲା ତାହାକୁ ନେଇ ନାନା ପ୍ରଶ୍ନ ଉଠିଛି । ଏ ସଂପର୍କରେ ଦାୟିତ୍ୱରେ ଥିବା ଏଏସଆଇ ଶ୍ୟାମସୁନ୍ଦର ସାହୁଙ୍କୁ ଯୋଗାଯୋଗ କରିବାରୁ ଏଥିନେଇ ଅଭିଯୋଗ ପାଇଛି । ଉଭୟ ପକ୍ଷଙ୍କୁ ଥାନାକୁ ଡକାଯାଇ ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ ।

ହଁ, ଶୀତ ବଢ଼ିଛି କିନ୍ତୁ ପରିବାର ଦରରେ ଏବେବି ତାତି । ଅଧିକାଂଶ ପରିବା ଦର ୬୦ରୁ ୮୦ ଟଙ୍କା ରହିଛି କେଜି ପ୍ରତି । ଫୁଲକୋବିରେ ବି ତାତି । ଗୋଟାକୁ ୫୦-୬୦ ଟଙ୍କାରେ କିଣିବାକୁ ପଡୁଛି । କୋବି ଏବଂ ଟମାଟୋ ଦର ତଳମୁହାଁ ହୁଏ ଏ ବେଳରେ । ଏବେ ଟମାଟୋ କିଲୋ ୬୦ ଟଙ୍କା ରହିଛି । ଏଇ ସମୟକୁ ଚାହିଁଥାନ୍ତି ନିଅଣ୍ଟିଆ ମଣିଷମାନେ । ଯେଉଁମାନେ ସବୁ ପରିବା ସବୁବେଳେ କିଣିପାରନ୍ତିନି । ଅଳ୍ପ ଟଙ୍କାରେ ବ୍ୟାଗ ଭର୍ତ୍ତି ପରିବା ମିଳିଯାଏ ଏ ସମୟରେ, କିନ୍ତୁ ଏଥର ସେମିତି ହେଉନି । କଲରା ଦର ପଚାରିଲେ ପରିବା ଦୋକାନୀ କହୁଛି- ଅଧକିଲୋକୁ ୪୦ ଟଙ୍କା । ୮୦ ଟଙ୍କା ଶୁଣିଲେ କାଳେ ଗ୍ରାହକ ଚମକିବ ଏଇ କାରଣରୁ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୮ ନଭେମ୍ବର, ୨୦୨୫ | ମଙ୍ଗଳବାର


# ଓଡ଼ିଶା ଏକ୍ସପ୍ରେସ୍

## ପରିବା ଦର ତାତିକୁ କମେଇପାରୁନି ଶୀତ

**ଶୀ**ତ ଆସିଛି । ଆମ ରାଜ୍ୟରେ ଶୀତ ଖୁବ୍ କମ୍‌ଦିନ ପାଇଁ ଅନୁଭୂତ ହୁଏ । ଯେଉଁ ଦରବ ଅଳ୍ପ ମିଳେ ତା'ର ଚାହିଦା ସବୁବେଳେ ଅଧିକ । ଶୀତ ଆସିବା ଆସିବା ହେଉଥିବା ବେଳେ ମନ ଖୁସିରେ ଯେମିତି ଭରିଯାଏ, ଫେରିଗଲା ବେଳକୁ ଠିକ୍ ସେମିତି ମରିଯାଏ। କଦବା କ୍ୱଚିତ୍ ଆସୁଥିବା ଅତିଥିଙ୍କ ଭଳି ଶୀତର ଖୁବ୍ ଆଦର ଆମ ରାଜ୍ୟରେ। ଗ୍ରୀଷ୍ମ ତ ସବୁଦିନିଆ କୁଣିଆ ଭଳି । ସବୁବେଳେ ଥାଏ ସାଥିରେ ।

ଶୀତର ପରଶରେ ଫୁଲ ବଗିଚାର ଫୁଲମାନେ ଫୁଲେଇ ହେଲେଣି । ପ୍ରଲୁବ୍ଧ ହେଲେଣି ପ୍ରଜାପତି । ଫ୍ଲାମିଙ୍ଗୋ ପକ୍ଷୀ ଡେଣା ଝାଡ଼ିଲାଣି ଚିଲିକା ହ୍ରଦରେ । କଅଁଳ ସକାଳରେ ବୁଢ଼ୀଆଣି ଜାଲରେ ଧରାଦେଲାଣି କାକର । ମର୍ଣ୍ଣିଂୱାକ୍ ଏଇ କାରଣରୁ ଅଧିକ ଉପଭୋଗ୍ୟ ହେଉଛି ଏବେ । ଶୀତ ଟିକେ କଷ୍ଟ ଦେଉଛି ବୟସ୍କ ଲୋକଙ୍କୁ । ସେମାନଙ୍କ ଆଗରେ ଶୀତର ପ୍ରଶଂସା କରନ୍ତୁନି, ସେମାନଙ୍କୁ ବାଧିବ । ଶୀତ ସହିଲା ଭଳି ବୟସ ଯେ ଆଉ ନାହିଁ ତାଙ୍କର- ଏକଥା ମନେପକେଇ ଦିଅନ୍ତୁନି ସେମାନଙ୍କୁ ।

ସେତେବେଳେ ଶୀତ ଆସୁଥିଲା କାର୍ତ୍ତିକରେ । ଏବେ କ୍ୟାଲେଣ୍ଡର ସହ ତାଳ ଦେଇପାରୁନି ଶୀତ । ଏ ବର୍ଷ ତ କାର୍ତ୍ତିକରେ ଶୀତର ଦେଖାନଥିଲା । ଖୁବ୍ ହରକତ କରେ ସିଏ ହବିଷ୍ୟାଳୀ ବୁଢ଼ୀମାନଙ୍କୁ । ଏବର୍ଷ ସେମାନଙ୍କ ପାଇଁ ଖୁବ୍ ଦରଦୀ ହୋଇଥିଲା ଶୀତ। କାର୍ତ୍ତିକ ପରେ ପଡ଼ିଛି ଶୀତ ।

ଫୁଟ୍‌ପାଥ୍‌ରେ କମ୍ବଳର ଥାକ ଦେଖିବାକୁ ମିଳିଲାଣି । ଶୀତକୁ ଅପେକ୍ଷା କରିଥିଲେ କମ୍ବଳ ବେପାରୀମାନେ । ଶୀତ ବଢ଼ିଲେ ସେମାନଙ୍କର ବେପାର ଜମେ। ସେମାନଙ୍କ ମୁହଁରେ ଏବେ ହସ ।

ଶୀତ ବଢୁଛି, ସଂଜ ନଇଁଲେ ବେଶ୍ ବାଧୁଛି । ଯେଉଁମାନେ ଶାଲ, ସ୍ୱେଟର, ଜ୍ୟାକେଟ୍ କାଢ଼ିନଥିଲେ ଏବେ କାଢ଼ିବାକୁ ବାଧ ହେଲେଣି । ଉଗ୍ର ଆଧୁନିକାମାନେ ମଧ୍ୟ ଦେହକୁ ଢାଙ୍କିନେଲେଣି ଶୀତ ପୋଷାକରେ । ସୁନ୍ଦରୀଙ୍କ ଶତ୍ରୁ ଶୀତ । ଚିକ୍କଣ ତ୍ୱଚାର ମସୃଣତା କମାଇଦିଏ ଶୀତର ଛୁଆଁ ।

ହଁ, ଶୀତ ବଢ଼ିଛି କିନ୍ତୁ ପରିବାର ଦରରେ ଏବେବି ତାତି । ଅଧିକାଂଶ ପରିବା ଦର ୬୦ରୁ ୮୦ ଟଙ୍କା ରହିଛି କେଜି ପ୍ରତି । ଫୁଲକୋବିରେ ବି ତାତି । ଗୋଟାକୁ ୫୦-୬୦ ଟଙ୍କାରେ କିଣିବାକୁ ପଡୁଛି । କୋବି ଏବଂ ଟମାଟୋ ଦର ତଳମୁହାଁ ହୁଏ ଏ ବେଳରେ । ଏବେ ଟମାଟୋ କିଲୋ ୬୦ ଟଙ୍କା ରହିଛି ।

ଏଇ ସମୟକୁ ଚାହିଁଥାନ୍ତି ନିଅଣ୍ଟିଆ ମଣିଷମାନେ । ଯେଉଁମାନେ ସବୁ ପରିବା ସବୁବେଳେ କିଣିପାରନ୍ତିନି । ଅଳ୍ପ ଟଙ୍କାରେ ବ୍ୟାଗ ଭର୍ତ୍ତି ପରିବା ମିଳିଯାଏ ଏ ସମୟରେ, କିନ୍ତୁ ଏଥର ସେମିତି ହେଉନି । କଲରା ଦର ପଚାରିଲେ ପରିବା ଦୋକାନୀ କହୁଛି- ଅଧକିଲୋକୁ ୪୦ ଟଙ୍କା । ୮୦ ଟଙ୍କା ଶୁଣିଲେ କାଳେ ଗ୍ରାହକ ଚମକିବ ଏଇ କାରଣରୁ ।

କେବଳ ଆଳୁ-ପିଆଜ ଟିକେ ସାଥ୍ ଦେଇଛି ଗରାଖଙ୍କୁ । ନହେଲେ ଅନ୍ୟ ସବୁ ପରିବା ଦର ଚଢ଼ା ରହିଛି ।

ଶୀତ ଆସିଛି । ପିକନିକ ଋତୁ ଏଇଟା । ଲୋକେ ବୁଲାବୁଲି ପାଇଁ ମନ କଲେଣି । ଅନେକେ ବାହାରି ସାରିଲେଣି । ଶୀତ ଆମ ରାଜ୍ୟରେ କମ୍ ଅନୁଭୂତ ହୁଏ । ଅବଶ୍ୟ ଦାରିଙ୍ଗବାଡ଼ିର ପାରଦ ଖସୁଛି । ୫.୮ ଡିଗ୍ରୀ ରହିଛି । ଯେଉଁମାନେ ଶୀତର ଅନୁଭବ ନେବା ପାଇଁ ଚାହୁଁଛନ୍ତି ସେମାନେ ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ି ଯିବାକୁ ମନସ୍ଥ କରିଛନ୍ତି ।

୧୮ ତାରିଖରୁ ଶୀତ କମିବ, ପୁଣି ୩୦ରୁ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଉପକୂଳ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଏବଂ ପଶ୍ଚିମ ଓଡ଼ିଶାରେ ମଧ୍ୟ ଶୀତ ତା'ର ସ୍ଥିତି ଜମେଇ ନେଲାଣି ।

ଶୀତ ଆମ ପାଇଁ ଅଳ୍ପଦିନର ସାଥୀ, ତେଣୁ ଖୁବ୍ ଉପଭୋଗ କରନ୍ତୁ ଶୀତକୁ । ଶୀତ ବଇରୀ ମଧ୍ୟ ହୋଇପାରେ ବୟସ୍କଙ୍କ ପାଇଁ, ତେଣୁ ଟିକେ ସାବଧାନ ଥିବେ ।

# ସମ୍ବିଧାନ ସମ୍ମତ ଗଣତନ୍ତ୍ରରେ ଜଣଙ୍କ ହାତରେ ସମସ୍ତ କ୍ଷମତା ଠୁଳହେବା ଉଚିତ ନୁହେଁ



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

**ତୁଷାରକାନ୍ତ**

ସଦବିବେଚନା (Discretion) ହେଉଛି ବିଜ୍ଞାନଭିତ୍ତିକ । ବିବେକବାନ ବ୍ୟକ୍ତିଙ୍କ ସଦବିବେଚନା, ବିବେକ 'ମିଥ୍ୟା ଓ ସତ୍ୟ, ଠିକ ଓ ଭୁଲ'କୁ ସଠିକରୂପେ ବିବେଚନା କରିଥାଏ । ଏହା ସେମାନଙ୍କର ନିଜର ବ୍ୟକ୍ତିଗତ ଇଛା, ନିଜର ଲୋକମାନଙ୍କୁ କରୁଥିବା ସ୍ନେହ ଉପରେ ଆଧାରିତ ହୋଇନଥାଏ । କିନ୍ତୁ, 'ସମ୍ବିଧାନ ସମ୍ମତ ଗଣତନ୍ତ୍ର'ରେ ଜଣଙ୍କ ହାତରେ ସମସ୍ତ ତଥା ପ୍ରତିବାଦ ବିହୀନ କ୍ଷମତା ଠୁଳହେବା ଉଚିତ ନୁହେଁ, ଏହା ପାପ ।

ଏହା ହେଉଛି 'ଅତୀତରେ ବ୍ରିଟେନର ସଲିସିଟର ଜେନେରାଲ ରହିଥିବା ମିଷ୍ଟର ଏଡୱାର୍ଡ କୋକ' କହିଥିବା 'Discretion is a science, discerning between falsify truth, between right wrong, is not to do according to the will private affection. Absolute discretion is, however a constitutional blasphemy' କଥାଟିର ଓଡ଼ିଆଭାଷାରେ ଆପାତତଃ ଅନୁବାଦିତ ସାରାଂଶ ।

ଆଜିର ଏହି ପ୍ରବନ୍ଧଟିରେ, ପଣ୍ଡିତ ଜବାହରଲାଲ ନେହରୁଙ୍କ ଭଳି ଜଣେ ବିବେକବାନ ବ୍ୟକ୍ତିଙ୍କର ଗୋଟିଏ ଅସଦବିବେଚନା (Bad Discretion) ପଦକ୍ଷେପ ଉପରେ ଆଲୋଚନା କରିବା ।

୧୯୫୭ ମସିହାରେ 'ଭାରତୀୟ କମ୍ୟୁନିଷ୍ଟ ପାର୍ଟି-CPI' (ସେତେବେଳେ ଏତେଭାଗ ହୋଇନଥିଲା), 'ବୁଲେଟ ନୁହେଁ, ବ୍ୟାଲଟ ପେପର' ଜରିଆରେ କେରଳ ବିଧାନସଭା ନିର୍ବାଚନରେ ଜିତାପଟ ହାସଲ କରିବା ପରେ, କମ୍ରେଡ ଇଏମଏସ ନମ୍ବୁଦିପଦ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏଥିରେ ଆମେରିକାର ଶାସକବର୍ଗ ହତପ୍ରଭ ହୋଇଯାଇଥିଲେ । ତା୧.୧୧.୧୯୫୬ ମସିହାରେ କେରଳ ପ୍ରଦେଶର ଗଠନ ପୂର୍ବରୁ, ତାହା 'ତ୍ରାଭାଙ୍କୋର-କୋଚିନ ଷ୍ଟେଟ' ରୂପେ ନାମିତ ଥିଲା । ୧୯୪୯ ମସିହାରୁ ୧୯୫୬ ମସିହା ଭିତରେ ଏଠାରେ ୪ଥର କଂଗ୍ରେସ ନେତୃତ୍ୱାଧୀନରେ ଓ ଥରେ ପ୍ରଜା ସୋସଲିଷ୍ଟ ପାର୍ଟି ନେତୃତ୍ୱାଧୀନରେ ସରକାର ଗଠିତ ହୋଇଥିଲା । କିନ୍ତୁ ଏହି ସରକାରଗୁଡିକର ସ୍ଥାୟିତ୍ୱ ନଥିଲା । ତା୫.୪.୧୯୫୭ରିଖରେ କମ୍ରେଡ ଇଏମ୍‌ଏସ୍ ନମ୍ବୁଦିପଦଙ୍କ ନେତୃତ୍ୱରେ ଗଠିତ ଅଭିଭକ୍ତ 'ଭାରତୀୟ କମ୍ୟୁନିଷ୍ଟ ପାର୍ଟି-CPI' ସରକାର ମୂଳରୁ ସ୍ଥାୟୀତ୍ୱର ସୂଚନା ଦେଖାଇଥିଲା । ଏହି ସରକାରଙ୍କ ତରଫରୁ 'ଶିକ୍ଷାର ପ୍ରଗତି ଓ ଭୂସଂସ୍କାର ଜରିଆରେ ଗରିବଙ୍କୁ ଜମି ବଣ୍ଟନ ପ୍ରକ୍ରିୟା'କୁ ପୂର୍ବର ସରକାରଗୁଡିକ ପ୍ରଚଳନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ, ଶିକ୍ଷାକ୍ଷେତ୍ରରେ ଦବଦବା ରଖିଥିବା 'କ୍ୟାଥୋଲିକ ଚର୍ଚ୍ଚ' ଓ ଜମିଦାର ବର୍ଗର NAIR SERVICE SOCIETY - NSS' ତରଫରୁ ଏଭଳି ପ୍ରଚେଷ୍ଟାର ଘୋର ବିରୋଧ କରାଯାଇଥିବାରୁ ସେହି ସରକାରଗୁଡିକ ଏ ଦିଗରେ ସଫଳ ହୋଇନଥିଲେ । କିନ୍ତୁ କମ୍ୟୁନିଷ୍ଟ ପାର୍ଟିର ସରକାର ଏହି ଦୁଇଟି କାର୍ଯ୍ୟକ୍ରମ ଉପରେ ଜୋର ଦେବାରୁ ଏହି ଦୁଇଗୋଷ୍ଠୀ ଅତ୍ୟନ୍ତ ଭୟଭୀତ ଓ କ୍ଷୁବ୍ଧ ହୋଇ ଏହି ସରକାରକୁ ହଟେଇବା ଚାହୁଁଥିଲେ । କଂଗ୍ରେସ ଓ ପ୍ରଜା ସୋସଲିଷ୍ଟ ପାର୍ଟି ମଧ୍ୟ ଏମାନଙ୍କୁ ସାହାଯ୍ୟ କରିଥିଲେ । କମ୍ୟୁନିଷ୍ଟ ପାର୍ଟିର ସରକାରଙ୍କୁ Revolutionary Socialist Party of India ତରଫରୁ ପ୍ରଥମାବସ୍ଥାରେ ସହଯୋଗ କରାଯାଇଥିଲେ ମଧ୍ୟ, ପରେ ସେମାନେ ସହଯୋଗୀତାରୁ ଓହରି ଯାଇଥିଲେ ।

ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଆଇଜେନହାୱର (Dwight D. Eisenhower) 'କେରଳର ବିରୋଧୀଦଳ କଂଗ୍ରେସ ଅଥବା କେନ୍ଦ୍ରରେ ଥିବା କଂଗ୍ରେସ ସରକାରଙ୍କ ତରଫରୁ ଏଭଳି ସରକାରକୁ ହଟେଇବାର କୌଣସି ଯୋଜନା ନଥିବାର' ଅନୁଭବ କରି, ଏହା ଉପରେ ଯଥାଯଥ ପଦକ୍ଷେପ ଗ୍ରହଣ କରିବାକୁ ତାଙ୍କ ଅଧିନସ୍ଥ CIAକୁ ନିର୍ଦ୍ଦେଶ ଦେଇଥିଲେ ।

CIA ତରଫରୁ ୧୯୫୭ରେ କେରଳରେ ଏଭଳି ସରକାର ଗଠନ ପରଠାରୁ ତା୩୧.୭.୧୯୫୯ରିଖରେ ଏହି ସରକାରଙ୍କୁ ନେହରୁଙ୍କ କେନ୍ଦ୍ର ସରକାରଙ୍କ କର୍ତ୍ତୃକ ବରଖାସ୍ତ ପର୍ଯ୍ୟନ୍ତ କଂଗ୍ରେସ ଦଳର କର୍ମକର୍ତ୍ତା, ଶ୍ରମିକ ସଙ୍ଗଠନର ନେତା ତଥା ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତା ଏସ.କେ.ପାଟିଲଙ୍କୁ ଯଥେଷ୍ଟ ଅର୍ଥ ଦିଆଯାଇ କେରଳରେ ଅସ୍ଥିରତା ସୃଷ୍ଟି କରିବାକୁ କୁହାଯାଇଥିଲ ।

ତଦନୁସାରେ, ୧୯୫୯ ମସିହା ଜୁଲାଇ ମାସରେ ସେଠାରେ ଭୀଷଣ ଗଣ୍ଡଗୋଳ ସୃଷ୍ଟି କରାଯାଇ ତା୩୧.୭.୧୯୫୯ରିଖରେ ସେହି ସରକାରଙ୍କୁ ବରଖାସ୍ତ କରାଯାଇଥିଲା ।

ସେତେବେଳେ ଭାରତରେଥିବା ଆମେରିକାର ରାଷ୍ଟ୍ରଦୂତ Ellsworth Bunker, CIAର ଏଭଳି ଯୋଜନାକୁ ସମର୍ଥନ କରି କହିଥିଲେ 'ସୋଭିଏତ ରାଷ୍ଟ୍ରସଙ୍ଘ ତରଫରୁ କେରଳର କମ୍ୟୁନିଷ୍ଟମାନଙ୍କୁ ଯଥେଷ୍ଟ ଅର୍ଥ ଦିଆଯିବା ବାବଦରେ ତାଙ୍କ (ରାଷ୍ଟ୍ରଦୂତ) ପାଖରେ ଯଥେଷ୍ଟ ପ୍ରମାଣ ଥିଲା । ଗଣତନ୍ତ୍ରର ହତ୍ୟାକାରୀ କମ୍ୟୁନିଷ୍ଟମାନଙ୍କ ବିରୁଦ୍ଧରେ CIA ଉଚିତ ପଦକ୍ଷେପ ଗ୍ରହଣ କରିଥିଲା, ଯାହା ୧୯୪୫ ମସିହାରୁ ଆମେରିକାର ବିଭିନ୍ନ ବନ୍ଧୁଦେଶଗୁଡିକରେ ଚାଲୁଥିଲା ।'

୧୯୫୭ ମସିହାରେ ଆମଦେଶର ଗୁଇନ୍ଦାସଂସ୍ଥା 'Intelligence Bureau-IBର ମୁଖ୍ୟଥିବା ବି.ଏନ. ମଲ୍ଲିକ, ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ନେହରୁଙ୍କୁ ଦେଇଥିବା ଗୋଟିଏ ରିପୋର୍ଟରେ ଦର୍ଶାଇଥିଲେ ଯେ, 'କେରଳର ଶାସନକାର୍ଯ୍ୟ ଚଳାଇବାକୁ CPIର ନେତୃବୃନ୍ଦ ସୋଭିଏତ ସଂଘର କମ୍ୟୁନିଷ୍ଟ ପାର୍ଟିର କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରିଥିଲେ ।'

ଏଥିରେ ବିଚଳିତ ହୋଇ, ଶ୍ରୀ ନେହରୁ, ସୋଭିଏତ ସଂଘର ଭାରତରେ ଅବସ୍ଥାପିତ ତତ୍କାଳୀନ ରାଷ୍ଟ୍ରଦୂତ ମିଖାଇଲ ମିନଶୋଭକଙ୍କୁ ଡକେଇ, କେରଳ ବ୍ୟାପାରରେ ସୋଭିଏତ ସଂଘ ତରଫରୁ ହସ୍ତକ୍ଷେପ କରାଯିବାକୁ ସତର୍କ କରାଇଥିଲେ ।

ଏହି ସମୟରେ 'କେରଳରେ ବ୍ରିଟେନର ହସ୍ତକ୍ଷେପ' ବାବଦରେ କୌଣସି ସବିଶେଷ ତଥ୍ୟ ଲୋକଲୋଚନକୁ ଆସିନଥିଲା । ସେତେବେଳେ, ବ୍ରିଟିଶ ଶାସନ ତରଫରୁ ଭାରତରେଥିବା ରାଷ୍ଟ୍ରଦୂତ ମାଲକମ ମ୍ୟାକଡୋନାଲ୍ଡ, ବ୍ରିଟିଶ ସରକାରଙ୍କୁ 'କେରଳର କମ୍ୟୁନିଷ୍ଟ ଦଳର ସରକାରଙ୍କର ବାବଦରେ ଆମେରିକାର ଚିନ୍ତା' ଉପରେ ଅବଗତ କରାଇଥିଲେ । 'କେରଳକୁ ଭାରତର 'ୟେନାନ(*)' ରୂପେ ବର୍ଣ୍ଣନା କରି ସେ ମତବ୍ୟକ୍ତ କରିଥିଲେ ଯେ 'ଯଦି ପ୍ରତିରୋଧ କରାନଯାଏ, ତେବେ କେରଳର କମ୍ୟୁନିଷ୍ଟ ସରକାରଙ୍କ ଜରିଆରେ ସମଗ୍ର ଦେଶରେ ଏଭଳି ପରିସ୍ଥିତି ସୃଷ୍ଟି କରାଯିବ, ଯାହାର ପ୍ରତିରୋଧ କଂଗ୍ରେସ ପକ୍ଷରେ ସମ୍ଭବପର ହେବନାହିଁ ।' ମ୍ୟାକଡୋନାଲ୍ଡଙ୍କ ପରାମର୍ଶକ୍ରମେ ବ୍ରିଟିଶ ସରକାରଙ୍କ ତରଫରୁ ଆମେରିକାର CIA ସହିତ ଯୋଗାଯୋଗ କରାଯାଇଥିଲା ।

ବ୍ରିଟିଶ ସରକାରଙ୍କର ଲଣ୍ଡନରେଥିବା ଅଭିଲେଖାଗାର (Archives) ତରଫରୁ ସଦ୍ୟ ପ୍ରକାଶିତ ତଥ୍ୟରେ ବର୍ଣ୍ଣନା ଅଛି ଯେ,

୧୯୫୭ ମସହାରେ କେରଳର "କମ୍ୟୁନଷ୍ଟ ନେତୃମଣ୍ଡଳୀ"



'ସେତେବେଳର ଜାଠଦଳର ପ୍ରଧାନମନ୍ତ୍ରୀ ହାରୋଲ୍ଡ ମ୍ୟାକମିଲାନଙ୍କ ତରଫରୁ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରାଯାଇଥିଲା । British Secret Intelligence Services (M-16) , The U.K Secret Services (M-16) ଏବଂ ଆମ ଦେଶର IB ଭିତରେ ସହଯୋଗିତା ବୃଦ୍ଧି କରାଯାଇ, ଆମ ଦେଶର କଂଗ୍ରେସ ନେତା ଶ୍ରମିକ ସଙ୍ଗଠନର ନେତାମାନଙ୍କୁ ବ୍ରିଟେନକୁ ନିଆଯାଇ କେରଳରେ ଅସ୍ଥିରତା ସୃଷ୍ଟି କରିବାକୁ ତାଲିମ୍ ଦିଆଯିବାର ବ୍ୟବସ୍ଥା କରାଯାଇଥିଲା ।'

୧୯୫୮ ମସିହାରେ IB ପ୍ରମୁଖ ଶ୍ରୀ ମଲ୍ଲିକ ଏଭଳି କାର୍ଯ୍ୟକ୍ରମପାଇଁ ସହମତି କରିଥିଲେ । ଏହି ଯୋଜନାକୁ ନେହରୁଙ୍କ ବ୍ୟକ୍ତିଗତ ସଚିବ ଓ.ପି. ମଥାଇଙ୍କ ଜରିଆରେ ନେହେରୁଙ୍କୁ ଅବଗତ କରାଇବା ବିପଦପୂର୍ଣ୍ଣ ହୋଇଥିବାରୁ, Commonwealth ସଙ୍ଗଠନର ସଚିବ ଲର୍ଡ ହ୍ୟୁମଙ୍କୁ ନୂଆଦିଲ୍ଲୀକୁ ପଠାଯାଇଥିଲା । ସେ ଭାରତର ତତ୍କାଳୀନ ଗୃହମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥ, ଅର୍ଥମନ୍ତ୍ରୀ ମୋରାରଜୀ ଦେଶାଇ ତଥା ପଣ୍ଡିତ ନେହରୁଙ୍କୁ ସାକ୍ଷାତକରି ଲଣ୍ଡନକୁ ଫେରି ଯାଇଥିଲେ । ସେଠାରେ ସେ ବ୍ରିଟିଶ ସରକାରଙ୍କୁ ଜଣାଇଥିଲେ ଯେ, 'ଶ୍ରୀ ପନ୍ଥ ଓ ଶ୍ରୀ ଦେଶାଇ ଏଭଳି ଯୋଜନାର ଦୃଢ଼ ସମର୍ଥକ ଥିଲାବେଳେ ନେହରୁ ସେତେ ଆଗ୍ରହୀ ନଥିଲେ। ଅବଶ୍ୟ, କିଛି କିଛି କ୍ଷେତ୍ରରେ ନେହରୁ ମଧ୍ୟ ବ୍ରିଟିଶ ଗୁଇନ୍ଦା ସଂସ୍ଥାର ତଥ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ।'

ବ୍ରିଟେନର କ୍ୟାବିନେଟ ସଚିବ ସାର୍ ନରମ୍ୟାନ ବ୍ରୁକ ଏଥିରେ ସନ୍ତୋଷ ପ୍ରକାଶ କରିଥିଲେ । ଲର୍ଡ ହ୍ୟୁମଙ୍କ ଭାରତ ଗସ୍ତ ସଫଳ ଥିବାର ବିବେଚନା କରାଯାଇଥିଲା । ପରବର୍ତ୍ତୀ ଅବସ୍ଥାରେ ସେଠାର, M-15 ଗୋଇନ୍ଦା ବିଭାଗର ମୁଖ୍ୟ ମିଷ୍ଟର ରୋଗର ହୋଲିସଙ୍କୁ ଶ୍ରୀ ମଲ୍ଲିକ କହିଥିଲେ ଯେ, 'ଭାରତର ଗୃହମନ୍ତ୍ରୀ ଶ୍ରୀ ପନ୍ଥ, ବ୍ରିଟେନର ଏଭଳି ହସ୍ତକ୍ଷେପପରେ କମ୍ୟୁନିଷ୍ଟମାନଙ୍କ ବିରୋଧୀ କାର୍ଯ୍ୟକଳାପରେ ନୂଆ ନୂଆ ପଦ୍ଧତି ଆପଣେଇଥିଲେ ।'

ତଦନୁସାରେ, ଦେଶର କିଛି ସୁରକ୍ଷା ଅଧିକାରୀ ଶ୍ରମିକ ନେତାଙ୍କୁ ବ୍ରିଟେନ ପଠାଯାଇଥିଲା, M-15 ସଙ୍ଗଠନରୁ କେରଳରେ ଅସ୍ଥିରତା ସୃଷ୍ଟି କରିବାକୁ ତାଲିମ ପାଇବାକୁ । ସେମାନେ ସେଠାରେ ତାଲିମ ପାଇଁ ଫେରିଆସି କେରଳରେ ଗଣ୍ଡଗୋଳ ସୃଷ୍ଟି କରିଥିଲେ, ଯାହାଫଳରେ ନେହେରୁଙ୍କ କେନ୍ଦ୍ର ସରକାର ତା୩୧.୭.୧୯୫୯ରିଖରେ କମ୍ରେଡ ନମ୍ବୁଦିପଦଙ୍କ ସରକାରଙ୍କୁ ବରଖାସ୍ତ କରିଥିଲେ । ବ୍ରିଟିଶ ସରକାରଙ୍କ ତରଫରୁ ଏଭଳି ତଥ୍ୟ ପ୍ରକାଶିତ ହେବାପରେ, ଅତୀତରେ ପାଶ୍ଚାତ୍ୟ ଶକ୍ତିଗୁଡିକର ଗୋଇନ୍ଦା ସଂସ୍ଥାଗୁଡିକ, ଅନ୍ୟାନ୍ୟ ଦେଶରେ ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ବାବଦରେ ପ୍ରମାଣ ମିଳିଛି । କେରଳରେ ଭୋଟ ଜରିଆରେ ଶାସନକୁ ଆସିବା, ଭାରତୀୟ ରାଜନୀତିରେ ଏକ ଗୁରତ୍ୱପୂର୍ଣ୍ଣ ସନ୍ଧିକ୍ଷଣ ଥିଲା, ଯାହାର ପତନ ଏହିଭଳି ଉପାୟରେ କରାଯାଇଥିଲା ।

(*)କେରଳକୁ ଭାରତର 'ୟେନାନ' ବର୍ଣ୍ଣନା କରାଯିବାର କାରଣ:-(୧) ମାଓ-ସେ-ତୁଙ୍ଗ'ଙ୍କ ନେତୃତ୍ୱରେ ଚୀନରେ ହୋଇଥିବା କମ୍ୟୁନିଷ୍ଟ ବିପ୍ଳବର ମୁଖ୍ୟପେଣ୍ଠ 'ୟୁନାନ ସହର'ରେ ଥିଲା । ଏହିଠାରୁ ହିଁ ଚୀନର କମ୍ୟୁନିଷ୍ଟମାନେ ସଂଗ୍ରାମ ଆରମ୍ଭକରି ସେହି ଦେଶରେ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠା କରିଥିଲେ । ଯେହେତୁ ଆମଦେଶର କେରଳ ପ୍ରଦେଶରେ ଦୃଢ଼ ସଙ୍ଗଠନଥାଇ, ୧୯୫୭ ମସିହାରେ ସେଠାରେ 'ଅଭିଭକ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି' ତରଫରୁ ଭୋଟ ଜରିଆରେ ସରକାର ଗଠନ କରାଯାଇଥିଲା, ତେଣୁ କେରଳକୁ ଭାରତର 'ୟେନାନ' ରୂପେ ଅଭିହିତ କରାଯାଇଛି । (୨) ସମୁଦାୟ ପୃଥିବୀରେ ଦ୍ୱିତୀୟଥର ପାଇଁ (Russia through elected democratic congresses got a coalition government of the Bolsheviks and Left Socialist Revolutionary party. In March 1918 the Bolsheviks changed their party name to Communist.) ଓ ଭାରତରେ ପ୍ରଥମଥର ପାଇଁ, ନିର୍ବାଚନ ଜରିଆରେ, ୧୯୫୭ ମସିହାରେ 'ଅଭିଭକ୍ତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି' ତରଫରୁ ସେଠାରେ ସରକାର ଗଠିତ ହୋଇଥିଲା, (୩) ସାମନ୍ତବାଦ ବିରୋଧୀ, ସାମାଜିକ ସଂସ୍କାର ପାଇଁ କମ୍ୟୁନିଷ୍ଟମାନଙ୍କ ଆହ୍ୱାନରେ ଉଦବୁଦ୍ଧ ହୋଇ ଶ୍ରମିକ ଶ୍ରେଣୀ ତଥା ପଛୁଆବର୍ଗ ଏମାନଙ୍କୁ ସମର୍ଥନ କରିଥିଲେ, (୪) ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳରେ କମ୍ୟୁନିଷ୍ଟମାନଙ୍କର ପ୍ରଭାବ ଯଥେଷ୍ଟ କମିଯାଇଥିଲେ ମଧ୍ୟ କେରଳରେ ଏହା ତଥାପି ବଳବତ୍ତର ରହିଛି । ଭୂ-ସଂସ୍କାର, ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯଥେଷ୍ଟ ଉନ୍ନତିପାଇଁ ଭାରତ ସରକାରଙ୍କ 'ନୀତି ଆୟୋଗ' ତରଫରୁ ୨୦୨୩-୨୪ ଆର୍ଥିକ ବର୍ଷପାଇଁ ପ୍ରକାଶିତ Sustainable Development Goal Indexରେ, କେରଳ ୧୦୦ରୁ ୭୯ ନମ୍ବର ପାଇ ଉତ୍ତରାଖଣ୍ଡ ରାଜ୍ୟ ସହିତ ପ୍ରଥମ ସ୍ଥାନରେ ରହିଛି। ୧୦୦ ରୁ ୫୭ ନମ୍ବର ପାଇ 'ବିହାର' ସବୁଠାରୁ ତଳେ ରହିଛି ।

(ଏହି ଲେଖାଟି, Paul McGaryଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧରେ ଥିବା ତଥ୍ୟସମୂହ ଉପରେ ଆଧାରିତ ।)

*ମୋ. ୮୮୯୫୮୫୭୩୧୮*

# 'ଫ୍ୟାଟି ଲିଭର'ର ପୂର୍ବାଭାସ

**■ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ■**

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଲିଭର। ଅନେକ ହୁଏତ ଏହି ଲିଭର ବିଶେଷକରି ଫ୍ୟାଟି ଲିଭର ସମ୍ପର୍କରେ ଅଜଣା ଥାଆନ୍ତି । କିନ୍ତୁ ଏହି ଫ୍ୟାଟି ଲିଭର ଘାତକ ହୋଇ ଶରୀରର କ୍ଷତି କରିବା ବେଳକୁ ଶରୀରର ଅନେକ ଅଂଶ ସଂକ୍ରମିତ ହେବାସହ ରୋଗୀ ଜଣଙ୍କ ଗୁରୁତର ମଧ୍ୟ ହୋଇଯାଇଥାଏ। ଆମ ଶରୀରର ନିରବ ନାୟକ ଯକୃତ ବା ଲିଭର ପୋଷକୀୟ ସଂରଚନା, ଶରୀର ଗଠନ, ପୁଷ୍ଟିସାର ସଂଶ୍ଳେଷଣ ଓ ବିଷ ହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀର ସୁରକ୍ଷାକାରୀ ଗୁଣ ସତ୍ୱ ଏହା 'ଫ୍ୟାଟି ଲିଭର' ବା 'ଚର୍ବିଳ ଯକୃତ' ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ। ଯକୃତ କୋଷରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଏହି ଅବସ୍ଥା ଦେଖାଦିଏ ଏବଂ ପ୍ରଦାନ, ଯନ୍ତ୍ରଣା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରେ। 'ଫ୍ୟାଟି ଲିଭର'ର କିଛି ପ୍ରାକ୍ ଲକ୍ଷଣ ବିଷୟରେ ଜାଣନ୍ତୁ

ଯକୃତ ବିଶେଷଜ୍ଞଙ୍କ କହିବାନୁସାରେ, ତଳିପେଟ ଧୀରେ ଧୀରେ ପୃଥୁଳକାୟ ହେବା 'ଫ୍ୟାଟି ଲିଭର'ର ପୂର୍ବାଭାସ। କ୍ଳାନ୍ତି ଅନୁଭବ ହେବା କି ବ୍ୟସ୍ତବିବ୍ରତ ଲାଗିବା ମଧ୍ୟ ଏହି ରୋଗର ଅନ୍ୟ ଏକ ପ୍ରାକସୂଚନା। ପିଞ୍ଜରାର ଡାହାଣ ପାଖ ତଳେ ଅସ୍ୱସ୍ତି ଅନୁଭବ କରିବା ମଧ୍ୟ ଏକ ପ୍ରମୁଖ ସଂକେତ ହୋଇପାରେ। ସେହିପରି ପ୍ରବଳ ତ୍ରୁଟି ଝଡ଼ିବା, ମୁହଁରେ ବ୍ରଣ ଉଠିବା, ବାରମ୍ବାର ଓକାର ଆସିବା ଓ ଭୋକ ନ ଲାଗିବା ବି ଏହାର ଲକ୍ଷଣ ହୋଇପାରେ। ଏଭଳି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ଆରମ୍ଭ କରିବା ଜରୁରୀ। 'ଫ୍ୟାଟି ଲିଭର'ର ଆଶଙ୍କା ହ୍ରାସ କରିବାର କେତେକ ଉପାୟ ହେଲା - ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ପନିପରିବା, ଫଳମୂଳ ଓ ସ୍ୱାସ୍ଥ୍ୟପ୍ରଦ ଚର୍ବି ଗ୍ରହଣ କରିବା ମଦ୍ୟପାନ, ପ୍ରକ୍ରିୟାକୃତ ଶର୍କରା ଓ ଚିନି ଆଦି ଗ୍ରହଣକୁ ପାରୁ ପର୍ଯ୍ୟନ୍ତ କମ କରିବା। ଫ୍ୟାଟି ଲିଭର ପାଇଁ ସତର୍କତା ହେଉଛି ସୁଷମ ଖାଦ୍ୟ ଖାଆନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ଆମିଷ ଖାଦ୍ୟ ଓ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ, ସକାଳୁ ଯୋଗ ପ୍ରାଣାୟମ ଏକ ଖୁବ ଭଲ ଅଭ୍ୟାସ। ଫ୍ୟାଟି ଲିଭରକୁ ନେଇ ସେପରି ଚିନ୍ତିତ ହେବା ଅନୁଚିତ। ଶରୀରକୁ ଆଦୌ ସୁସ୍ଥ କରିବା ନିମି ଅତ୍ୟଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। ଲିଭର ଜନିତ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ତେବେ ପେଟ ଯନ୍ତ୍ରଣା ହେଉଥିବା ସମୟରେ ମନଇଚ୍ଛା ପେନକିଲର ଗ୍ରହଣ କରନ୍ତୁ ନାହିଁ। ପ୍ରଚୁର ଜଳପାନ କରି ଶରୀରକୁ ସର୍ବଦା ଆର୍ଦ୍ର ରଖିବା। ସର୍ବୋପରି ନିୟମିତ ବ୍ୟାୟାମ ସହ ଶରୀରର ଓଜନ ଉପରେ ନିଘା ରଖିବା ଦରକାର।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ
କଲେଜ, କଟକ,
ମୋ.୯୪୩୭୦୫୧୯୫୭

# ମନେପଡନ୍ତି ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ

**■ ବାଣୀପୁତ୍ର ହିମାଂଶୁ ଆଚାର୍ଯ୍ୟ ■**

ବ୍ୟକ୍ତି ସମକାଳର, ବ୍ୟକ୍ତିତ୍ୱ ଚିରକାଳର । ଆଦର୍ଶ ବ୍ୟକ୍ତିତ୍ୱର ମହକ ବିଚ୍ଛୁରିତ ହୋଇପଡେ ସମାଜରୁ ରାଷ୍ଟ୍ରକ । ସେହିପରି ଏକ ବିରଳ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବନମାଳୀ ବ୍ରହ୍ମଚାରୀ। ଏକାଧାରରେ ସେ ଥିଲେ ପ୍ରବୀଣ ଶିକ୍ଷାବିତ୍, ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ, ସୁସାହିତ୍ୟିକ, ନିଖିଳ ଉତ୍କଳର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ତଥା ସଭାପତି ଓ ସର୍ବୋପରି ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି । ଜନ୍ମ ନେଇଥିଲେ ୧୯୦୫ ମସିହା ନଭେମ୍ବର ୧୮ ତାରିଖରେ ଓ ଛାଡିଗଲେ ୧୯୮୯ ମସିହା ଜୁନ୍ ୦୬ ତାରିଖରେ । ତାଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଲା । ହେଲେ ଦୀର୍ଘ ୮୪ ବର୍ଷର ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ଜ୍ୱଲ୍ୟମାନ । ତାଙ୍କରି ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ ।

ଏହି ମହାନ ସଂଗ୍ରାମୀ ଓ ଶିକ୍ଷକ ନେତା କେନ୍ଦ୍ରାପଡା ଜିଲ୍ଲା ଦୋହଳି ଗ୍ରାମରେ ଏକ ଗରିବ ବ୍ରାହ୍ମଣ ପରିବାରରେ ପିତା ଶ୍ରୀଚରଣ ପଣ୍ଡା ଓ ମାତା ଶାରୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ । ପିଲା ଦିନର ନାମ ଥିଲା ବନମାଳୀ ପଣ୍ଡା । ବିବାହର ଅଳ୍ପ ବର୍ଷ ପରେ ତାଙ୍କର ଧର୍ମପତ୍ନୀଙ୍କର ଦେହାନ୍ତ ହୋଇଥିଲା । ପରିବାର ଓ ଆତ୍ମୀୟସ୍ୱଜନଙ୍କ ଚାପ ସତ୍ତ୍ୱେ ସେ ଦ୍ୱିତୀୟ ବିବାହ କରିନଥିଲେ ଏବଂ ଆଜୀବନ ବ୍ରହ୍ମଚାରୀର ଜୀବନ କାଟିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ । ଏହି ଘଟଣା ପରେ ସେ ବନମାଳୀ ବ୍ରହ୍ମଚାରୀ ନାମରେ ସୁପରିଚିତ ହୋଇଥିଲେ । ଶିକ୍ଷକ ଭାବେ ନିଜର କର୍ମମୟ ଜୀବନ ବାଙ୍କୀ ବରପଦା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରି ସେତେବେଳେ ଶିକ୍ଷକ ଜାତିର ଦୁରବସ୍ଥା, ପରିଚାଳନା କମିଟି ଗୁଡିକର ଅକଥନୀୟ ନିର୍ଯାତନା ଓ ବିଭାଗୀୟ ଉଦାସୀନତାକୁ ମର୍ମେ ମର୍ମେ ଅନୁଭବ କରି କିଛି ଦିନ ପରେ ଚାକିରିରୁ ଅବ୍ୟାହତି ନେଇ ଶିକ୍ଷକ ଜାତିର ସୁରକ୍ଷା ପାଇଁ ନେତୃତ୍ୱ ନେବାକୁ ଅଣ୍ଟା ଭିଡି ବାହାରିଥିଲେ । ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ଦାୟିତ୍ୱ ୧୯୫୭ ମସିହାରୁ ୧୯୭୫ ମସିହା ଓ ପରେ ମୃତ୍ୟୁ ପର୍ଯ୍ୟନ୍ତ ଏହି ସଂଘଠନର ସଭାପତି ପଦରେ ରହି ସେ ନିଜର ପାରଦର୍ଶିତା ଓ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ । କଟକର ଝାଞ୍ଜିରମଙ୍ଗଳାଠାରେ ସ୍ଥାପିତ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ତାଙ୍କ ସ୍ୱପ୍ନର ଫଳଶ୍ରୁତି ଥିଲା କହିଲେ ଭୁଲ୍ ହେବନାହିଁ । ଯାହାକୁ ଏବର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଏହାକୁ ଏକ ନୂଆ ରୂପ ଦେବାରେ ସକ୍ଷମ ହୋଇଛନ୍ତି ।

୧୯୬୦ ଓ ୧୯୭୦ ଦଶକର କଥା ସେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ଚାକିରି ତାଳଗଛର ଛାଇ ସଦୃଶ ଥିଲା । ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା । ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସର୍ତ୍ତାବଳୀ ନଥିଲା । ଏଭଳି ପରିସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା । ପରେ ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା । ଏହାର ସଭାପତି ଭାବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ । ଏମାନଙ୍କୁ ସହଯୋଗ କରିଥିଲେ ରାଜ କିଶୋର ପଟ୍ଟନାୟକ, ରାଜ କିଶୋର ଭୁଜବଳ, ଅନନ୍ତ କର, ଭଗବାନ ଦାସ, ଅର୍ଜୁନ ଦାଶ, ଶରତ ମହାପାତ୍ର, ଅଧ୍ୟାପକ ଭଗବାନ ଜେନା, ଅଧ୍ୟାପକ ଗୟାଧର ରାଉତ, ଗୌରହରି ଶତପଥୀ, ଗନ୍ଧର୍ବ ଚରଣ ଲେଙ୍କଳ, ଭୋଳାନାଥ ରାଉତ, ନିକୁଞ୍ଜ କିଶୋର ମହାନ୍ତି (ସମସ୍ତେ ଦିବଂଗତ) ଓ ଅଜୟ ସାମଲ, ଦୁର୍ଯ୍ୟୋଧନ ପରିଡା ଏବଂ ତାଙ୍କ ପଛକୁ ବିବେକାନନ୍ଦ ଦାଶ, କିଶୋର ପଣ୍ଡା ପୀତବାସ ବେହୁରିଆ, ରଘୁନାଥ ସାହୁ, ସଙ୍କର୍ଷଣ ସ୍ୱାଇଁ ଦାଶରଥି ନାୟକ, ସାରଦା ପ୍ରସନ୍ନ ମହାପାତ୍ର, ବିଜୟ ବିଶ୍ୱାଳ, ସାରଦା ପ୍ରସନ୍ନ ସିଂହ, ଈଶ୍ୱର ଚନ୍ଦ୍ର ନନ୍ଦ, କୈଳାସ ଦାସ, ନାରାୟଣ ନାୟକ, ଅକ୍ଷୟ ଦାସ, ପ୍ରଫୁଲ୍ଲ ମହାପାତ୍ର, ମହେଶ ଚୌଧୁରୀ, ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ, ସୁଶୀଲ ମଲ୍ଲିକ୍, ନିକୁଞ୍ଜ କିଶୋର ବେହେରା, ନାରାୟଣ ଚନ୍ଦ୍ର ବାରିକ ଓ ଆହୁରି ଅନେକ । ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଶିକ୍ଷକ ମହାସଂଘ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଜୀବନ୍ତ ଗଣ ଅନୁଷ୍ଠାନରେ ପରିଣତ ହୋଇଥିଲା ।

ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ ସେଥିପାଇଁ ସ୍ୱର୍ଗତ ବନମାଳୀ ସର୍ବଦା ଚେଷ୍ଟିତ ଥିଲେ । ଏଥିପାଇଁ ଶିକ୍ଷକ ମହାସଂଘର ଡାକରାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଉତ୍କଳ ସଂଘର ଯୋଗଦାନ ସବୁବେଳେ ଆଗରେ ଥିଲା । ଏହା ପଛରେ ଥିଲା ବନମାଳୀ ବ୍ରହ୍ମଚାରୀଙ୍କ ଅଦମ୍ୟ ସାହାସ ଓ ସକରାତ୍ମକ ଦୂରଦୃଷ୍ଟିର ପ୍ରଭାବ । ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ତାର ଗୋଟିଏ ଗୋଟିଏ ଉଦାହରଣ । ଏହି ସବୁ ଆନ୍ଦୋଳନର ଫଳ ସ୍ୱରୂପ ଶିକ୍ଷକ ସମାଜ ପାଇଥିବା ସୁବିଧା ସୁଯୋଗ ତାଲିକା ବେଶ୍ ଦୀର୍ଘ । ଏହା ଭିତରେ ରହିଛି ପ୍ରଥମ ଶିକ୍ଷା ଆଇନ, ଚାକିରି ଭର୍ତ୍ତି, ଚାକିରି ନିରାପତ୍ତା, ଅବସରକାଳୀନ ସୁବିଧା ଓ ୟୁଜିସି ବେତନ ସଂଶୋଧନ। ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ଶିକ୍ଷକ ମହାସଂଘର ସର୍ବଶ୍ରେଷ୍ଠ ଅବଦାନ । ଏଥିରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଅବଦାନ କୌଣସି ଗୁଣରେ କମ୍ ନ ଥିଲା ।

ସଂଗ୍ରାମୀ ଜୀବନ ଭିତରେ ମଧ୍ୟ ସମାଜ ସେବାକୁ ସେ ମଧ୍ୟ ସମାନ ଗୁରୁତ୍ୱ ଦେଉଥିଲେ । ଦାନପୁର ପଞ୍ଚାୟତର ସରପଞ୍ଚ ଭାବେ ପ୍ରାୟ ୨୦ ବର୍ଷ କାର୍ଯ୍ୟ କରି ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣଙ୍କର ପ୍ରଶଂସାଭାଜନ ହେବା ସହ ନିଜର ମୁରବୀ ପଣିଆ ଜାହିର କରିବାରେ ସଫଳ ହୋଇପାରିଥିଲେ । ଏପରିକି ୧୯୪୨ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ଜଣେ ସଚ୍ଚା ଦେଶପ୍ରେମୀ ଭାବେ ନିଜକୁ ପ୍ରତିଷ୍ଠା କରାଇ ନିଜର ତ୍ୟାଗ ଓ ତିତିକ୍ଷା ପ୍ରଦର୍ଶନ କରିଥିଲେ । ଏସବୁ ଭିତରେ ଜଡିତ ରହି ମଧ୍ୟ ସେ ସାହିତ୍ୟ ସାଧନାରୁ ଦୂରେଇ ଯାଇନଥିଲେ । ଶିଶୁ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ନିଜପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି । 'ହୁକେ ହୋ' ପୁସ୍ତକ ପାଇଁ ସେ ରାଷ୍ଟ୍ରପତି ପୁରସ୍କାର ଓ 'ବନର ମନକଥା' ପାଇଁ ରାଜ୍ୟ ପୁରସ୍କାର ପାଇବା ତାଙ୍କ ସୃଜନଶୀଳତାର ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିସହିତ ନିଜର ଅଙ୍ଗେ ନିଭେଇଥିବା ଘଟଣା ସମୂହକୁ ନେଇ ନିଜର ଅଗ୍ନ ଜୀବନ ଜଣେ ଶିକ୍ଷକର ନିଜକଥା ୧୯୭୩ ମସିହାରେ ପ୍ରକାଶ କରିଥିଲେ। ଯାହାର ତୃତୀୟ ସଂସ୍କରଣ ମଧ୍ୟ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । ସେହିପରି ସାମଗ୍ରିକ ଭାବେ ଶିକ୍ଷକ ଜାତି ଓ ସମାଜ ପାଇଁ ତାଙ୍କର କଲ୍ୟାଣକାରୀ କାର୍ଯ୍ୟକୁ ଗୁରୁତ୍ୱ ଦେଇ ୧୯୭୮ ମସିହା ନଭେମ୍ବର ୧୮ ତାରିଖ ତାଙ୍କ ଜନ୍ମଦିନ ଅବସରରେ 'ନୀଳଶୈଳ' ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ତାଙ୍କୁ 'ଶିକ୍ଷକ ଗୌରବ' ଉପାଧିରେ ଭୂଷିତ କରାଯାଇଥିଲା ।

ଆଜି ବନମାଳୀ ବ୍ରହ୍ମଚାରୀ ଆମ ଗହଣରେ ନାହାଁନ୍ତି। ତାଙ୍କ ଅବର୍ତ୍ତମାନରେ ବିରାଟ ଶୂନ୍ୟତା । ସେହି ଶୂନ୍ୟତା ଭିତରେ ଉଙ୍କିମାରୁଛି ସ୍ମୃତିର ପାଦଚିହ୍ନ । ତାରିଭିତରେ ସେ ଜୀଇଁ ରହିଛନ୍ତି ଓଡିଶାର ଶିକ୍ଷକ ଅଧ୍ୟାପକ ଓ କର୍ମଚାରୀଙ୍କ ହୃଦୟରେ ଓ ଜୀଇଁ ରହିଥିବେ କାଳକାଳକୁ।

ମୋ- ୯୩୩୭୨୨୧୯୨୪

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ୧୮ ନଭେମ୍ବର ୨୦୨୫ ମଙ୍ଗଳବାର | ପୃଷ୍ଠା ୫


ବିବାହ ଏମିତି ଏକ ବନ୍ଧନ ଯାହା ପାଇଁ ଖୁବ୍ ବୁଝି ବିଚାରି ନିର୍ଣ୍ଣୟ ନେବାକୁ ପଡେ । ଜାତକ ମେଳକ ହୁଏ, ଘର ଓ ବନ୍ଧୁବାନ୍ଧବ ମଧ ଦେଖାହୁଏ । ମାତ୍ର ଏତିକି ଯଥେଷ୍ଟ ନୁହେଁ । ପ୍ରେମ ଓ ବିଶ୍ୱାସ ଉପରେ ଆଧାରିତ ବିବାହର ମୂଳଦୁଆରେ ଯଦି ପତି ବା ପତ୍ନୀର ଶାରୀରିକ ସମସ୍ୟା ଯୋଗୁଁ ଭୁଶୁଡି ପଡେ ? ତା'ଠାରୁ ଭଲ ବିବାହ ପୂର୍ବରୁ କିଛି ଡାକ୍ତରୀ ଯାଞ୍ଚ କରାଇନେବା । ଅବଶ୍ୟ କୌଣସି ପକ୍ଷ ଏଥିପାଇଁ ସହଜରେ ରାଜି ହୁଅନ୍ତି ନାହିଁ । ହଁ କେହି ରାଜି ନହେଲେ ବି ପ୍ରତ୍ୟେକେ ନିଜର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ସଚେତନ ତ ହେବା ଦରକାର, ନିଜର ପରବର୍ତ୍ତୀ ପିଢି ପାଇଁ ଏହା ଖୁବ୍ ଜରୁରି ।



ବିବାହ ପାଇଁ ଇଚ୍ଛୁକ ଯୋଡ଼ି ପ୍ରଥମେ ଜାଣିବା ଦରକାର ସେମାନଙ୍କର ସାଧାରଣ ପୂର୍ବଜ କିଏ ? ଏହି ପୂର୍ବଜଙ୍କ ସହ ସମ୍ପର୍କର ବ୍ୟବଧାନ କେତେ ପିଢିର ? ଯଦି ଏହି ସମ୍ପର୍କ ୩ ପିଢି ଠାରୁ ଅଧିକ ତା'ହେଲେ ଏପରି ବିବାହରୁ ଜନ୍ମ ଶିଶୁଙ୍କ ଠାରେ ବିବାହ ଯୋଗୁଁ ବଂଶଗତ ରୋଗର ସମ୍ଭାବନା ନଥାଏ । ତିନି ପିଢି ପରେ ସମସ୍ୟା ସୃଷ୍ଟି

# ଜାତକ ମେଳ ଯଥେଷ୍ଟ ନୁହେଁ

**କ'ଣ କ'ଣ ଟେଷ୍ଟ ଜରୁରୀ :** ବିବାହ ପୂର୍ବରୁ ପୁଅ ୟୁରୋଲୋଜିଷ୍ଟ ଓ ଝିଅ ଗାଇନୋକୋଲୋଜିଷ୍ଟଙ୍କ ସହ ପରାମର୍ଶ କରିବା ଆବଶ୍ୟକ । ଡାକ୍ତରଙ୍କ ସହ କୌଣସି ପ୍ରକାରର ଦୁର୍ବଳତା, ଅନିୟମିତତା, ଅନଭିଜ୍ଞତା ସମ୍ପର୍କରେ ପରାମର୍ଶ କରନ୍ତୁ । ପୁଅ ଓ ଝିଅ ଉଭୟେ ସାଧାରରଣ ରକ୍ତ ଯାଞ୍ଚ କରାଇନେବା ଆବଶ୍ୟକ । ନିଜ ନିଜର ବ୍ଲଡ ଗ୍ରୁପ୍ ଓ ଆରଏଚ୍ ଫ୍ୟାକ୍ଟର ସମ୍ପର୍କରେ ସମସ୍ତେ ଅବଗତ ହେବା ଉଚିତ । ଏଥିସହ ଥାଲାସେମିଆ, ହିମୋଫିଲିଆ ଓ ରେଟିନୋବ୍ଲାସ୍‌ଟୋମା ଆଦି ଟେଷ୍ଟ ମଧ କରାଇନେବା ଉଚିତ । ଏହି ଟେଷ୍ଟରୁ ଜଣାପଡିବ ଏମିତି କିଛି ବଂଶଗତ ରୋଗ ଅଛି କି ଯାହା ଭାବି ସନ୍ତାନ ପାଇଁ ସମସ୍ୟା ସୃଷ୍ଟି କରିବ । ଯଦି ପରିବାରରେ କାହାର ଏ ସମସ୍ୟା ଥାଏ ତା'ହେଲେ ଯାଞ୍ଚ ଅଧିକ ଜରୁରି ।

**ପ୍ରେମ ବାଣ୍ଟନ୍ତୁ ରୋଗ ନୁହେଁ :** ବିବାହ ପରେ ନବଦମ୍ପତି ପରସ୍ପରର ସୁଖ ଦୁଃଖରେ ଭାଗୀ ହୁଅନ୍ତି । ତେଣୁ ବିବାହ ପୂର୍ବରୁ କିଛି ଡାକ୍ତରୀ ଯାଞ୍ଚ କରାଇନେଲେ ଅଜାଣତରେ ସାଥିକୁ କୌଣସି ପ୍ରକାରେ ରୋଗ ସଂକ୍ରମିତ ହେବାର ସମ୍ଭାବନା ନଥାଏ । ଏଚ୍‌ଆଇଭି, ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଓ ଅନ୍ୟ ଯୌନ ସଂକ୍ରମିତ ରୋଗ ସାଥୀ ପାଖକୁ ସଂକ୍ରମିତ ହୋଇପାରେ । ରକ୍ତ ଯାଞ୍ଚ ଦ୍ୱାରା ସହଜରେ ଏହା ଜଣାଯାଇପାରେ ।

**ଧ୍ୟାନ ରଖନ୍ତୁ :** ଯଦି ପୁଅଝିଅ ଉଭୟଙ୍କର ଡାଇବେଟିସ୍ ସମସ୍ୟା ଥାଏ ତେବେ ଭାବି ସନ୍ତାନ ମଧ ଏ ରୋଗର ଶିକାର ହେବାର ସମ୍ଭାବନା ଅନେକ ଥାଏ । ଦୁଇଜଣଙ୍କ ମଧ୍ୟରୁ ଜଣକର ଏ ସମସ୍ୟା ଥିଲେ ଭାବୀ ସନ୍ତାନ ଠାରେ ଏ ସମସ୍ୟା ୫୦ ପ୍ରତିଶତ ହୋଇଯାଏ । ତେଣୁ ଯଦି ଜଣକର ବ୍ଲଡ ସୁଗାର ଅଛି ତା'ହେଲେ ଅନ୍ୟ ଜଣକର ବା ତା' ପରିବାରରେ ଆଦୌ ଏ ସମସ୍ୟା ନଥିବା ଭଲ ।

**ଯଦି ଏମିତି ହୋଇଛି ତା'ହେଲେ... :** ଅଧିକାଂଶ ଲୋକଙ୍କ ଆରଏଚ୍ ପଜିଟିଭ ଥାଏ । କେବଳ ୧୫ ପ୍ରତିଶତ ଲୋକଙ୍କର ଆରଏଚ୍ ନେଗେଟିଭ ଥାଏ । ଯଦି ଅରଏଚ୍ ପଜିଟିଭ ବ୍ୟକ୍ତି ଆରଏଚ ନେଗେଟିଭ ବ୍ୟକ୍ତି ସହ ବିବାହ କରନ୍ତି ତା'ହେଲେ ଭାବି ସନ୍ତାନ ବିକଳାଙ୍ଗ ହେବାର ଆଶଙ୍କା ଖୁବ୍ ଅଧିକ ଥାଏ । ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଦ୍ୱାରା ଏ ସମସ୍ୟା ଦୂର କରାଯାଇପାରେ । ସେମିତି ଥାଲାସେମିଆ ମେଜରରେ ପୀଡିତ ପୁରୁଷ ଥାଲାସେମିଆ ମାଇନରରେ ପୀଡିତ ମହିଳାଙ୍କ ସହ ବିବାହ କଲେ ସନ୍ତାନ ଠାରେ ଥାଲାସେମିଆର ଆଶଙ୍କା ଖୁବ୍ ବଢିଯାଏ ।



**କ'ଣ କରାଯାଇପାରିବ :** ଜାତକ, ଫଟୋ ଓ ବାୟୋଡାଟା ସହ ଅଭିଭାବକ ଝିଅ ଓ ପୁଅର ସ୍ୱାସ୍ଥ୍ୟ ସମ୍ପର୍କରେ ଲେଖିବା ମଧ ଆରମ୍ଭ କଲେ ଅନେକ ସୁଫଳ ମିଳିବ । ବର୍ତ୍ତମାନ ମହାନଗରଗୁଡିକରେ କେତେକ ମାଟ୍ରିମୋନିଆଲ ସଂସ୍ଥା ମେଡିକାଲ ରିପୋର୍ଟ ମଧ ମାଗିବା ଆରମ୍ଭ କଲେଣି । ଏହାକୁ ଯୁବପିଢି ପସନ୍ଦ ମଧ କରୁଛନ୍ତି ।

**କାହା ସହ ବିବାହ**

ଖାପ୍ ପଞ୍ଚାୟତଗୁଡିକ କୁହନ୍ତି ଏକାଗୋତ୍ରରେ ବିବାହ କରିବା ମନା, ଚିକିତ୍ସା ବିଜ୍ଞାନ କୁହେ ଏକା ରକ୍ତରେ ବିବାହ ମନା, ମୁସଲମାନମାନେ କୁହନ୍ତି ସମଦୁଗ୍ଧରେ ବିବାହ ମନା । ତା'ହେଲେ ପ୍ରକୃତରେ ବିବାହ କେଉଁଠି କରିହେବ ଏ ସମ୍ପର୍କରେ ବିଭିନ୍ନ ଅନୁଷ୍ଠାନର ମତାମତ କ'ଣ ?

ଖାପ୍ ପଞ୍ଚାୟତଗୁଡିକ କୁହନ୍ତି– ସମଗୋତ୍ରରେ ବିବାହ ଦ୍ୱାରା ସାମାଜିକ ବ୍ୟବସ୍ଥା ନଷ୍ଟ ହେବ । ଏଥିସହ ସେମାନେ ଯୁକ୍ତି ବାଢ଼ନ୍ତି ସମଗୋତ୍ରରେ ବିବାହ କଲେ ଏଭଳି ବିବାହରୁ ଜନ୍ମିତ ଶିଶୁ ମଧ୍ୟରେ ଜନ୍ମ ସମ୍ବନ୍ଧୀୟ ରୋଗର ସମ୍ଭାବନା ଅଧିକ ରହିଛି ।





କରୁଥିବା ଜିନ୍ ଅକାମୀ ହୋଇଯାଏ । ଏହି ପିଢି ମଧ୍ୟରେ ଫରକ ଯେତେ ଅଧିକ, ବଂଶଗତ ରୋଗର ସମ୍ଭାବନା ସେତେ କମ୍ ।

ଖାପ୍‌ଗୁଡିକର ଏହି ତର୍କକୁ ଚିକିତ୍ସା ବିଜ୍ଞାନର କଷଟିରେ ପରଖାଗଲା ବେଳେ ଏହା ଠାରୁ ଭିନ୍ନ କିଛି ତଥ୍ୟ ମିଳେ । ଚିକିତ୍ସା ବିଜ୍ଞାନ ଅନୁଯାୟୀ ରକ୍ତର ନିକଟତା ଥିଲେ ରୋଗର ସମ୍ଭାବନା ଅଧିକ ଥାଏ । ମାତ୍ର ମୁସଲମାନ ବିଦ୍ୱାନମାନେ କୁହନ୍ତି– ଏମିତି କିଛି ବି ସମସ୍ୟା ହୁଏନାହିଁ ନିକଟ ସମ୍ପର୍କରେ ବିବାହ ଦ୍ୱାରା । ଗୋଟିଏ ମାତ୍ର ସମ୍ପର୍କକୁ ଛାଡ଼ିଦେଲେ ପ୍ରତ୍ୟେକ ବିବାହ ବୈଧ କୋରାନ୍ ଅନୁଯାୟୀ । ବରଂ ଏଥିରେ ସମ୍ପର୍କର ନିକଟତା ଆହୁରି ବଢେ ।

ଗୋଟିଏ କଥା ଅଛି, ଯଦି ସମ୍ପର୍କ ଖୋଜିବାକୁ ବାହାରିବେ ତା'ହେଲେ ସ୍ତ୍ରୀ ବି ଆଇ-ମା' ହୋଇଯିବ । ଏବେ ବୈଜ୍ଞାନିକମାନେ ଏହା ସ୍ୱୀକାର କରିଛନ୍ତି । ସେମାନଙ୍କ ଅନୁଯାୟୀ ବିଶ୍ୱରେ ଯେକୌଣସି ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ସମ୍ପର୍କର ବ୍ୟବଧାନ ୫୦ ପିଢି ଠାରୁ ଅଧିକ ନୁହେଁ । ଯଦି ଏବେ ଦୁଇଟିଯାକ କଥାକୁ ଏକାଠି କରିଦିଆଯାଏ, ତା'ହେଲେ ଦେଖାଯିବ ବିଶ୍ୱର ସବୁ ବିବାହିତ ଯୋଡ଼ିଙ୍କ ମଧ୍ୟରେ ଆଗରୁ ମଧ କିଛି ସମ୍ପର୍କ ଅଛି । ତେଣୁ ସମଗୋତ୍ର ବିବାହ ଏକ ବଡ଼ ପ୍ରସଙ୍ଗ ନୁହେଁ ।

ଜେଏନୟୁର ସ୍କୁଲ ଅଫ୍ ଲାଇଫ୍ ସାଇନ୍ସର ପ୍ରଫେସର ପି. କେ. ଯାଦବଙ୍କ କହିବାନୁଯାୟୀ– ଗୋତ୍ରରେ ଜିନ୍‌ର ସମାନତା ନାହିଁ । ଗୋତ୍ର କେବଳ ଜଣେ ଗୁରୁଙ୍କ ଅନୁଗାମୀମାନଙ୍କ ଗୋଷ୍ଠୀ । ମାତ୍ର ଜେନେଟିକ୍ସ ସହ ଏହାର କୌଣସି ସମ୍ପର୍କ ନାହିଁ । ପ୍ରକୃତରେ ଆମେ ନିକଟ ସମ୍ପର୍କରେ ବିବାହ ଓ ଗୋତ୍ର ବିବାହ ମଧ୍ୟରେ ଥିବା ଭିନ୍ନତା ବୁଝି ନଥାଉ । ପ୍ରଥମ ପିଢିର କକା, ମାଉସୀ, ପିଉସୀ, ମାମୁଙ୍କ ପୁଅ-ଝିଅଙ୍କ ମଧ୍ୟରେ ବିବାହ ହେଲେ ସେଥିରୁ ଜନ୍ମିତ ସନ୍ତାନଙ୍କ ମଧ୍ୟରେ ଜନ୍ମଜାତ ରୋଗର ସମ୍ଭାବନା ବଢିଯାଏ । କାରଣ ଜେଜେ ବାପା-ମା' ଓ ଅଜା-ଆଇଙ୍କ ଜିନ୍ ଏସବୁ ଦମ୍ପତିଙ୍କ ମଧ୍ୟରେ ଥାଏ । ଏପରି ଦମ୍ପତିଙ୍କ ପିଲାମାନଙ୍କୁ ହିମୋଫିଲିଆ, ଥାଲାସେମିଆ, ଧଳାଦାଗ ଆଦି ଅନେକ ବଂଶଗତ ରୋଗ ହୋଇପାରେ । ସେଣ୍ଟର ଅଫ୍ ମେଡିକାଲ ଜେନେଟିକ୍ସ (ଗଙ୍ଗାରାମ ହସ୍‌ପିଟାଲ)ରେ ପରାମର୍ଶଦାତା ଥିବା ଡା. ରତ୍ନା ପୁରୀ କୁହନ୍ତି– ବିବାହ ପାଇଁ ଇଚ୍ଛୁକ ଯୋଡ଼ି ପ୍ରଥମେ ଜାଣିବା ଦରକାର ସେମାନଙ୍କର ସାଧାରଣ ପୂର୍ବଜ କିଏ ? ଏହି ପୂର୍ବଜଙ୍କ ସହ ସମ୍ପର୍କର ବ୍ୟବଧାନ କେତେ ପିଢିର ? ଯଦି ଏହି ସମ୍ପର୍କ ୩ ପିଢି ଠାରୁ ଅଧିକ ତା'ହେଲେ ଏପରି ବିବାହରୁ ଜନ୍ମ ଶିଶୁଙ୍କ ଠାରେ ବିବାହ ଯୋଗୁଁ ବଂଶଗତ ରୋଗର ସମ୍ଭାବନା ନଥାଏ । ତିନି ପିଢି ପରେ ସମସ୍ୟା ସୃଷ୍ଟି କରୁଥିବା ଜିନ୍ ଅକାମୀ ହୋଇଯାଏ । ଏହି ପିଢି ମଧ୍ୟରେ ଫରକ ଯେତେ ଅଧିକ, ବଂଶଗତ ରୋଗର ସମ୍ଭାବନା ସେତେ କମ୍ । ଏହାପରେ ସମଗୋତ୍ର ବା ସମ୍ପର୍କୀୟ ବିବାହରେ ଜାତ ଶିଶୁଠାରେ ଜନ୍ମଗତ ରୋଗର ସମ୍ଭାବନା ସେତିକି, ଯେତିକି ପ୍ରତି ଶିଶୁ ପାଇଁ ଥାଏ ।

ଆଧାରରେ କହିପାରିବ ୫ ପିଢି ପରେ ବିବାହରେ ସମସ୍ୟା ନାହିଁ ବୋଲି । ଭାରତୀୟ ଶାସ୍ତ୍ର ଏହାଠାରୁ ଢେର ପୁରୁଣା । ତେଣୁ ଯଦି ଶାସ୍ତ୍ର କହୁଛି– ସମଗୋତ୍ର ବିବାହ ଅନୁଚିତ, ତା'ହେଲେ ଆମେ ଚିକିତ୍ସା ବିଜ୍ଞାନକୁ କାହିଁକି ସ୍ୱୀକାର କରିବା ।



ତେବେ ଯାହା ହେଉନା କାହିଁକି ଚିକିତ୍ସା ବିଜ୍ଞାନ ଦୁଇଟି ମୁଖ୍ୟ ଧାର୍ମିକ ମାନ୍ୟତା ମଧ୍ୟରେ ସ୍ୟାଣ୍ଡୱିଚ୍ ପାଲଟି ଯାଉଛି । ହିନ୍ଦୁ ଧାର୍ମିକ ନେତାମାନେ ସମଗୋତ୍ର ବିବାହକୁ ବିରୋଧ କରୁଛନ୍ତି । ଅପରପକ୍ଷେ ମୁସଲମାନ୍ ବିଦ୍ୱାନମାନେ ପ୍ରଥମ ପିଢିର ଭାଇ-ଭଉଣୀଙ୍କ ମଧ୍ୟରେ ବିବାହକୁ ସବୁଜ ସଙ୍କେତ ଦିଅନ୍ତି, ଏଥିରୁ ଜାତ ସନ୍ତାନ ପ୍ରତି କୌଣସି ସମସ୍ୟା ଥିବା ଅସ୍ୱୀକାର କରନ୍ତି । ସିଙ୍ଗିର ରାଷ୍ଟ୍ରୀୟ ଅଧକ୍ଷ ମହମ୍ମଦ ମୁସଲିମ୍ ଗାଜି କହିଛନ୍ତି– 'ଆମେ ଇସଲାମ୍ ଆଇନ୍ ଓ ଶରିୟାତ୍ ଅନୁଯାୟୀ ବିବାହ କରୁ । ଯଦି ଆମେ ଚିକିତ୍ସା ବିଜ୍ଞାନର ତଥ୍ୟକୁ ମାନିନେବୁ, ତା'ହେଲେ ଏହାର ଅର୍ଥ ହେବ ଆମେ ଶରିୟାତ୍ ଓ କୋରାନ୍‌କୁ ଆହ୍ୱାନ ଦେଉଛୁ । କୋରାନ୍ ଅନୁଯାୟୀ କେବଳ ଏକ ଦୁଗ୍ଧର ସନ୍ତାନ ଅର୍ଥାତ୍ ଗୋଟିଏ ମା'ର ଦୁଇଟି ସନ୍ତାନକୁ ଛାଡିଦେଲେ ଅନ୍ୟ ସମସ୍ତଙ୍କ ସହ ବିବାହ ହୋଇପାରିବ । ଏଥିରେ କୌଣସି ସାମାଜିକ ସମସ୍ୟା ନାହିଁ କିମ୍ବା ଡାକ୍ତରୀ ସମସ୍ୟା ନାହିଁ ।''

ଚିକିତ୍ସା ବିଜ୍ଞାନ ଅନୁଯାୟୀ ପିତାଙ୍କର ପାଞ୍ଚ ପିଢି ଓ ମା'ର ୩ ପିଢି ମଧ୍ୟରେ ବିବାହ ହେଲେ ବିଶେଷ କରି ପ୍ରଥମ ପିଢିର ଭାଇ-ଭଉଣୀଙ୍କ ମଧ୍ୟରେ ବିବାହ ହେଲେ ହିମୋଫିଲିଆ, ଥାଲାସେମିଆ, କ୍ୟାନ୍‌ସର, ଧଳାଦାଗ, ରୋଗ ପ୍ରତିରୋଧକ ଶକ୍ତିହୀନତା, ମାନସିକ ଅନଗ୍ରସରତା, ମେନିନ୍‌ଜାଇଟିସ୍, ଦୃଷ୍ଟିହୀନତା, ସିଷ୍ଟିକ୍ ଫାଇବ୍ରୋରିସ୍ ଆଦି ରୋଗ ହେବା ସହ ୫ ବର୍ଷ ବୟସ ମଧ୍ୟରେ କୌଣସି ରୋଗ ବିନା ମୃତ୍ୟୁ ହେବାର ସମ୍ଭାବନା ଥାଏ । ଏହି ସମ୍ଭାବନା ୬ ପ୍ରତିଶତ ।

---



# ଦେଖିବା ଭଳି କବରସ୍ଥାନ

ଶ୍ମଶାନ ହେଉକି କବରସ୍ଥାନ ହେଉ, ଏଗୁଡ଼ିକୁ ଯିବାକୁ କହିଲେ ସାଧାରଣ ଲୋକ ଚମକି ପଡ଼ିବ ନିଶ୍ଚୟ । ଭୂତପ୍ରେତଙ୍କ କଥା ମନକୁ ଆସିବ । ଭୟରେ ରାତିରେ ନିଦ ହେବନି । ତଥାପି କିଛି ଲୋକଙ୍କ ପାଇଁ ଏହା ଦେଖିବା ପରି ସ୍ଥାନ, କାମର ସ୍ଥାନ । ଛଡ଼ାପତ୍ର, ହୃଦୟ ଛୁଇଁଲା ପରି ସମାଧିର ସ୍ମୃତିଲେଖ, ଶୁଖିଲା ଫୁଲ ତୋଡ଼ା ଭିତରେ ସେମାନେ ସୌନ୍ଦର୍ଯ୍ୟ ଓ ଶାନ୍ତି ପାଆନ୍ତି, ଜିଜ୍ଞାଷା ମେଣ୍ଟାନ୍ତି । ବ୍ରିଟିଶ ଲେଖକ ଲରେନ୍ ରୋଡ୍‌ସ୍ ନିଜର ଏକ ପୁସ୍ତକ ବିଶ୍ୱର ସବୁଠାରୁ ସୁନ୍ଦର କବରସ୍ଥାନ ଉପରେ ଲେଖିଥିଲେ । କେବଳ ତାନ୍ତ୍ରିକ ଓ ଜିନ୍ ବିଶେଷଜ୍ଞମାନେ ନୁହଁନ୍ତି କଳାପ୍ରେମୀ, ସୌଖୀନ୍ ସମାଜବିଦ୍, ପକ୍ଷୀଦର୍ଶନ, ଉଦ୍ୟାନପ୍ରେମୀ, ଐତିହାସିକ ଓ କବରଚୋରମାନେ ମଧ ଭଲପାଆନ୍ତି କବରସ୍ଥାନକୁ । ଅନେକେ ଏହିଠାରେ ଅକ୍ଷତ ପ୍ରକୃତିକୁ ଉପଭୋଗ କରନ୍ତି । କେହି କେହି ଗଳ୍ପ କାହାଣୀ ପାଇଁ ବିଷୟବସ୍ତୁ ଖୋଜି ନିଅନ୍ତି ଏଠୁ । କେତେକ କପବରସ୍ଥାନ ତ କଳାର ସଂଗ୍ରହ ପରି ମନେହୁଏ । ଏମିତି କିଛି ସୌନ୍ଦର୍ଯ୍ୟମୟୀ କବରସ୍ଥାନ ସମ୍ପର୍କରେ ।

**ଇଲ୍ ସିମିଟେରୋ ଆକାଟୋଲିକୋ ଡ' ରୋମା,**

ରୋମ୍, ଇଟାଲୀ

ଅଷ୍ଟାଦଶ ଶତାବ୍ଦୀରେ ଅଣ କ୍ୟାଥୋଲିକ୍ ବିଦେଶୀମାନଙ୍କ ପାଇଁ ପୋପ୍ ଏକ ପ୍ରାନ୍ତର ସଂରକ୍ଷିତ ରଖିଥିଲେ କବର ଦେବାକୁ, ବ୍ରିଟିଶ କବି ଜନ୍ କିଟ୍ ଓ ପର୍ସି ଶେଲି ମଧ ଏଠାରେ କବର ପାଇଥିଲେ । କବି ଶେଲି ସମୁଦ୍ର ବେଳାଭୂମିରେ ମୃତ ଅବସ୍ଥାରେ ମିଳିଥିଲେ ଓ ତାଙ୍କ ପକେଟ୍‌ରେ କିଟ୍‌ଙ୍କର ଏକ ବହି ଥିଲା । ଏଠାରେ କବି ଶେଲିଙ୍କ ସମାଧି ପାଖରେ ଦୁଃଖର ପରୀ କାନ୍ଦୁଥିବାର ମୂର୍ତ୍ତି ରହିଛି ଯାହାକି ପରବର୍ତ୍ତୀ ସମୟରେ ଅନେକ କବର ସ୍ଥାନରେ ନିର୍ମିତ ହୋଇଥିଲା ।



**[illegible]**

ଜାଗ୍ରେବ, କ୍ରୋଏସିଆ

ଏହି କବରସ୍ଥାନ ଊନବିଂଶ ଶତାବ୍ଦୀର ଭାଷାବିଦ୍ ଲୁଡେଭିଟ୍ ଗାଜ୍‌ଙ୍କ ଇଷ୍ଟେଟ୍ ମଧ୍ୟରେ ସ୍ଥାପନ ହୋଇଛି । ମେଡ୍‌ଭେନିକା ପର୍ବତ ପାଦଦେଶରେ ଅଛି ଏହି ଇଷ୍ଟେଟ୍ । ଅଷ୍ଟ୍ରୀୟ ସ୍ଥପତି ହରମାନ୍ ବୋଲେ ଏହି କବରସ୍ଥାନର ଡିଜାଇନ୍ ପ୍ରସ୍ତୁତ କରିଥିଲେ । ବର୍ତ୍ତମାନ ଏହା ଅନେକ ସ୍ମାରକୀରେ ଭରପୂର । ବହୁ ସଂଖ୍ୟକ ପର୍ଯ୍ୟଟକ କେବଳ ଏହି କବରସ୍ଥାନକୁ ଦେଖିବା ପାଇଁ ଜାଗ୍ରେବ୍ ଆସନ୍ତି ।

**ସ୍କୋଜ୍‌ସ୍କିର୍କୋ ଗାର୍ଡେନ**

ଷ୍ଟକହୋମ୍, ସ୍ୱିଡେନ

ଏହି କବରସ୍ଥାନ ସ୍ୱିଡେନ୍‌ର ଦୁଇ ଖ୍ୟାତନାମା ସ୍ଥପତି ଗୁନ୍ନାର ଆସ୍ୱଲୁଣ୍ଡ ଓ ସିଗର୍ଡ ଲେୱେରେଞ୍ଜଙ୍କ ଅନନ୍ୟ କୃତି । ଦୁହିଁଙ୍କର ସୃଜନଶକ୍ତିରେ ଏକ ପରିତ୍ୟକ୍ତ ଖଣି କବରସ୍ଥାନ ତଥା ସୁନିୟୋଜିତ ଜଙ୍ଗଲର ରୂପ ପାଇଥିଲା । ଏହା ଭିତରେ ଥିବା ସମାଧିଗୁଡ଼ିକ ମଧ ସରଳ, ନିରାଡମ୍ବର କିନ୍ତୁ ସୁନ୍ଦର । ଘଞ୍ଚ ଜଙ୍ଗଲ ଓ ସବୁଜ ପ୍ରାନ୍ତର ମଧ୍ୟରେ ଥିବା ଏହି କବରସ୍ଥାନ ପ୍ରକୃତିପ୍ରେମୀଙ୍କର ଏକ ପ୍ରିୟ ସ୍ଥାନ ।

**ରେଲିଜ୍‌ଓଧ୍ରାନ**

ସ୍କଟଲ୍ୟାଣ୍ଡ

ଏହି କବରସ୍ଥାନକୁ କୁହାଯାଏ ସ୍କଟଲ୍ୟାଣ୍ଡର ୱେଷ୍ଟମିନିଷ୍ଟର ଆବେ । ସୂଚନାଯୋଗ୍ୟ ବ୍ରିଟେନ୍‌ରେ ଥିବା ୱେଷ୍ଟମିନିଷ୍ଟର ଆବେ ବା ୱେଷ୍ଟମିନିଷ୍ଟର ଚର୍ଚ୍ଚ ବ୍ରିଟିଶ ରାଜପରିବାରର କବରସ୍ଥାନ । ଅପରପକ୍ଷେ ରେଲିଜ୍‌ଓଧ୍ରାନ୍‌ରେ ବହୁ ସ୍କଟିଶ୍, ଆଇରିଶ୍ ଏପରିକି ନରୱେ ଶାସକ ଚିର ବିଶ୍ରାମ ନେଇଛନ୍ତି । ଏହି କବରସ୍ଥାନ ପାଖରେ ଅଛି ସେଣ୍ଟ ଓରାନ୍ ଚାପେଲ୍ । ଏଠାରେ କ୍ଲାକ୍‌ବ୍ରାଥ ନାମକ ରହସ୍ୟମୟ ପଥର ଅଛି । କିମ୍ବଦନ୍ତୀ ଅନୁଯାୟୀ ଯେତେବେଳେ ଏହି ପଥର ହଜିଯିବ ସେତେବେଳେ ପୃଥିବୀ ଶେଷ ହୋଇଯିବ ।







**ପେରେଲାଚାଇସ୍**

ପ୍ୟାରିସ୍, ଫ୍ରାନ୍ସ

୧୮୦୪ ମସିହାରେ ଯେତେବେଳେ ପେରେ ଲାଚାଇସ୍ କବରସ୍ଥାନ ଖୋଲାଗଲା ସେତେବେଳେ ଏହା ଏକ କ୍ରାନ୍ତିକାରୀ କବରସ୍ଥାନର ମାନ୍ୟତା ପାଇଥିଲା । ଭିନ୍ନ ଭିନ୍ନ ଆର୍ଥିକ ବର୍ଗର ଲୋକମାନେ ପାରିବାରିକ କବରସ୍ଥାନ ପାଇଁ ଏହା ମଧ ସ୍ଥାନ କିଣି ପାରୁଥିଲେ । ଏବେ ଏହି କବରସ୍ଥାନ ଖୁବ୍ ପ୍ରସିଦ୍ଧ ତଥା ସବୁଠାରୁ ଦର୍ଶନୀୟ ସ୍ଥାନର ମାନ୍ୟତା ପାଇଛି । କାରଣ ଏଠାରେ ଓସ୍କାର ୱାଇଲ୍‌ଡ ଓ ଜିମ୍ ମୋରିସନ୍‌ଙ୍କ ପରି ବିଖ୍ୟାତ ଲେଖକ ଓ ଅନ୍ୟ ନାମୀଦାମୀ ଲେଖକଙ୍କ କବର ଅଛି ।

**ହାଇଗେଟ୍ କବରସ୍ଥାନ,**

ଲଣ୍ଡନ, ଇଂଲଣ୍ଡ

ହାଇଗେଟ୍ କବରସ୍ଥାନକୁ ଉଦ୍ୟାନ କବରସ୍ଥାନ ଭାବରେ ସ୍ଥାପନ କରାଯାଇଥିଲା । ଲଣ୍ଡନବାସୀ ଧୂଳି, ଧୂଆଁ ଓ କୋଳାହଳଠାରୁ ଦୂରେଇ ମୃତ ପ୍ରିୟଜନଙ୍କ ପାଖରେ କିଛି ସମୟରେ ନିରବରେ କଟାଇପାରିବା ଉଦ୍ଦେଶ୍ୟ ଥିଲା ଏହାର । ବିଶ୍ୱ ଶତାବ୍ଦୀର ମଧଭାଗରେ କିନ୍ତୁ କୋକିଶିଆଳି, ବିଲୁଆ ଓ ଜଙ୍ଗଲୀ ଗଛଲତା ଏହାକୁ ଅକ୍ତିଆର କରିନେଇଥିଲେ । ବର୍ତ୍ତମାନ ପୁଣି ଏହା ନିଜର ପୂର୍ବରୂପ ଫେରିପାଇଛି । ଇଂଲଣ୍ଡର ବହୁ ପ୍ରଖ୍ୟାତ ବ୍ୟକ୍ତି ଏଠାରେ ଚିରନିଦ୍ରାରେ ଶୋଇଯାଇଛନ୍ତି ।

**ମେଣ୍ଟାର୍ଜ ପୋୱାଜ୍କି**

ୱାର୍‌ଶ, ପୋଲାଣ୍ଡ

କେଇ ଅୟୁତ ଲୋକ ଏଠାରେ କବରରେ ଶୋଇଛନ୍ତି ବୋଲି ବିଶ୍ୱାସ କରାଯାଏ, ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହାର ରେକର୍ଡ ବୁକ୍ ନଷ୍ଟ ହୋଇଯାଇଥିଲା । ତେବେ ବର୍ତ୍ତମାନ ପୋଲାଣ୍ଡର ବହୁ ନାମୀ ଲେଖକ କଳାକାରଙ୍କ ଚିର ବିଶ୍ରାମ ସ୍ଥଳ ଏହା ।

**ଓକୁନୋଏନ୍**

କୋୟାସାନ୍, ଜାପାନ

ଜାପାନର ସବୁଠାରୁ ବଡ଼ କବରସ୍ଥାନ ଓକୁନୋଏନ୍ । ଦୁଇଲକ୍ଷରୁ ଅଧିକ ସମାଧି ଅଛି ଏଠାରେ । ଅନେକ କିଛି ଦେଖିବାକୁ ମିଳେ ଏସବୁ ସମାଧିର ଶୈଳୀରେ । ପାରମ୍ପରିକ ବୌଦ୍ଧ ସ୍ମାରକୀପଥର ଠାରୁ ଆରମ୍ଭ କରି ବିଶାଳ ରକେଟ୍ ପରି ମୂର୍ତ୍ତି ମିଳେ ଏଠାରେ । ଏ ମଧ୍ୟରୁ ଗୋଟିଏ ସ୍ଥାନ ରହିଛି ଏକ ପେଷ୍ଟ କଣ୍ଟ୍ରୋଲ୍ କମ୍ପାନୀର । ଆଜି ପର୍ଯ୍ୟନ୍ତ ଯେତେ ଉଇ ସେମାନେ ମାରିଛନ୍ତି ସେମାନଙ୍କ ପାଇଁ ଏକ ସ୍ମାରକ ନିର୍ମାଣ କରିଛି କମ୍ପାନୀ । କବରସ୍ଥାନର ଗୋଟିଏ ପାର୍ଶ୍ୱରେ ୧୦ହଜାର ଲଣ୍ଠନ ଜଳୁଛି । ଏ ମଧ୍ୟରୁ କିଛି ଲଣ୍ଠନ ୧୨୦୦ ବର୍ଷ ହେବ ଜଳୁଛି ।

**ସାଉଥ୍ ପାର୍କ ଷ୍ଟ୍ରୀଟ୍ କବରସ୍ଥାନ**

କୋଲକାତା, ଭାରତ

ବ୍ରିଟିଶମାନେ ୧୭୬୭ ମସିହାରେ କୋଲକାତାର ସାଉଥ୍ ପାର୍କ ଷ୍ଟ୍ରୀଟ୍‌ରେ ଏହି କବରସ୍ଥାନ ଆରମ୍ଭ କରିଥିଲେ । ଏକ ଶତାବ୍ଦୀର ଅଧିକ କାଳ ପର୍ଯ୍ୟନ୍ତ ଏସିଆ ମହାଦେଶର ଏହା ସବୁଠାରୁ ବଡ଼ ଖ୍ରୀଷ୍ଟିଆନ୍ କବରସ୍ଥାନ ଥିଲା । ଚର୍ଚ୍ଚଠାରୁ ଅଲଗା ହୋଇ ବ୍ୟକ୍ତିଗତ ସମାଧି ନିର୍ମାଣ କରିବାର ଆଧୁନିକ ଚିନ୍ତାଧାରା ଗ୍ରହଣ କରାଯାଇଥିଲା ଏହି ଚର୍ଚ୍ଚରେ ।

**ପୁରୁଣ ଇହୁଦୀ କବରସ୍ଥାନ**

ପ୍ରାଗୁଏ, ଚେକ୍‌ରିପବ୍ଲିକ୍

ପଞ୍ଚଦଶ ଶତାବ୍ଦୀରେ ସ୍ଥାପିତ ଏହି କବରସ୍ଥାନ ତିନି ଦଶକ ଧରି ପ୍ରାଗୁଏର ଏକମାତ୍ର ଇହୁଦୀ କବରସ୍ଥାନ ଥିଲା । ଏଠାରେ ୧୨ସ୍ତରରେ ଏପର୍ଯ୍ୟନ୍ତ ଲକ୍ଷାଧିକ ମୃତକଙ୍କୁ କବର ଦିଆଯାଇଛି ଏଠାରେ ।

**ରେକୋଲେଟା କବରସ୍ଥାନ**

ବ୍ୟୁନୋସ୍ ଆରେସ୍, ଆର୍ଜେଣ୍ଟିନା

ଏକଦା ସନ୍ନ୍ୟାସୀମାନଙ୍କ ପନିପରିବା କ୍ଷେତଥିବା ଏହି କବରସ୍ଥାନ ବର୍ତ୍ତମାନ ଧନୀ ଆର୍ଜେଣ୍ଟିନୀୟଙ୍କ ପାଇଁ ସବୁଠାରୁ ପସନ୍ଦଯୋଗ୍ୟ ବିଶ୍ରାମସ୍ଥଳ । ଏଠାରେ ସେମାନେ କବର ଉପରେ ମୃତକର ତୈଳଚିତ୍ର ଥିବା ମାର୍ବଲ ସମାଧି ପଥର ଲଗାଇବାର ପରମ୍ପରା ରହିଛି ।

**ମନୁମେଣ୍ଟାଲ ଡି' ଷ୍ଟାଗ୍ଲିଏନୋ**

ଜେନୋଆ, ଇଟାଲୀ

୨୫୦ ଏକବର ପରିବ୍ୟାପ୍ତ ଏହି କବରସ୍ଥାନ ଓପନ୍ ଏୟାର ମ୍ୟୁଜିୟମ୍ ସଦୃଶ । ସାରା କବରସ୍ଥାନ ମାର୍ବଲର କଳାକୃତିରେ ଭର୍ତ୍ତି । ହଁ ଲୋକମାନେ ମୃତ୍ୟୁ ପୂର୍ବରୁ ନିଜ କବର ପାଇଁ ସଂରକ୍ଷିତ ସ୍ଥାନରେ ସୁଦୃଶ୍ୟ କଳାକୃତି ନିର୍ମାଣ କରନ୍ତି । ଏଠାରେ ଥିବା ସବୁଠାରୁ ବିଖ୍ୟାତ କଳାକୃତି ହେଉଛି କାନ୍ଦୁଥିବା ପରୀ ।





ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୮ ନଭେମ୍ବର ୨୦୨୫ । ମଙ୍ଗଳବାର

# ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ ଦିବସ




**ଭୁବନେଶ୍ୱର,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ୬୦ତମ ଜାତୀୟ ପ୍ରେସ ଦିବସ ସ୍ଥାନୀୟ ହୋଟେଲ କେଶରୀ ପରିସରରେ ପାଳିତ ହୋଇଯାଇଛି । ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘ (ଓୟୁଡବ୍ଲୁଜେ)ର ସଭାପତି ସୁଜ୍ଞାନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦୁଇଟି ପର୍ଯ୍ୟାୟରେ ଆଲୋଚ୍ନାଚକ୍ର ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମର ମୁଖ୍ୟଅତିଥି ବାଚସ୍ପତି ସୁରମା ପାଢୀ ଉଦଘାଟନ କରିଥିଲେ । ସାମ୍ବାଦିକଙ୍କ ବିଭିନ୍ନ ଦାବି ସରକାରଙ୍କ ପାଖରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ ବାଚସ୍ପତି ଶ୍ରୀମତି ପାଢୀ । ମୁଖ୍ୟବକ୍ତା ଭାବେ ଅର୍ଥନୀତିଜ୍ଞ ପ୍ରଫେସର କେ.ସି ମିଶ୍ର ଯୋଗ ଦେଇ 'ଡିଜିଟାଲ ଯୁଗରେ ଭାରତର ଚତୁର୍ଥ ସ୍ତମ୍ଭକୁ ବଜାୟ ରଖିବା' ଶୀର୍ଷକ ଆଲୋଚ୍ନାଚକ୍ର ଉପରେ ବକ୍ତବ୍ୟ ରଖିଥିଲେ । ସେହିପରି ଦ୍ୱିତୀୟ ଅଧିବେଶନରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇଥିଲେ । ସାମ୍ବାଦିକମାନଙ୍କୁ ପେନସନ ବ୍ୟବସ୍ଥା ଓ ସାମ୍ବାଦିକ ସୁରକ୍ଷା ଆଇନ ଆଣିବାକୁ ସଂଘ ପକ୍ଷରୁ ଦିଆଯାଇଥିବା ଦାବିକୁ ତୁରନ୍ତ ସରକାର ପୂରଣ କରିବେ ବୋଲି ମନ୍ତ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ । ଜଷ୍ଟିସ ଡିପି ଚୌଧୁରୀ, ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ବାଦିକତାର ଆଇନଗତ ଦିଗ ଓ ଗଣତନ୍ତ୍ର ବ୍ୟବସ୍ଥାରେ ସାମ୍ବାଦିକଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ପ୍ରତିକୂଳ ପରିସ୍ଥିତିରେ କାମ କରି ସାମ୍ବାଦିକମାନେ ସମାଜ ଗଠନର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଓୟୁଡବ୍ଲୁଜେର ସାଧାରଣ ସମ୍ପାଦକ ପବିତ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଜିତ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

**କଳିଙ୍ଗନଗର:** ଏସୟୁଜେ ଦାନଗଦି ଶାଖାରେ ଜାତୀୟ ପ୍ରେସ ଦିବସ ଦାନଗଦି ଭାବନାରେ ସଫଳତାର ସହ ମହାଆଡମ୍ବର ପୂର୍ଣ୍ଣ ଭାବରେ ପାଳନ ହୋଇଯାଇଛି । ଏସୟୁଜେ ଦାନଗଦି ଶାଖା ପକ୍ଷରୁ ରଖା ଯାଇଥିବା 'ଅକାଳରେ ଝଡ଼ିପଡୁଛି ଜୀବନ' ବିଷୟରେ ତୀବ୍ର ଆଲୋଚ୍ନା ଏବଂ ଏହାର ପ୍ରତିକାର ଉପରେ ଅତିଥିମାନେ ମତାମତ ଦେଇଥିଲେ । ବିଭିନ୍ନ କ୍ଷେତ୍ରର ପାରିଦର୍ଶିତା ଲାଭ କରିଥିବା କର୍ମଯୋଗୀଙ୍କୁ



ସମ୍ବର୍ଦ୍ଧନା କରିବା ସହିତ ରାଜ୍ୟ ସାମ୍ବାଦିକ ସଂଘ ଏସୟୁଜେ ଓଡ଼ିଶା-ଯାଜପୁର ଜିଲ୍ଲା ଦାନଗଦି ଶାଖା ପକ୍ଷରୁ ଆଜି ଦାନଗଦି ଭବନ ପରିସରରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଏକ ଗମ୍ଭୀର ଓ ଗୃହୀତ ଆୟୋଜନ କରାଯାଇଲା । ଜିଲ୍ଲା ସଭାପତି ସୁବାସ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୦ଟି ଜିଲ୍ଲାରୁ ପହଞ୍ଚିଥିବା ସାମ୍ବାଦିକମାନେ ଭାଗନେଇ ଆଞ୍ଚଳିକ ସମାବେଶର ରୂପ ସୃଷ୍ଟି କରିଥିଲେ । ଏବାର ପାଳନର କେନ୍ଦ୍ରବିନ୍ଦୁ ଥିଲା, 'ପ୍ରଦୂଷଣ ପାଇଁ ଅକାଳରେ ଝଡ଼ିପଡୁଛି ଜୀବନ' ବିଷୟରେ ଆଲୋଚ୍ନା ଚକ୍ର । ଔଦ୍ୟୋଗିକ ଅଞ୍ଚଳର ପ୍ରଦୂଷଣର ଭୟାବହ ପରିଣାମ, ସ୍ୱାସ୍ଥ୍ୟ ସଙ୍କଟ, ଜନଜୀବନର ଅସୁରକ୍ଷା, ସମସ୍ତ ବିଷୟ ଆଜିର ମଞ୍ଚକୁ ଉଦ୍ଭାସିତ କରିଥିଲା । ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସମବାୟ, ହସ୍ତତନ୍ତ ଏବଂ ବୟନ ଶିଳ୍ପ ମନ୍ତ୍ରୀ ଡ଼. ପ୍ରଦୀପ ବଳସାମନ୍ତ କହିଥିଲେ, 'ସାମ୍ବାଦିକତା ଏକ ପେଶା ନୁହେଁ; ଏହା ସମାଜ ପ୍ରତି ବ୍ରତ । ସତ୍ୟକୁ ଉଜାଗର କରାଇବା ହେଉଛି ସାମ୍ବାଦିକଙ୍କ ପବିତ୍ର କର୍ତ୍ତବ୍ୟ ।' ସେ ପରିବେଶ ସଙ୍କଟକୁ 'ନିରବ ଦୁର୍ଘଟନା' ବୋଲି ଉଲ୍ଲେଖ କରି ଶିଳ୍ପପତି, ପ୍ରଶାସନ ଓ ସମାଜ, ସମସ୍ତଙ୍କ ସଂଯୁକ୍ତ ଉଦ୍ୟମର ଆବଶ୍ୟକତା ଉପରେ ଜୋର ଦେଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ତମ୍ଭକାର ବିରଞ୍ଚି ନାରାୟଣ ଦାସ କହିଥିଲେ, 'ପ୍ରଦୂଷଣ ଏକ ନିରବ ହତ୍ୟାକାରୀ । ଧୀରେ ଧୀରେ ମନିଷ୍ୟ ଓ ପରିବେଶକୁ ଖାଇଦେଉଛି ସାମ୍ବାଦିକମାନେ ଅବସ୍ଥାର ଯଥାର୍ଥ ଚିତ୍ର ସମାଜକୁ ଦେଖାଇବାକୁ ଶକ୍ତିଶାଳୀ ମଞ୍ଚ ।' କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ ପୁଲିସ ପ୍ରଶାସନ ପକ୍ଷରୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ନିଆଯାଉଥିବା ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ ।

**କଟକ:** ପ୍ରେସ କ୍ଲବ, କଟକ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସୂଚ୍ନା କମିଶନର ସୁଶାନ୍ତ କୁମାର ମହାନ୍ତି କହିଲେ ଯେ, ସାମ୍ବାଦିକମାନେ ବହୁ ପ୍ରତିକୁଳ ପରିସ୍ଥିତିରେ କାର୍ଯ୍ୟ କରୁଛନ୍ତି । ତେବେ ସମସ୍ତେ ଏକତ୍ରୀତ ହୋଇ ଉଦ୍ୟମ କଲେ ସାମ୍ବାଦିକମାନଙ୍କ



ବହୁବିଧ ସମସ୍ୟାର ସମାଧାନ ହୋଇପାରିବ । ସୂଚ୍ନା ପାଇବାର ଅଧିକାର (ଆରଟିଆଇ) ବଳରେ ଉନ୍ନତ ସମ୍ବାଦ ପରିବେଷଣ କରାଯାଇ ପାରିବ । ଏହାର ସୁବିଧା ନେବାକୁ ସେ ସାମ୍ବାଦିକମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସୂଚ୍ନା ସେବା ଅଧିକାରୀ ତଥା ଆକାଶବାଣୀ କଟକ ସମ୍ବାଦ ବିଭାଗର ବାର୍ତ୍ତା ସମ୍ପାଦକ ଇତିଶ୍ରୀ ସିଂ ରାଠୋର ଯୋଗଦେଇ କହିଲେ ଯେ, ଯୁବ ସାମ୍ବାଦିକମାନେ ଗଭୀର ଭାବେ ଅଧ୍ୟୟନ କରି ସତ୍ୟ ସମ୍ବାଦ ପରିବେଷଣ କରିବା ଲାଗି ନିଜକୁ ପ୍ରସ୍ତୁତ କରିବା ଉଚ୍ଚିତ । ଏଥିସହିତ ବିଭିନ୍ନ ପ୍ରସଙ୍ଗରେ ଧାରାବାହିକ ଭାବେ ଆଲୋଚ୍ନା ଚକ୍ର କରିବା କ୍ଷେତ୍ରରେ ରାଜ୍ୟର ସର୍ବ ପୂରାତନ ପ୍ରେସ କ୍ଲବ, କଟକ ଉଦ୍ୟମ କରିବା ଉଚ୍ଚିତ ବୋଲି ସେ କହିଥିଲେ । ଓଡ଼ିଶା ଇପିଏଫ ପେନସର୍ସ ସଂଘର ସର୍ବଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା, ସାମ୍ବାଦିକ ରୋହନ ମହାନ୍ତି, ସାହିତ୍ୟ ସଂଗଠକ ଚ୍ତିତ ରଞ୍ଜନ ଦାଶ, ସ୍ତମ୍ଭକାର ତଥା ବିଜେପି ନେତା ସୁନୀଲ ଦ୍ୱିବେଦୀ ଯୋଗ ଦେଇ ଓଡିଆ ସାମ୍ବାଦିକତାର ବିଭିନ୍ନ ଦିଗ ଉପରେ ଆଲୋଚ୍ନା କରିଥିଲେ । ପ୍ରେସ କ୍ଲବର ସଂଯୋଜକ ସାମ୍ବାଦିକ ଆଲୋକ କୁମାର ନାୟକ ସ୍ୱାଗତ ଭାଷଣ ଦେଇ ଆଗାମୀ ଦିନରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ସହ ସାମ୍ବାଦିକମାନଙ୍କ ପେନସନ ପାଇଁ ପ୍ରେସକ୍ଲବ, କଟକ ତା'ର ସ୍ୱରକୁ ତୀବ୍ର କରିବ ବୋଲି କହିଥିଲେ । ବରିଷ୍ଠ ସାମ୍ବାଦିକ ତଥା ସଙ୍ଗୀତକାର ମୁରଲୀ ଧର ନାୟକଙ୍କ ଜଗନ୍ନାଥ ଜଣାଣ ପରିବେଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଅମ୍ଳାନ ବଦନ ପଟ୍ଟନାୟକ, ତପନ ସାହୁ, ପ୍ରତାପ ସେନାପତି, ରବୀନ୍ଦ୍ର ପାଢୀ, ଅଭିଜିତ ଚନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚ୍ଳାନା କରିଥିଲେ । ସାମ୍ବାଦିକ ପ୍ରତାପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ବୈଶିଙ୍ଗା:** ସର୍ବବୃହତ ମୟୁରଭଞ୍ଜ ଜିଲ୍ଲାର ସର୍ବ ପୁରାତନ ସଂଘର ବାର୍ଷିକ ଉତ୍ସବ ଚ୍ଳିତ ମାସ ୨୩ ତାରିଖ ରବିବାରରେ ଅନୁଷ୍ଠିତ ହେବବୋଲି ସ୍ଥିର ହୋଇଛି । ୧୬ ତାରିଖ ଜାତୀୟ ପ୍ରେସ ଦିବସ ପାଳନର ପରବର୍ତ୍ତୀ ରବିବାର ଜିଲ୍ଲାସ୍ତରୀୟ ସାମ୍ବାଦିକମାନଙ୍କର ବାର୍ଷିକ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଡାକ ବଙ୍ଗଳା ପରିସରରେ ଜିଲ୍ଲା ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ରୟାଲ ବଗିଚ୍ା ପରିସରରେ ଏହି ଉତ୍ସବ ଅନୁଷ୍ଠିତ ହେବ । ଏଥିରେ କେତେକ ପ୍ରଶାନିକ ଅଧିକାରୀ, ବରିଷ୍ଠ ସାମ୍ବାଦିକ ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି । ଜିଲ୍ଲା ତଥା ଜିଲ୍ଲା ବାହାରୁ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ସାମ୍ବାଦିକ ବନ୍ଧୁ ଯୋଗଦେବେ ବୋଲି ଜଣାଯାଇଛି । ଅତିଥିଙ୍କୁ କିଭଳି ସମ୍ମାନିତ କରାଯିବ ସେ ସମ୍ପର୍କରେ ଆଲୋଚ୍ନା କରାଯାଇଥିଲା । ସମାଜରେ ଉଲ୍ଲେଖନୀୟ ଅବଦାନ ଥିବା କେତେକ ସମାଜସେବୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯିବାର ନିଷ୍ପତ୍ତି ନିଆଯାଇଥିଲା । ଏହି ବୈଠକରେ ସାମ୍ବାଦିକମାନଙ୍କ ସୁରକ୍ଷା ଓ ସେମାନଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯିବ ବୋଲି ପ୍ରସ୍ତାବ ରହିଛି । ଏହି ବୈଠକରେ ଉପ ସଭାପତି ମୋନଜ ବେହେରା, ସୀତାନାଥ ବେହେରା, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ପରିଚ୍ଳାକ ବିମଳେନ୍ଦୁ ମହାପାତ୍ର, ସଞ୍ଜୟ ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି, ମାଣିକ ଲାଲ ପାଣି, ତରୁଣ କୁମାର ଦାଶ, ସ୍ୱରୂପ ପଟ୍ଟନାୟକ, ମିଳନ କୁମାର ବେହେରା ପ୍ରମୁଖ ଯୋଗଦାନ କରି ଆଲୋଚ୍ନାରେ ଅଂଶ ଗ୍ରହଣ କରିଥିଲେ ।

# ଦେବ ଦୀପାବଳୀରେ ୨୦ ହଜାର ଦୀପ ଜାଳିବ ହାପି ଲିଭିଙ୍ଗ ଫାଉଣ୍ଡେସନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ଦେବଦୀପାବଳୀ ଉପଲକ୍ଷେ ଭୁବନେଶ୍ୱରର ଶ୍ରୀରାମ ମନ୍ଦିରଠାରେ ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ ଓ ବିଶ୍ୱଶାନ୍ତି ପାଇଁ ଏକ ଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଓ କୋଡିଏ ହଜାର ଘିଅଦୀପ ପ୍ରଜ୍ୱଳନ କରାଯିବ । ବୁଦ୍ଧ ମନ୍ଦିରଠାରେ ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ବିଦ୍ୱାନ, ସମାଜସେବୀ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଲେ ଯେ, ଆମ ସଂସ୍କୃତି ଓ ପରମ୍ପରାରେ ଶ୍ରୀମନ୍ଦିର ଓ ଶ୍ରୀ ଜଗନ୍ନାଥଙ୍କୁ ସମସ୍ତ କାମରେ ସଂମ୍ପୃକ୍ତ କରାଯାଇଛି । ଦେବ ଦୀପାବଳୀ ଉତ୍ସବ ୩ ଦିନ ଧରି ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ କରାଯାଇଥାଏ । ମାର୍ଗଶୀର ମାସ କୃଷ୍ଣ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ଆଦି ତିନିଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରାଦ୍ଧ ବେଶହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାଆନ୍ତି । ଚର୍ତୁଦଶୀ ଦିନ ମାତା ଅଦିତି ଓ କଶ୍ୟପଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯାଉଥିବା ବେଳେ ଅମାବାସ୍ୟା ଦିନ ଦଶରଥ, କୌଶଲ୍ୟା ଓ ଶୁକ୍ଳ ପ୍ରତିପଦାରେ ନନ୍ଦ, ଯଶୋଦା, ଦେବକୀ, ବାସୁଦେବ, ଇନ୍ଦ୍ରଦ୍ୟୁମ୍ନ ଓ ମା ଗୁଣ୍ଡିଚାଙ୍କ ପ୍ରତି ପ୍ରଦୀପ ଉତ୍ସର୍ଗ କରାଯିବାର ପରମ୍ପରା ଚଳି ଆସୁଛି । ସେହି ପବିତ୍ର କାର୍ଯ୍ୟକ୍ରମକୁ ସ୍ମରଣକରି ବିଗତ ୯ ବର୍ଷ ହେବ ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱର ପ୍ରତ୍ୟେକ ପ୍ରାଣୀର କଲ୍ୟାଣ




ପାଇଁ ଦୀପଦାନ କରାଯାଉଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଆସନ୍ତା ନଭେମ୍ବର ମାସ ୨୦ ତାରିଖ ଗୁରୁବାର ଦିନ ସନ୍ଧ୍ୟା ୫ଟା ସମୟରେ ୟୁନିଟ୍-୩ ଶ୍ରୀରାମ ମନ୍ଦିର ପରିସରରେ ୨୦,୦୦୦ ଘୃତ ଦୀପ ପ୍ରଜ୍ୱଳିତ କରାଯିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିବା ସହିତ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରିବେ । ସଂସ୍କୃତି, ଉଚ୍ଚଶିକ୍ଷା, ଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ସାସ୍ଥ୍ୟ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମାହାଲିଙ୍ଗ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି ।

ଅନୁଷ୍ଠାନର ପ୍ରତିଷ୍ଠାତା ବାସ୍ତୁବିତ୍ ଡ. ମନୋଜ ଲେଙ୍କା କହିଲେ ଯେ, ଏହି ଦିନ ପରିବାରର ମଙ୍ଗଳ ପାଇଁ ଓଡିଶାର ପ୍ରତ୍ୟେକ ଗୃହସ୍ଥ ନିଜର ପିତାମାତା ଓ ଗୁରୁଜନଙ୍କ ଉଦ୍ଦେଶ୍ୟରେ ଘୃତ ଦୀପଟିଏ ଜାଳିଁଲେ ମାନସିକ ଶାନ୍ତି ପାଇବା ସହ ପରିବାରର ମଙ୍ଗଳ ହେବ । ଏହା ସହିତ ଓଡିଶାର ଜନସାଧାରଣଙ୍କୁ ଏହି ମହତ୍ କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ଯୋଗଦେଇ ପୁଣ୍ୟ ଅର୍ଜନ କରିବାକୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭାରତ ତଥା ଓଡିଶାର ବହୁ ସାଧୁସନ୍ଥ, ସଂସ୍କୃତିପ୍ରେମୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେବର କାର୍ଯ୍ୟକ୍ରମ ରହିଛି । ଏହା ସହିତ ଫାଉଣ୍ଡେସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଇଂଜିନିୟର ସନ୍ତୋଷ ସାଇଁ ଏବଂ କାର୍ଯ୍ୟକାରୀ ସଂପାଦକ ପ୍ରଭାତ କୁମାର ନାୟକ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜନସାଧାରଣଙ୍କର ସହଯୋଗ କାମନା କରିଛନ୍ତି ।

# ମାର୍ଶାଘାଇରେ ଜାତୀୟ ପ୍ରେସ ଡେ

**ମାର୍ଶାଘାଇ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ପ୍ରେସ ଦିବସ ଅବସରରେ ମାର୍ଶାଘାଇ ପ୍ରେସ କ୍ଲବ ତରଫରୁ ଓରିଏଣ୍ଟାଲ କ୍ଲବ ପରିସରରେ ପ୍ରେସ ଦିବସ ପାଳିତ ହୋଇଯାଇଛି । ପ୍ରେସ କ୍ଲବର ସଭାପତି ମାଧବ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକମାନେ ଏକତ୍ରିତ ହୋଇ ପ୍ରେସ ଦିବସ ରେ ସାମ୍ବାଦିକ ମାନଙ୍କ ଭୂମିକା ଓ ସାମ୍ବାଦିକମାନଙ୍କ ସୁରକ୍ଷାକୁ ନେଇ ଆଲୋଚନା ହେଇଥିଲା । ସାମ୍ବାଦିକ ମାନେ ଭ୍ରମାତ୍ମକ ଖବରରୁ ଦୂରେଇ ରହି ସତ୍ୟ ଓ ଗଠନ ମୂଳକ ଖବର ଉପରେ ଗୁରୁତ୍ୱ ଦେବା ନେଇ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅତିଥିଭାବରେ ଅଧାପକ ସୁକାନ୍ତ ପ୍ରଧାନ ଯୋଗଦେଇଥିଲେ । ସାମ୍ବାଦିକ ହିମାଂଶୁ ଶେଖର ନାୟକ, ପ୍ରମୋଦ ଦାସ,ପ୍ଳାବନ ସ୍ୱାଇଁ, ବିଚିତ୍ରାନନ୍ଦ ବେହେରା, ଶୁଭେନ୍ଦୁ ପ୍ରକାଶ ଦାସ, ଶୁଭେନ୍ଦୁ ଚୌଧୁରୀ, ସୂର୍ଯ୍ୟକାନ୍ତ ଦାଶ, କମଳଲୋଚନ ସାମଲ, ବିଶ୍ୱଜିତ ପ୍ରଧାନ, ମନୋଜ ଦାସ, ପ୍ରଶାନ୍ତ ବେହେରା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁବାସ ସାହୁଙ୍କ ସମେତ ସମସ୍ତ ବୈଦ୍ୟୁତିକ,ମୁଦ୍ରଣ ୱେବ୍ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ ।

# ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସଂଘର ବୈଠକ

**ଭୁବନେଶ୍ୱର,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ବାର୍ଷିକ ସାଧାରଣ ବୈଠକ ଏହାର ସଭାପତି ଡକ୍ଟର ସତ୍ୟଜିତ ମହାନ୍ତିଙ୍କ ପୌରୋହିତ୍ୟରେ ସଂଘର ସ୍ଥାୟୀ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ସଂଘ ସମ୍ପର୍କରେ ସମ୍ୟକ ସୂଚନା ଦେବା ସହିତ ସମସ୍ତ ସଦସ୍ୟ ଓ ସଦସ୍ୟାମାନଙ୍କୁ ସ୍ୱାଗତ ଜରିଥିଲେ । ସଦସ୍ୟ ଓ ସଦସ୍ୟାମାନଙ୍କ ମଧ୍ୟରେ ପରିଚୟ ପର୍ବ ପରେ ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ଦାସ ସଂଘର ବିଗତ ବର୍ଷର କାର୍ଯ୍ୟକଳାପ ସମ୍ପର୍କରେ ବିଶଦ ବିବରଣୀ ଦେବା ସହିତ ଆଗାମୀ ବର୍ଷର କାର୍ଯ୍ୟ କାର୍ଯ୍ୟକସୂଚୀର ସଂକ୍ଷିପ୍ତ ସୂଚନା ଦେଇଥିଲେ । ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧିତ ଆଇନ ଅନୁସାରେ ସିନେଟ ଗଠନର ବ୍ୟବସ୍ଥା କରି ଏଥିରେ ପୁରାତନ ଛାତ୍ରସଂଘର ପ୍ରତିନିଧିତ୍ୱ ବ୍ୟବସ୍ଥା କରିଥିବାରୁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା । କୋଷାଧ୍ୟକ୍ଷ ଡକ୍ଟର ଅମୀୟ କୁମାର ମହାନ୍ତି ସଂଘର ଆର୍ଥିକ ବିବରଣୀ ସହିତ ଅଡିଟେଡ ବାଲାନ୍ସସିଟ ଉପସ୍ଥାପନ କରିଥିଲେ । ଛାତ୍ରସଂଘର କାର୍ଯ୍ୟକଳାପ ଓ ବିଶ୍ୱବିଦ୍ୟାଳୟର ଉନ୍ନତିକଳ୍ପେ ଏକ ବିଶେଷ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ସଦସ୍ୟ ଓ ସଦସ୍ୟାମାନେ ବହୁସଂଖ୍ୟାରେ ଯୋଗଦେଇ ସ୍ୱକୀୟ ମତାମତ ରଖିଥିଲେ । ଯୁଗ୍ମ ସମ୍ପାଦକ ଡକ୍ଟର ବୀରକିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଉପସଭାପତି ରଘୁନାଥ ପୃଷ୍ଟି ବୈଠକଟିକୁ ପରିଚାଳନା କରିଥିଲେ । ଯୁଗ୍ମ କୋଷାଧକ୍ଷ ସନ୍ତୋଷ କୁମାର ମହାପାତ୍ର ବୈଠକଟିକୁ ପରିଚାଳନା କରିବାରେ ସହାୟତା କରିଥିଲେ ।

# ସପ୍ତମ ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି

**ରାଜନଗର,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ଅନନ୍ୟ ସାଗରବେଳା ମହୋତ୍ସବର ସପ୍ତମ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ ପରିଷଦର ସଭାପତି ଡା.ଅଭୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସମ୍ପାଦକ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ପୂର୍ବ ବିବରଣୀ ପାଠ କରିଥିଲେ ଏବଂ ଏହା ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଥିଲା । ୭ମ ବେଳାଭୂମି ମହୋତ୍ସବ ପାଳନ ସହ ମହୋତ୍ସବ ମୁଖପତ୍ର 'ସାଗରବେଳା' ପ୍ରକାଶ ପାଇଁ ମତପ୍ରକାଶ ପାଇଥିଲା । ମୁଖପତ୍ର ପ୍ରକାଶ ଦାୟିତ୍ୱ ଡଃ ଧରଣୀଧର ରାଉତଙ୍କୁ ଅର୍ପଣ କରାଗଲା । ବୈଠକରେ ଡଃ ସୁବାସ ଚନ୍ଦ୍ର ପ୍ରଧାନ, ଅନିଲ କୁମାର ବଳ, ପ୍ରାଧ୍ୟାପକ ଅଭିତ୍ତ କୁମାର ସ୍ୱାଇଁ, ମହେଶ୍ୱର ରାଉତ, କ୍ଷୀରୋଦ କୁମାର ମଲ୍ଲିକ, ସୀତାକାନ୍ତ ରାଉଳ, ବିଜୟ କୁମାର ଜେନା, ମେଜର ଗଗନ ବିହାରୀ ସ୍ୱାଇଁ, ଅଚ୍ଚୁତା ନନ୍ଦ ପ୍ରଧାନ, କୈଳାଶ ଚନ୍ଦ୍ର ରାଉତ, ସର୍ବେଶ୍ୱର ମହାନ୍ତି, ବୀରକିଶୋର ଜେନା, ସୁରେଶ କୁମାର ନରେନ୍ଦ୍ର ପ୍ରଭୃତି କର୍ମକର୍ତ୍ତାମାନେ ଯୋଗଦେଇ ଗଠନମୂଳକ ପ୍ରସ୍ତାବମାନ ଦେଇଥିଲେ । ଆଗାମୀ ମହୋତ୍ସବକୁ ସରସ ସୁନ୍ଦର ସହ ପାଳନ କରିବା ସହିତ ବରପୁତ୍ର ମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଗଲା । ଅଧାପିକା ଭଗବତୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ

**କୋଣାର୍କ: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାସ୍ତରୀୟ ଜନଜାତି ଗୌରବ ଦିବସ କୋଣାର୍କ ଜନଜାତି ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନଜାତିମାନଙ୍କର ବିକାଶ ଓ ଉନ୍ନୟନ ପାଇଁ ସରକାରଙ୍କ ଉଦ୍ୟମ ସମ୍ପର୍କରେ ଆଲୋକପାତ କରିବା ସହ ଭଗବାନ ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବିର୍ସାମୁଣ୍ଡା ଜନଜାତି ବର୍ଗର ଉନ୍ନତି ପାଇଁ ଯେଉଁ ସଂଘର୍ଷ କରିଥିଲେ ତାହା ର ସୁଫଳ ଆଜି ସେହି ବର୍ଗ ପାଇ ପାରୁଛନ୍ତି ବୋଲି କହିଥିଲେ । ପୁରୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଳମାଧବ ଭୋଇ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ଶ୍ରୀ ଭୋଇ ଛାତ୍ରଛାତ୍ରୀଙ୍କ ନିଜସ୍ୱ ପ୍ରତିଭାର ବିକାଶ ସହ ଉନ୍ନତ ଚ୍ରିତ୍ର ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ଛାତ୍ର ଜୀବନ ମଣିଷ ହୋଇ ଗଢିହେବା ପାଇଁ ଶ୍ରେଷ୍ଠ




ସମୟ । ଏହାକୁ ସଠିକ ଉପଯୋଗ ପାଇଁ ଶ୍ରୀ ଭୋଇ ପରାମର୍ଶ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସୂଚ୍ନା ବିଜ୍ଞାନ କେନ୍ଦ୍ରର ଡିଆଇଓ ବିଶ୍ୱନାଥ ପଣ୍ଡା, ସୂଚ୍ନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ଏନଏସିର ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, ସହକାରୀ ମଙ୍ଗଳ ଅଧିକାରୀ ଅମିତା ମିଶ୍ର, ପ୍ରଭାତ କୁମାର ସିଂହ, ବିଭିନ୍ନ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଯୋଗଦେଇ ଥିଲେ । ଏହି ଅବସରରେ ସଫଳତା ହାସଲ କରିଥିବା ଜନଜାତୀୟ ଛାତ୍ରଛାତ୍ରୀ ଓ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ଜନଜାତି ବର୍ଗର ଛାତ୍ରଛାତ୍ରୀ ସେମାନଙ୍କ ବର୍ଗର ପରମ୍ପରା ସମ୍ପର୍କରେ ଉପସ୍ଥାପନ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଅତିଥିମାନେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ଓ ଜନଜାତି ମେଳାକୁ ଅତିଥିମାନେ ପରିଦର୍ଶନ କରିବା ସହ ଜନଜାତି ଗୌରବ ବିଭିନ୍ନ ମହାପୁରୁଷଙ୍କ ଫଟୋ ପ୍ରଦର୍ଶନୀକୁ ବୁଲି ଦେଖି ଥିଲେ । ଶେଷରେ ଶିକ୍ଷକ ସତ୍ୟ ସୁନ୍ଦର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁଗ୍ମ ଅଭିଯୋଗ ଶୁଣାଣି

**କାଶୀପୁର /ରାୟଗଡ,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରୋକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ମନୀଷା ଦାସ, ଉପଜିଲ୍ଲାପାଳ ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବି ସରୋଜିନୀ ଦେବୀ, ସାମ୍ନନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ର ପ୍ରକଳ୍ପ ପ୍ରଶାସକ, ଚନ୍ଦ୍ରକାନ୍ତ ମାଝୀ, ସମିତି ଅଧ୍ୟକ୍ଷ, କଣ୍ଟମାଝି, ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ସୋମବାର ମୋଟ ୧୪୧ଟି ଅଭିଯୋଗ ଆସିଥିଲା ସେଥି ମଧ୍ୟରୁ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୫୩ଟି ଗ୍ରାମବାସୀମାନଙ୍କର ସାମୂହିକ ଅଭିଯୋଗ ଥିଲା । ଜଣକୁ ରେଡ କ୍ରସ ପାଣ୍ଠିରୁ ପାଞ୍ଚ ହଜାର ଟଙ୍କା ଏବଂ ଆଉଜଣକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ତିରିଶ ହଜାର ଜିଲ୍ଲାପାଳ ପ୍ରଦାନ କରିଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

**ରାଜନଗର,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ସ୍ଥାନୀୟ ଶୈଳେନ୍ଦ୍ରନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି କୃପାସିନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ କାର୍ଯ୍ୟକାରୀ ସଭାପତି ଅନିଲକୁମାର ବଳ ପରିଚାଳନା କରିଥିଲେ । ସଂପାଦକ ବିଜୟକୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକକୁ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର ଉଦ୍‌ଘାଟନ କରିଥିଲେ । ଆଜିର ବୈଠକରେ ବିଭିନ୍ନ ମୌଳିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ନିୟମିତ ସଦସ୍ୟତା ଦେୟ ଆଦାୟ, କର୍ମଚାରୀମାନଙ୍କର ସମସ୍ୟା ସମାଧାନ, ଅଷ୍ଟମ ନେତନ କମିଶନ ଉପରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ, ଜମି ଅଧିଗ୍ରହଣ, କମିଟିର ନବୀକରଣ ଉପରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ପ୍ରାକ୍ତନ ବିଇଓ ନଳିନୀରଂଜନ ରାଉତରାୟ, ସୁବାଷ ଚନ୍ଦ୍ର ବିଶ୍ୱାଳ, ନନ୍ଦକିଶୋର ସ୍ୱାଇଁ, ଉପେନ୍ଦ୍ର ସ୍ୱାଇଁ, ରମେଶଚନ୍ଦ୍ର ସାହୁ, ସର୍ବେଶ୍ୱର ମହାନ୍ତି, ମହେଶ୍ୱର ରାଉତ, କ୍ଷୀରୋଦ ମଲ୍ଲିକ, ବ୍ରହ୍ମାନନ୍ଦ ରାଉତ, ଅଭିରାମ ପତି, ଦଶରଥୀ ଲେଙ୍କା ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ । ମହେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନସଚେତନତା ପାଇଁ ସାଇକେଲ ଶୋଭାଯାତ୍ରା



**ଖୋର୍ଦ୍ଧା,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ବୃନ୍ଦା ସଙ୍ଗଠନ ମଜଲିସ ଅନସାରୁଲ୍ଲାଃ ପକ୍ଷରୁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଇକେଲ ଚ୍ଳାଅ ସୁସ୍ଥ ରୁହ, ମଣିଷ ସୁସ୍ଥ ରହିଲେ ହିଁ ସୁସ୍ଥ ସମାଜ ଗଢିପାରିବ ବୋଲି ଜନସଚେତନତାର ବାର୍ତ୍ତା ଦେଇଥିଲେ । ଏହି ସାଇକେଲ ଶୋଭାଯାତ୍ରା ସକାଳ ୭ଟାରେ କେରଙ୍ଗ ମାର୍କେଟ ଠାରୁ ବାହାରି କୁଣ୍ଡିଲୋ, ଠାକୁରପଡା, ବରସାହି ରାସ୍ତା ଦେଇ କେରଙ୍ଗ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରାକୁ ଜଇମ ଆଲା ମଜଲିସ ଅନସାରୁଲା ଅମଜାଦ ଖାନ ସଞ୍ଚାଳନ କରିଥିଲେ । କେରଙ୍ଗ ଗ୍ରାମ ସଭାପତି ଓ୍ୱସିମ ଅହମ୍ମଦ ନିରବ ପ୍ରାର୍ଥନା ସହ ଏହାର ଶୁଭାରମ୍ଭ କରିଥିଲେ । ଜିଲା ସଭାପତି ମଜଲିସ ଅନସାରୁଲ୍ଲାଃ ମେରାଜ ଅହମଦ ଯୋଗଦେଇ କହିଥିଲେ ଯେ, ସାଇକେଲ ଚ୍ଳାଅ ସୁସ୍ଥ ରୁହ । ମଣିଷ ସୁସ୍ଥ ରହିଲେ ହିଁ ସୁସ୍ଥ ସମାଜ ଗଢିପାରିବ । ଏହି ଶୋଭାଯାତ୍ରାରେ ସୋଏବ ଅହମ୍ମଦ, ସେକ୍ ହବିବ, ମୌଲାନ ସୟଦ ଫଜଲେ ନଇମ, ମୌଲବି ଅବୁବକର ସିଦ୍ଦିକଙ୍କ ବ୍ୟତୀତ ୪୦ରୁ ଉର୍ଦ୍ଧ୍ୱ ଅନସାର ଖୁଦାମ ଓ ଅତଫାଲମାନେ ଯୋଗ ଦେଇଥିଲେ ।

# ପଞ୍ଚାୟତ ପିଅନ ସଂଘର ବୈଠକ

**ରାଜନଗର,୧୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ମହିଁଷାସୁର ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହ ପରିସରରେ ପଞ୍ଚାୟତ ପିଅନ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଂଘର ସଭାପତି ବିଷ୍ଣୁଚରଣ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପିଅନମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା । ପଞ୍ଚାୟତ ପିଅନମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ନିୟମିତ ଦରମା ପ୍ରଦାନ କରିବା, ଓଡ଼ିଶା ଗ୍ରାମପଞ୍ଚାୟତ ୨୦୧୪/ ୧୨୫ ନିୟମକୁ ଉଚ୍ଛେଦ କରି ୧୯୬୪/୧୨୩ ଆଇନକୁ ବିଧାନ ସଭାରେ ଉପସ୍ଥାପନ କରାଯାଇ ପଞ୍ଚାୟତରେ ନିଯୁକ୍ତି ପିଅନଙ୍କୁ ଶ୍ରମ ଓ ନିୟୋଜନ ବିଭାଗ ନିର୍ଦ୍ଧାରିତ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ନିପୁଣ କୁଶଳୀ ବର୍ଗରେ ସାମିଲ କରାଯାଇ ଦୈନିକ ସର୍ବନିମ୍ନ ମଜୁରୀ ୬ଶହ ଟଙ୍କା ପ୍ରଦାନ ନିମନ୍ତେ ପଞ୍ଚାୟତକୁ ସର୍କୁଲାର ପଠାଇବା ପାଇଁ ଆଲୋଚନା କରାଯାଇଥିଲା । ମାସକୁ ସର୍ବନିମ୍ନ ଦରମା ୧୮ହଜାର ଟଙ୍କା ପ୍ରଦାନ କରିବା, ପଞ୍ଚାୟତ ବିଧି ବ୍ୟବସ୍ଥାରେ ପିଅନମାନଙ୍କୁ ଅର୍ନ୍ତଭୁକ୍ତ କରିବା, ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ପଞ୍ଚାୟତରାଜ ବିଭାଗରେ କର୍ମଚାରୀଙ୍କ ତାଲିକାକୁ ପିକରଣ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା, ପଞ୍ଚାୟତରାଜ ଓ ଅର୍ଥବିଭାଗ ବରିଷ୍ଠ ଅଧିକାରୀଙ୍କ ସହ ସଂଘ ପ୍ରତିନିଧିଙ୍କୁ ନେଇ ହାଇପାୱାର କମିଟି ଗଠନ, ଅର୍ଥ ବିଭାଗରେ ସ୍ୱତନ୍ତ୍ର ବଜେଟ ରଖିବା, ଶିକ୍ଷାଗତ ଭିତିରେ ପଦୋନ୍ନତି ଦେବା, ୬୦ବର୍ଷ ପରେ ପେନସନର ବ୍ୟବସ୍ଥା କରିବା ପ୍ରଭୃତି ବିଭିନ୍ନ ଦାବୀ ସଂପର୍କରେ ଆଲୋଚନା କରାଯାଇଥିଲା । ସଂଘର ସଂପାଦକ ବଳରାମ ରାଉତଙ୍କ ସଂଯୋଜନାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ସାମ୍ବାଦିକ ବିଜୟକୁମାର ଗୁପ୍ତା ଓ ଦୋଳଗୋବିନ୍ଦ ଜେନା ଜେନା ଯୋଗଦେଇ ପଞ୍ଚାୟତ ପିଅନମାନଙ୍କର ଦାବି ଯଥାର୍ଥ । ସରକାର ସେମାନଙ୍କର ବିଚାର କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସରକାର ପିଅନମାନଙ୍କୁ ଅବହେଳା କରୁଥିବା ନେଇ ଝା ଓ ଖୋଳ ବଜାଇ ଅଭିନବ ଉପାୟରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମକୁ କମଳାକାନ୍ତ ରାଉଳ, ଅର୍ଜୁନ ବେହେରା, ପ୍ରତାପ ଖଣ୍ଡୁଆଳ, ବାସୁଦେବ ଜେନା, ପାରେଶ୍ୱର ଜେନା, କମଳାକାନ୍ତ ସାହୁ, ଅଚ୍ୟୁତ ଚଣ୍ଡ, ଶୁଶାନ୍ତ ଦାସ, ଅଜେଶ ସ୍ୱାଇଁ, ପିଟୁଂ ପୃଷ୍ଟି, ଦିଲ୍ଲିପ ମାଝି, ଶରତ ରାଉତ, ପ୍ରହଲ୍ଲାଦ ପରିଡା, ତାପସ ମଣ୍ଡଳ, ରାଜେନ୍ଦ୍ର ଗିରି, ପ୍ରମୋଦ ବାରିକ, ପ୍ରଫୁଲ୍ଲ ବିଶ୍ୱାଳ, ପ୍ରଦୀପ ବିଶ୍ୱାଳ, ପ୍ରକାଶ ଖିଲାର, ଚନ୍ଦ୍ରଶେଖର ମହାନ୍ତି, ବିଚିତ୍ର ସାହୁ, ବାସୁଦେବ ସାହୁଙ୍କ ସହ ସମସ୍ତ ପିଅନମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡାରେ ଚ଼ମକିଲେ ରାୟଗଡ ଖେଳାଳି

**ରାୟଗଡ: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ୬୯ତମ ରାଜ୍ୟ ସ୍ତରୀୟ ଚଉଦ ବର୍ଷ ଓ ସତର ବର୍ଷରୁ କମ, ବିଦ୍ୟାଳୟ ଆଥଲେଟିକ୍ସ, ବେସବଲ ଓ ସଫ୍ଟବଲ ପ୍ରତିଯୋଗିତା ଚ଼ଳିତ ନଭେମ୍ବର ୧୩ରୁ ୧୫ ତାରିଖ ମଧ୍ୟରେ ବାଲେଶ୍ୱରସ୍ଥିତ ଖ୍ରୀଷ୍ଟିୟାନ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ ଜିଲ୍ଲାରୁ ଅଠଚାଳିଶ ଜଣ ଖେଳାଳି ଅଂଶଗ୍ରହଣ କରି ନିଜର ପାରଦର୍ଶିତା ପ୍ରତିପାଦିତ କରିଛନ୍ତି । ଖେଳାଳିମାନେ ତିନୋଟି କପ, ଚାରୋଟି ମେଡାଲ ଓ ଜିଲ୍ଲାର ସଫଳତା ପାଇଁ ଏକ ସ୍ୱତନ୍ତ୍ର ଟ୍ରଫି ନେଇ ସୋମବାର ଦିନ ଭୋର ଟ୍ରେନଯୋଗେ ରାୟଗଡରେ ପହଞ୍ଚିଥିଲେ । ରେଳଷ୍ଟେସନରେ ହେଡକୋଚ୍, ମାନେଜର ସମେତ ସମସ୍ତ ଖେଳାଳିଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସ୍ୱାଗତ କରାଯାଇଥିଲା । ଜିଲ୍ଲା ଶିକ୍ଷାଧିକାରୀ ରାମଚନ୍ଦ୍ର ନାହକ, ଏଡିଇଓ ଭଜନଲାଲ ମାଝୀ, ଏଡିଇଓ ଶାନ୍ତିଲତା ମୁନୀ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲ୍ଲୀନୂର, ଜିଲ୍ଲାଶିକ୍ଷା କ୍ରିଡା ନିରିକ୍ଷକ ହରିହର ପାତ୍ର, ଏୟୁପିଟିଏଫ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୀଳାଞ୍ଚଳ ମିଶ୍ର, ଶୁରେଶ ପଟ୍ଟନାୟକ ନରେଶ ସ୍ୱାଇସିଂ ସମେତ ଜିଲ୍ଲାର କ୍ରୀଡା ଶିକ୍ଷକ ବୃନ୍ଦ ଭୋର ସକାଳୁ ରାୟଗଡ ରେଳ ଷ୍ଟେସନରେ ପହଞ୍ଚି ସମସ୍ତ ଖେଳାଳିଙ୍କୁ ସସମ୍ମାନେ ସ୍ୱାଗତ କରିଥିଲେ । ରାଜ୍ୟ ଆଥଲେଟିକ୍ସ ୩୦୦୦ ମିଟର ଦୌଡରେ ପୋଲମା ଉଚ୍ଚବିଦ୍ୟାଳୟର ଲଳିତା ତଇକା ବ୍ରୋଞ୍ଜ ମେଡାଲ, ୨୦୦ ମିଟର ଦୌଡରେ ପୋଲମା ଉଚ୍ଚବିଦ୍ୟାଳୟର ମୌସୁମୀ ମାଝୀ ସିଲଭର ମେଡାଲ, ସଟପୁଟ ରେ ଡୁକୁମ ଉଚ୍ଚ ବିଦ୍ୟାଳୟର ରେଖା ଜଗେରେଙ୍ଗା ବ୍ରୋଞ୍ଜ ମେଡାଲ ହାସଲ କରିଛନ୍ତି । ୪୦୦ ମିଟର ହଡଲସ୍ ଦୌଡରେ ନାରାୟଣପୁର ଉଚ୍ଚ ବିଦ୍ୟାଳୟର ଦିପିକା ମିଣିଆକା ରାୟଗଡ ଜିଲ୍ଲା ପାଇଁ ପ୍ରଥମ କରି ବ୍ରୋଞ୍ଜ ମେଡାଲ ଆଣି ଇତିହାସ ସୃଷ୍ଟି କରିଛନ୍ତି । ଏତଦବ୍ୟତୀତ ବାଳିକା ବେସବଲ ଓ ଉଭୟ ବାଳକ ଓ ବାଳିକା ସଫ୍ଟବଲ ପ୍ରତିଯୋଗିତାରେ ରାଜ୍ୟସ୍ତରରେ ଏଭଳି ତିନୋଟି ରନର କପ ହାସଲ କରି ରାୟଗଡ ଜିଲ୍ଲାର ଗାରିମାକୁ ଅଧିକ ସମୃଦ୍ଧ କରିଛନ୍ତି ।

# ଇଂଜିନିୟର୍ ସରିତା ଶତପଥୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାଙ୍କୀ,୧୭।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ବ୍ଲକ ଅନ୍ତର୍ଗତ ପଥୁରୀପଡା ଗ୍ରାମର ଆଇନଜୀବୀ ଜୟପ୍ରକାଶ ମିଶ୍ରଙ୍କ ଧର୍ମପତ୍ନୀ ସ୍ୱର୍ଗତା ଇଂ.ସରିତା ଶତପଥୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ପଥୁରୀପଡାସ୍ଥ ବିଦ୍ୟାନଗର ସାହି ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଗ୍ରାମର ମୁରବୀ ତଥା ସମାଜସେବୀ ବିଜୟ କୁମାର ପ୍ରତିହାରୀ ସଭାପତିତ୍ୱ କରିଥିଲେ । ଅତିଥିମାନେ ସ୍ୱର୍ଗତା ଇଂ.ଶତପଥୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏହି ସଭାକୁ ସଞ୍ଚାଳନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସ୍ଥାନୀୟ ମହାବେରଣା କ୍ଲବର ସଂପାଦକ ସଦାଶିବ ଦାସ



ଯୋଗଦାନ କରି ସ୍ୱର୍ଗତା ଇଂ.ଶତପଥୀଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦାନ କରି ସ୍ୱର୍ଗତା ଇଂ.ଶତପଥୀ ଜଣେ ସ୍ନେହବତ୍ସଳା ଓ ଦରଦି ମହିଳା ଭାବେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, କବି ରବିନାରାୟଣ ମଙ୍ଗରାଜ, ପୂର୍ବତନ ବାଙ୍କୀ ବ୍ଲକ ଅଧ୍ୟକ୍ଷ କାହ୍ନୁଚରଣ ସିଂହ, ଅଧ୍ୟାପକ ଆଶିଷ କୁମାର ପାଢୀ, ପୂର୍ବତନ ପ୍ରଧାନ ଶିକ୍ଷକ ମଧୁସୂଦନ ମହାପାତ୍ର, ଯୁବସମାଜସେବୀ ଜ୍ୟୋତିରଞ୍ଜନ ରାଉତ, ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ କୁମର ବେହେରା, ଶିକ୍ଷାବିତ୍ ପିତବାସ ପଟ୍ଟନାୟକ, ଶିକ୍ଷକ ସାଗର ଜେନା, ଜିତେନ୍ଦ୍ର କୁମାର ସାହୁ, ତ୍ରିନାଥ ବେହେରା, ତ୍ରିପତି କୁମାର ମୂଳିଆ, ମାନସ କର, ସୁନୀଲ କୁମାର ମାନ୍ଧତା, ପ୍ରଭାତ ଦାସ, ବୈକୁଣ୍ଠ ନାଥ ମୁଦୁଲି, ଯଦୁମଣି ରଣା ପ୍ରମୁଖ ଯୋଗଦାନ କରି ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ହରେକୃଷ୍ଣ ପ୍ରଧାନ ଓ ସଦାଶିବ ଦାସ ସହଯୋଗ କରିଥିଲେ । ଶେଷରେ ଧରଣୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା-ୱାରୀ କିସ ଅଭିଭାବକ ସମ୍ମିଳନୀ

**ଭୁବନେଶ୍ୱର: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ କିସ୍‌ରେ କିସ୍ ଛାତ୍ରଛାତ୍ରୀ ଅଭିଭାବକଙ୍କ ସମ୍ମିଳନୀ ଅନୁଷ୍ଠିତ ହୁଏ । ଏଥିରେ ଓଡ଼ିଶା ଓ ବାହାର ରାଜ୍ୟରୁ କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଲକ୍ଷାଧିକ ଅଭିଭାବକ କିସ୍‌ରେ ପହଞ୍ଚି ସମ୍ମିଳନୀରେ ଯୋଗ ଦେଇଥାନ୍ତି । ଚଳିତ ବର୍ଷ ଏହି ସମ୍ମିଳନୀ ଆୟୋଜନ ନେଇ ଆଜି କିସ୍ ପରିସରରେ କିସ୍ ଅଭିଭାବକ ସଂଘର ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଜନଜାତି ଅଭିଭାବକ ପ୍ରତିନିଧି ଓ କିସ୍ ଅଭିଭାବକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ କିସ୍‌ରେ ହେଉଥିବା ମେଗା ଅଭିଭାବକ ସମ୍ମିଳନୀ କିସ୍‌ରେ ନ କରି ପ୍ରତି ଜିଲ୍ଲାରେ କରିବା ପାଇଁ ସେମାନେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅନୁରୋଧ କରିଥିଲେ । ସେମାନଙ୍କ ପ୍ରସ୍ତାବକୁ ଶ୍ରୀ ସାମନ୍ତ ସମ୍ମତି ପ୍ରକାଶ କରିବା ସହ ଜିଲ୍ଲାୱାରୀ ଅଭିଭାବକ ସମ୍ମିଳନୀ କରାଯିବ ବୋଲି ପ୍ରକାଶ କରିଥିଲେ । ଆସନ୍ତା ଡିସେମ୍ବର ମାସରୁ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ ।

ଶ୍ରୀ ସାମନ୍ତ ପ୍ରତିଶ୍ରୁତି ପରେ ପ୍ରତିଜିଲ୍ଲାରେ ଅଭିଭାବକ ସମ୍ମିଳନୀ ହେଉଥିବା ଜାଣି ଅଭିଭାବକ ସଂଘର ସଦସ୍ୟମାନେ ଖୁସି ବ୍ୟକ୍ତ କରିଥିଲେ । ଏହି ଅବସରରେ ଅଭିଭାବକ ସଂଘର ସଦସ୍ୟମାନେ ନିଜ ଭାଷଣରେ କିସ୍ ଓ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଜନଜାତି ବିକାଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ମାତ୍ର ୨୫ବର୍ଷ ବୟସରୁ ଅଚ୍ୟୁତ ସାମନ୍ତ ଦୀର୍ଘ ୩୩ ବର୍ଷ ଧରି ନିରନ୍ତର ଜନଜାତିଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା, ପଦକ୍ଷେପ ଓ ତ୍ୟାଗ ପାଇଁ ଜନଜାତିଙ୍କ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ ବିକାଶ ହେବା ସହ କିସ୍ ଏକ ଆନ୍ଦୋଳନରେ ପରିଣତ ହୋଇପାରିଛି । ୧୯୯୨-୯୩ ମସିହାରେ ଯେତେବେଳେ ଜନଜାତିଙ୍କ ବିକାଶ ପାଇଁ କେହି ଚିନ୍ତା କରି ନଥିଲେ, ସେତେବେଳେ ଅଚ୍ୟୁତ ସାମନ୍ତ ହିଁ ଆଗକୁ ଆସିଥିଲେ ଏବଂ ଜନଜାତିଙ୍କ ବିକାଶ ପାଇଁ ଚିନ୍ତା କରିଥିଲେ । ସେ କେବଳ କିସ୍‌ର ପ୍ରତିଷ୍ଠାତା ନୁହନ୍ତି, ସେ ଜନଜାତିଙ୍କ ଭଗବାନ କହିଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ସେ ହେଉଛନ୍ତି ଜନଜାତିର ଜନନାୟକ ବୋଲି ବୋଲି ଅଭିଭାବକ ସଂଘର ସଦସ୍ୟମାନେ ପ୍ରକାଶ କରିଥିଲେ । ଗତ ୩୩ ବର୍ଷ ମଧ୍ୟରେ କିସ୍‌ର କୌଣସି ଅସୁବିଧା ବିଷୟରେ ସେ କେବେ କୌଣସି ଜନଜାତି ଅଭିଭାବକଙ୍କୁ କହିନାହାନ୍ତି । ଏଥିପାଇଁ ସମସ୍ତ ଜନଜାତି ଅଭିଭାବକ କିସ୍ ଓ ଶ୍ରୀ ସାମନ୍ତଙ୍କ ସହ ଅଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ । ପୂର୍ବରୁ କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର, ମୟୂରଭଞ୍ଜରେ କିସ୍‌ର ଶାଖା ଚାଲୁଥିବା ବେଳେ ଖୁବ୍ ଶୀଘ୍ର କେନ୍ଦୁଝର ଜିଲ୍ଲାରେ ମଧ୍ୟ କିସ୍‌ର ଶାଖା ଖୋଲିବାକୁ ଯାଉଥିବା ଜାଣି ସେମାନେ ଆନନ୍ଦ ପ୍ରକାଶ କରିଥିଲେ ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ତଥା ଜନଜାତି ନେତା ନିରଞ୍ଜନ ବିଶି, କିସ୍ ଅଭିଭାବକ ସଂଘର ସଂପାଦକ ଲମ୍ବୋଦର ସିଂହ, ସଭାପତି ରାମ ଶବର, ସଦସ୍ୟ ପରମାନନ୍ଦ ମାଝୀ, କିସ୍‌ର ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଉପମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୮ ନଭେମ୍ବର ୨୦୨୫ ● ମଙ୍ଗଳବାର


## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ମୁକ୍ତାକାଶ ବ୍ୟାୟାମଶାଳା

**ଖଲ୍ଲିକୋଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ମୁକ୍ତାକାଶ ବ୍ୟାୟାମଶାଳାକୁ ବିଧିବଦ୍ଧ ଭାବରେ ଉଦଘାଟନ କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ । ନିଜ ବକ୍ତବ୍ୟରେ ସେ ଛାତ୍ରଛାତ୍ରୀମାନଙ୍କୁ ନିଜ ଶରୀର ପ୍ରତି ସଚେତନ ହେବା ସହିତ ବ୍ୟାୟମ କରି ଶାରୀରିକ ଓ ମାନସିକ ଦିଗରୁ ସୁସ୍ଥ ରହିବା ନିମନ୍ତେ ପରାମର୍ଶ ଦେଇଥିଲେ । ଏହା ସହ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ମୁକ୍ତାକାଶ ବ୍ୟାୟାମଶାଳାରେ ବ୍ୟାୟାମ କରିବାର ସୁଯୋଗ ନେବା ସହ ଆଧୁନିକ ଜିମ୍ କଲଚର୍‌ରେ ଛାତ୍ରଛାତ୍ରୀ ଜିମ୍‌ରେ ଅଯଥା ଖର୍ଚ୍ଚାନ୍ତ ନହୋଇ ବିନା ମୂଲ୍ୟରେ ଉପଲବଧ ଏହି ସୁବିଧାର ସଦବ୍ୟବହାର କରିବା ନିମନ୍ତେ ଆହ୍ୱାନ କରିଥିଲେ । ଏହି ଉଦଘାଟନ ଉତ୍ସବରେ କୁଳସଚିବ ଶ୍ରୀମତୀ ପାର୍ବତୀ ମଞ୍ଜରୀ ମହାଲିକ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଉପକୁଳସଚିବ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଆଇ.କ୍ୟୁ.ଏ.ସି. ସଂଯୋଜକ ଡ. ଗୌତମ ସାବତ, ଛାତ୍ରକଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ବହୁସଂଖ୍ୟକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଆଜି ଉଦଘାଟିତ ଏହି ମୁକ୍ତାକାଶ ବ୍ୟାୟାମଶାଳା ପ୍ରତି ଛାତ୍ରଛାତ୍ରୀଙ୍କର ପ୍ରବଳ ଆଗ୍ରହ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଥିଲା ।

## ନିଆଳିକୁ ଫେରିଲା ଫଳକ ଭଙ୍ଗା ରାଜନୀତି



**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘ ଦିନର ବ୍ୟବଧାନ ପରେ ନିଆଳୀକୁ ଫେରିଛି ଫଳକ ଭଙ୍ଗା ରାଜନୀତି । ନିଆଳି ଥାନା ଅଧିନସ୍ଥ ବିଳାସୁଣୀ ପଞ୍ଚାୟତ କନ୍ଦଳ ନଦୀ ସୁଉଚ୍ଚ ସେତୁର ସଂଯୋଗୀକରଣ ରାସ୍ତା ୧୬ ତାରିଖ ରବିବାର ଦିନ ଉଦ୍‌ଘାଟନ ହୋଇଥିଲା । ସେହିଦିନ ରାତିରେ ଦୁର୍ବୃତ ଫଳକଟିକୁ ଭାଙ୍ଗିଦେଇଛନ୍ତି । ଯାହାଫଳରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି । ସୂଚନା ଥାଉକି ରାସ୍ତା ଉଦ୍‌ଘାଟନକୁ ସ୍ଥାନିୟ ଲୋକେ ଅସନ୍ତୋଷରେ ଥିଲେ । ଯାହା ଫଳରେ ଦଳରେ ଫାଟଥିବା ଯୋଗୁ ଏଭଳି ଘଟଣା ଘଟିଛି ନା ବିରୋଧୀ ଏଭଳି କାର୍ଯ୍ୟ କରିଛନ୍ତି ଏନେଇ ନିଆଳି ଥାନାରେ ବିଳାସୁଣୀ ପଞ୍ଚାୟତ ପ୍ରମୁଖ ବିଜେପି ନେତା ସୁବାସ ଚନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି । ଖବର ଲେଖା ହେବାବେଳକୁ କୌଣସି ମାମଲା ରୁଜୁହେଇ ନାହିଁ । ପୋଲିସ୍ ଏହି ଘଟଣାକୁ ନେଇ ତଦନ୍ତ କରୁଛି ।

## ଅକ୍ଷୟ ମହାନ୍ତିଙ୍କୁ ମରଣୋତ୍ତର ପଦ୍ମ ପୁରସ୍କାର ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱର୍ଗତ ଅକ୍ଷୟ ମହାନ୍ତି ଜଣେ ବହୁମୁଖୀ କଳାକାର ଥିଲେ, ଯିଏ ତାଙ୍କର ଅତୁଳନୀୟ ପ୍ରତିଭା ସହିତ ଓଡ଼ିଶା ତଥା ଭାରତକୁ ସଂଗୀତ ଜଗତରେ ସମୃଦ୍ଧ କରିଥିଲେ । ଜଣେ ଗାୟକ, ସଂଗୀତ ନିର୍ଦ୍ଦେଶକ, କବି, କାହାଣୀ ଲେଖକ, ଗୀତିକାର ଏବଂ ଆହୁରି ଅନେକ ଭାବରେ ଏକ ସ୍ଥାୟୀ ଐତିହ୍ୟ ସେ ଛାଡ଼ି ଯାଇଛନ୍ତି । ଓଡ଼ିଶାର ପ୍ରଥିତଯଶା କଣ୍ଠଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କୁ ମରଣୋତ୍ତର ପଦ୍ମ ପୁରସ୍କାର ସହିତ ସମ୍ମାନିତ କରିବା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ । ଓଡ଼ିଶା ସଂଗୀତ ଜଗତର ମୁକୁଟବିହୀନ ସମ୍ରାଟ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କୁ ମରଣୋତ୍ତର ପଦ୍ମ ପୁରସ୍କାର ପ୍ରଦାନ ପାଇଁ ମେୟର ସୁବାସ ସିଂହ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ଆଜି ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମେୟର ଶ୍ରୀ ସିଂହ ସ୍ଥାନୀୟ କନିକାଛକ ନିକଟସ୍ଥ ପାର୍କ ଠାରେ ଥିବା ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସିଏମସି ୯ ନଂ ଓ୍ୱାର୍ଡ଼ କର୍ପୋରେଟର ବିକାଶ ବେହେରାଙ୍କ ସମେତ ବହୁ ସମାଜସେବୀ ଉପସ୍ଥିତ ଥିଲେ ।

## ତହଁର ପଞ୍ଚାୟତରେ ଜନଶୁଣାଣି

**ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପ୍ରତି ପଞ୍ଚାୟତରେ ଚାଲିଛି ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି । ଏହି କ୍ରମରେ ଆଜି ଶେରଗଡ ବ୍ଲକ ତହଁର ପଞ୍ଚାୟତରେ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡ଼ିଓ ମିସ ତୃପ୍ତିମୟୀ ଜେନା, ଅତିରିକ୍ତ ତହସିଲଦାର ଲକ୍ଷ୍ମୀ ପ୍ରିୟା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀମତି ରଶ୍ମିତା ଶବର, ଏବିଇଓ ଶ୍ରୀମତି ଶୈଳେନ୍ଦ୍ରୀ ଦଳେଇ, ସିଡ଼ିପିଓ ମମତାଞ୍ଜଳି ପଣ୍ଡା, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢ଼ୀ, ବ୍ଲକ ପଞ୍ଚାୟତ ଅଧିକାରୀ ଜି.ରବି କୁମାର, ସ୍ଥାନୀୟ ସରପଞ୍ଚ ଶିବରାମ ମେହେଣା, ବିଦ୍ୟୁତ ବିଭାଗ ଏକଜିକ୍ୟୁଟିଭ ଯନ୍ତ୍ରୀ ଗୋପାଳ କୃଷ୍ଣ ପଣ୍ଡା, ଏସଡ଼ିଓ ସୁନୀଲ କୁମାର ସ୍ୱାଇଁ, ଆରଡ଼ି କନିଷ୍ଠ ଯନ୍ତ୍ରୀ ଗିରିଶ କୁମାର ନାୟକ, ଯୋଗାଣ ନିରିକ୍ଷକ ବିଭୁ ପ୍ରସାଦ ସାହୁଙ୍କ ସହିତ ସ୍ଥାନୀୟ ଜନ ପ୍ରତିନିଧି ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ଏହି ଜନଶୁଣାଣୀ ବେଳେ ପଞ୍ଚାୟତରୁ ମୋଟ ୧୪୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ଆବାସ ଲାଗି ୦୩, ସାମାଜିକ ସୁରକ୍ଷା ଭତ୍ତା ୨୯, ରାସନକାର୍ଡ ସମ୍ବନ୍ଧୀୟ ୬୬, ସୁଭଦ୍ରା ସମ୍ବନ୍ଧୀୟ ୦୩, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ୦୧, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ୦୩, କୃଷି ବିଭାଗ ୦୫, ତହସିଲ ସମ୍ବନ୍ଧୀୟ ୩୭ ଅଭିଯୋଗ ହୋଇଥିଲା । ତହଁର ପଞ୍ଚାୟତରେ ହୋଇଥିବା ଏହି ଜନଶୁଣାଣୀ ସମୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରସୁଲପୁରଠାରେ ଅଭିଯୋଗ ଶୁଣାଣି

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ । ମୋଟ ୧୦୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୩ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୭ଟି ଅଭିଯୋଗର ଏବଂ ରେଡକ୍ରସ ସହାୟତା ପାଣ୍ଠିରୁ ୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୩୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଲମ୍ବୋଦର ଖୁଁଟିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର, ସତ୍ୟାନନ୍ଦ ଦାସ, ରସୁଲପୁର ତହସିଲଦାର ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଜନ ଅଭିଯୋଗ ଶୁଣାଣିରେ ମୋଟ ୬୬ଟି ଅଭିଯୋଗ ହସ୍ତଗତ ହୋଇଥିଲା । ଅଭିଯୋଗ ଶୁଣାଣି ଶିବିରରେ ୬ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଆଜିର ଏହି ଶୁଣାଣି ଅବସରରେ ରେଡ଼କ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୨ଟି ଆବେଦନ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ କଟକ ଡିସିପି ରିଶିକେଶ ଖିଲାରୀ, ଗ୍ରାମାଞ୍ଚଳ ପୋଲିସ ଆରକ୍ଷୀ ଅଧିକ୍ଷକ ବିନିତ ଅଗ୍ରଓ୍ୱାଲ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆସନ୍ତା ସୋମବାର ୨୪ ତାରିଖରେ ସଦର ବ୍ଲକଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

## ସମୂହ ଗୀତା ପାରାୟଣରେ ଗୀତାମୟ ଶ୍ରୀମନ୍ଦିର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶତାଧିକ ଭଗବଦ ଗୀତାପ୍ରେମୀ, ସାଧକ, ସେବକ ତଥା ପ୍ରଚାରକଙ୍କ ସମୂହ ଗୀତା ପାରାୟଣରେ ଶ୍ରୀମନ୍ଦିର ଗୀତାମୟ ହୋଇଯାଇଥିଲା । ଗୀତା ପରିବାର ଓଡିଶା ଶାଖା ଆନୁକୂଲ୍ୟରେ ଗୀତା ଜୟନ୍ତୀ ଏବଂ ଗୀତା ପରିବାରର ଚତୁର୍ଦ୍ଦଶକ ପୂର୍ତ୍ତି ଉପଲକ୍ଷେ ଗତକାଲି ପୂର୍ବାହ୍ନରେ ପୁରୀଠାରେ ଶ୍ରୀମନ୍ଦିରର ବାହାରବେଢା ପରିକ୍ରମଣ ପରେ ସିଂହଦ୍ୱାରସ୍ଥ ପତିତପାବନଙ୍କ ସମ୍ମୁଖରେ ଜନ୍ନାଥାଷ୍ଟକଂ ସମୂହ ଗାନ କରାଯାଇଥିଲା । ପ୍ରାୟ ଅଧାଘଣ୍ଟାଧରି ଏକ ସାତ୍ୱିକ ପରିବେଶ ସୃଷ୍ଟି ହୋଇଥିଲା । ଶ୍ରୀମନ୍ଦିର ବେଢା ମଧ୍ୟରେ ଦେବସଭା ମଣ୍ଡପ ଠାରେ ସମ୍ପୂର୍ଣ ଅଷ୍ଟାଦଶ ଅଧ୍ୟାୟ ଗୀତା ପାରାୟଣ ସମୂହ ଗାନ କରାଯାଇଥିଲା । ଶତାଧିକ ଗୀତାପ୍ରେମୀମାନଙ୍କ ସମୂହ ଗୀତା ପାଠ ସମସ୍ତ ଭକ୍ତଙ୍କ ମନକୁ ଆନ୍ଦୋଳିତ କରିଥିଲା । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବାକୁ ଆସିଥିବା



ଭକ୍ତମାନଙ୍କ ମନକୁ ଏହି କାର୍ଯ୍ୟକ୍ରମ ଚକିତ କରିଥିଲା । ଭଗବଦ ଗୀତା ଧ୍ୱନିରେ ଝଙ୍କୃରୀତ ପରିବେଶ ଭଗବଦ ଭକ୍ତିର ଏକ ଆକର୍ଷିତ ପରିବେଶ ସୃଷ୍ଟି କରିଥିଲା ।

ଏକ ସାକ୍ଷାତକାରରେ ଗୀତା ପରିବାର ଓଡିଶା ଶାଖା ଅଧ୍ୟକ୍ଷ ପ୍ରମୋଦ ମହାନ୍ତି କହିଥିଲେ ଯେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ଭଗବଦ ଗୀତା ପ୍ରଚାର ନିମିତ୍ତ 'ଘରେ ଘରେ ଗୀତା, କରେ କରେ ଗୀତା' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ଏକ କୋଟି ଲୋକଙ୍କ ନିକଟରେ ପହଂଚାଇବା ପାଇଁ 'ଗୀତ ପରିବାର' ଲକ୍ଷ୍ୟ ରଖିଛି । ଭଗବଦ ଗୀତା ମଣିଷକୁ ମଣିଷ ଭଳି ବଂଚିବାର ବାଟ ଦେଖାଏ ଓ ଆଗାମୀ ପିଢ଼ିର ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ଗୀତଜ୍ଞାନର ଉଦ୍ରେକ ପାଇଁ 'ଗୀତା ପଢ, ଗୀତା ପଢାଅ, ଜୀବନରେ ଆପଣାଅ'ର ଆବଶ୍ୟକତା ରହିଛି । ଓଡିଶାରେ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମର ଭଗବଦ ଗୀତା ଅଧ୍ୟୟନ ଅନ୍ତର୍ଭୁକ୍ତ ହେଲେ ଏହା ଫଳପ୍ରଦ ହୋଇ ପାରିବ । ଗୀତା ପରିବାର ସମ୍ପାଦକ ରଘୁନାଥ ପାଢ଼ୀ, ବରିଷ୍ଠ କର୍ମକର୍ତ୍ତା ଜୟନ୍ତ କୁମାର ପଣ୍ଡା, ସ୍ମୃତିରେଖା ସୁନ୍ଦରରାୟ, ମମତା ଜେନା, ମନୀଷା ଶ୍ରୀବାସ୍ତବ, ଶରତ କୁମାର ତ୍ରିପାଠୀ, ଦିଲ୍ଲିପ କୁମାର ପାଢ଼ୀ ଇତ୍ୟାଦି ପ୍ରାୟ ତିନି ଘଣ୍ଟାଧରି ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ । ଗୀତା ପରିବାରର ମହିଳା ସାଧିକମାନେ ବଡଦାଣ୍ଡରେ ଭଗବଦ ଗୀତା ପ୍ରଚାର ସମ୍ବନ୍ଧୀୟ 'ଗୀତା ପଢ' ପ୍ରଚାର ପତ୍ର ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମ ସର୍ବସାଧାରଣ ତଥା ଜଗନ୍ନାଥ ପ୍ରେମୀଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା ।

## ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିଅନସିପ୍ ଉଦଘାଟିତ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

୪୭ତମ ସର୍ବଭାରତୀୟ ରେଲୱେ ବ୍ରିଜ୍ ଚାମ୍ପିଅନସିପ୍ ଆଜି ମଞ୍ଚେଶ୍ୱରର ରେଲୱେ ଇଣ୍ଡୋର ଷ୍ଟାଡିୟମ ଠାରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ବି. ଏସ୍. କେ. ରାଜକୁମାରଙ୍କ ଦ୍ୱାରା ଉଦଘାଟିତ ହେଇଛି । ଏହା ୧୭ରୁ ୧୯ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ତିନି ଦିନିଆ ଜାତୀୟ କ୍ରୀଡା ଇଭେଣ୍ଟର ପ୍ରାରମ୍ଭ । ପ୍ରଥମଥର ପାଇଁ ରେଳବାଇ କ୍ରୀଡା ପ୍ରମୋସନ ବୋର୍ଡ (ଆରଏସ୍‌ପିବି) ପକ୍ଷରୁ ପୂର୍ବତଟ ରେଳପଥକୁ ଏହି ପ୍ରତିଷ୍ଠିତ ଜାତୀୟ ସ୍ତରୀୟ ଚାମ୍ପିଅନସିପ୍ ଆୟୋଜନ କରିବା ଦାୟିତ୍ୱ ଦିଆଯାଇଛି । ଏହି ପଦକ୍ଷେପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ମାର୍ଗଦର୍ଶିତ କରିଛନ୍ତି, ଯାହାଙ୍କ ନେତୃତ୍ୱରେ କ୍ରୀଡ଼ା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯାଇଛି ଏବଂ ପୂର୍ବତଟ ରେଳପଥକୁ ପ୍ରମୁଖ ରେଳବାଇ କ୍ରୀଡା ଇଭେଣ୍ଟ ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ଉଭା ହେବାରେ ସକ୍ଷମ କରାଯାଇଛି । ଅଧିକାରୀ ଏବଂ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି, ପୂର୍ବତଟ ରେଳପଥର ଅତିରିକ୍ତ



ମହାପ୍ରବନ୍ଧକ ଭାରତୀୟ ରେଳର ଉତ୍କୃଷ୍ଟ ପ୍ରତିଭାଙ୍କୁ ଏକତ୍ରିତ କରୁଥିବା ଏହି କାର୍ଯ୍ୟକ୍ରମକୁ ସୁଗମ ଭାବରେ ଆୟୋଜନ କରିବାରେ ପୂର୍ବତଟ ରେଳପଥର ଭୂମିକା ପାଇଁ ଗର୍ବ ପ୍ରକାଶ କରିଥିଲା । ଓଡ଼ିଶା ବ୍ରିଜ୍ ଆସୋସିଏସନ୍‌ର ସମର୍ଥନ ଏହି ପ୍ରତିଷ୍ଠିତ ଚାମ୍ପିଅନସିପ୍ ଆୟୋଜନକୁ ଆହୁରି ଶକ୍ତି ପ୍ରଦାନ କରିଛି ।

ପୂର୍ବ ରେଳବାଇ, ଦକ୍ଷିଣ ପୂର୍ବ ରେଳବାଇ, ମେଟ୍ରୋ ରେଳବାଇ, କେନ୍ଦ୍ରୀୟ ରେଳବାଇ ଏବଂ ପୂର୍ବତଟ ରେଳବାଇର ଦଳଗୁଡ଼ିକ ଅଂଶଗ୍ରହଣ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଭାରତର କିଛି ଶ୍ରେଷ୍ଠ ବ୍ରିଜ୍ ଖେଳାଳିଙ୍କୁ ସାମିଲ କରାଯାଇଛି, ଯେପରିକି ସୁମିତ ମୁଖାର୍ଜୀ, ଦେବବ୍ରତ ମଜୁମଦାର, ସାଗ୍ନିକ୍ ରାୟ, ଗୋପୀନାଥ ମାନ୍ନା, ସାୟନ୍ତନ କୁସୁରୀ ଏବଂ ସନ୍ଦୀପ ଦତ୍ତ ଯେଉଁମାନେ ଏସୀୟ କ୍ରୀଡ଼ା, ରାଜ୍ୟଗୋଷ୍ଠୀ ଚାମ୍ପିଅନସିପ୍ ଏବଂ ବିଶ୍ୱକପ୍ ଭଳି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି ।

ଏହି ଚାମ୍ପିଅନସିପରେ ଦଳ ଇଭେଣ୍ଟ, ବୋର୍ଡ-ଏ ମ୍ୟାଚ୍ ଏବଂ ପେୟାର୍ ପ୍ରତିଯୋଗିତା ସମେତ ଅନେକ ଇଭେଣ୍ଟ ରହିଛି । ଏକ ପ୍ରମୁଖ ଆକର୍ଷଣ ହେଉଛି ଯେ ଏହି ଟୁର୍ଣ୍ଣାମେଣ୍ଟ ଭାରତୀୟ ରେଳବାଇ ବ୍ରିଜ୍ ଦଳ ପାଇଁ ଆଧିକାରିକ ଚୟନ ପରୀକ୍ଷଣ ଭାବରେ ମଧ କାର୍ଯ୍ୟ କରିବ, ଯାହା ଜାତୀୟ ସ୍ତରୀୟ ଚାମ୍ପିଅନସିପ୍‌ରେ ଭାରତୀୟ ରେଳବାଇର ପ୍ରତିନିଧିତ୍ୱ କରିବ ।

ଉଦଘାଟନୀ ଉତ୍ସବରେ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘ (ଇକୋର୍ସା)ର ସଭାପତି ହେମନ୍ତ କାଗ୍ରାଙ୍କ ସମେତ ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ବରିଷ୍ଠ ଅଧିକାରୀ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ, ଯାହାଙ୍କ ସମନ୍ୱୟ ଏବଂ ସମର୍ଥନ ଚାମ୍ପିଅନସିପର ସୁଗମ ପରିଚାଳନା ପାଇଁ ସହାୟକ ହେଇଛି । ଏହି ପ୍ରତିଷ୍ଠିତ ଇଭେଣ୍ଟକୁ ସଫଳତାର ସହିତ ଆୟୋଜନ କରି, ପୂର୍ବତଟ ରେଳପଥ ସମସ୍ତ ରେଳବାଇ କ୍ରୀଡା ଶୃଙ୍ଖଳାରେ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିଭାକୁ ପୋଷଣ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି ।

## କୋଇଡା ଭେଟେରାନ୍ ଲିଜେଣ୍ଡ ଏକ ଦିବସୀୟ କ୍ରିକେଟ ଚାମ୍ପିୟନ୍

**କୋଇଡା:ଏକ୍ସପ୍ରେସ୍ ନ୍ୟୁଜ୍**

କୋଇଡା ଅଞ୍ଚଳରେ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଓ ବନ୍ଧୁତା ବଜାୟ ରଖିବା ପାଇଁ ନୂତନ ପରିକଳ୍ପନା ସହ କୋଇଡା ଲିଜେଣ୍ଡ୍ସ ପକ୍ଷରୁ ଏକ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୋପବନ୍ଧୁ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମ ମ୍ୟାଚ୍ ଆଡମିନ କୋଇଡା ବନାମ କାଲଟା ଭେଟେରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଆଡମିନ କୋଇଡା ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଥିଲା । ସେହିପରି ଦ୍ୱିତୀୟ ମ୍ୟାଚ୍ କୋଇଡା ସାମ୍ବାଦିକ ବନାମ କୋଇଡା ଭେଟେରାନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କୋଇଡା ଭେଟେରାନ୍ ବିଜୟୀ ହୋଇ କୋଇଡା ଆଡମିନ ସହ ଫାଇନାଲ ମ୍ୟାଚ୍ ଖେଳିଥିଲା । ଫାଇନାଲ ମୁକାବିଲା ପୂର୍ବରୁ କେସିଏ ବରିଷ୍ଠ



ଏବଂ କେସିଏ କନିଷ୍ଠଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ କେସିଏ କନିଷ୍ଠ ଦଳ ବିଜୟ ଲାଭ କରିଥିଲା । ପରିଶେଷରେ ରୋମାଞ୍ଚକର ଫାଇନାଲ ମୁକାବିଲାରେ କୋଇଡା ଭେଟେରାନ୍ ଦଳ ମ୍ୟାଚ୍‌ରେ ବିଜୟଲାଭ କରି ଚାମ୍ପିୟନ୍ ହୋଇଥିଲା । ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ୍, ରନର୍ସପ, ପ୍ରଦର୍ଶନୀ ମ୍ୟାଚ୍ ଉଭୟ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳ ମ୍ୟାନ୍ ଅଫ ଦି ମ୍ୟାଚ୍ ଗଙ୍ଗାଧର ଜେନା, ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ବରିଷ୍ଠ ଖେଳାଳୀ ଶ୍ରୀକାନ୍ତ ଜେନା, ଶ୍ରେଷ୍ଠ ଫିଲ୍ଡର ଭାବେ ଆଡମିନ୍ ଦଳର ପଙ୍କଜ କୁମାର ସାମଦ (ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ)ଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ବରିଷ୍ଠ ଖେଳାଳୀ ଓ କୋଇଡା କ୍ରିକେଟ ଆସୋସିଏସନର ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ ।

## ୨୨ ଓ ୨୩ରେ ରାଜ୍ୟ ସ୍ତରୀୟ ବ୍ୟାଡ଼ମିଣ୍ଟନ ଖୋର୍ଦ୍ଧା କପ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଯୁବ ବ୍ୟାଡମିଣ୍ଟନ ଅସୋସିଏସନ୍‌ର ସକ୍ରିୟ ଉଦ୍ୟମରେ ଆସନ୍ତା ୨୨ ଓ ୨୩ ନଭେମ୍ବର ୨୦୨୫ ରେ ଗରିମାମୟ ୯ମ ରାଜ୍ୟ ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ 'ଖୋର୍ଦ୍ଧା କପ' ଖୋର୍ଦ୍ଧା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଆୟୋଜିତ ହେବାକୁ ଯାଉଛି । ଏହି ବର୍ଷର କ୍ରୀଡା ମହୋତ୍ସବରେ ମୋଟ ପୁରସ୍କାର ରାଶି ୬୦,୦୦୦ ଟଙ୍କା ଘୋଷଣା କରାଯାଇଛି, ଯାହା ରାଜ୍ୟର ଯୁବ କ୍ରୀଡାପ୍ରତିଭାଙ୍କୁ ଉତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ । ଓଡିଶାର ବିଭିନ୍ନ ପ୍ରତିଭାଶାଳୀ ବ୍ୟାଡମିଣ୍ଟନ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ଯୋଗଦେବାକୁ ଯାଉଛନ୍ତି । ସଂଘର ସମ୍ପାଦକ ରାଜେଶ ଦାସଙ୍କ ସହିତ ଉପ ସଭାପତି, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ପଦାଧିକାରୀ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ବିଭିନ୍ନ ସ୍ଥାନରେ ଜାତୀୟ ପ୍ରେସ ଦିବସ

**ଖୋର୍ଦ୍ଧା:** ଓଡିଶା ସାମ୍ବାଦିକ ୟୁନିୟନ୍ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ଜାତୀୟ ପ୍ରେସ ଦିବସ ଖୋର୍ଦ୍ଧା ଭଗବାନ ଭିଲ୍ଲା ପରିସରରେ ଖୋର୍ଦ୍ଧା ଜିଲ୍ଲା ଓୟୁଜେ ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିବାବେଳେ ଅତିଥି ରୂପେ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ କୁମାର ବିଶ୍ୱାଳ ଯୋଗ ଦେଇ ଜାତୀୟ ପ୍ରେସ ଦିବସ ଓ ନିରପେକ୍ଷ ସାମ୍ବାଦିକତା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓୟୁଜେ ଜିଲ୍ଲା ଉପଦେଷ୍ଟା ସନତ କୁମାର ପଟ୍ଟନାୟକ, ଉପସଭାପତି ସୟଦ ଅନସର ଅଲ୍ଲୀ, ସମ୍ପାଦକ ଶ୍ରୀକାନ୍ତ ପ୍ରଧାନ, ଚନ୍ଦନ କୁମାର ସୁନ୍ଦରାୟ, ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ରାଜେନ୍ଦ୍ର ପ୍ରସାଦ ନାୟକ, ଏମଡି ଇମଦାଦ ସରିଫ, ପ୍ରକାଶ କୁମାର ପଟ୍ଟନାୟକ, ସତ୍ୟନାରାୟଣ ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ମହାପାତ୍ର, ଶୁଭଲକ୍ଷ୍ମୀ ସାମନ୍ତରା, ଅଜିତ କୁମାର ମିଶ୍ର, ଏମଡି ଫଜଲୁର ରହମନ, ସେକ ଅନଓ୍ୱର ଅଲ୍ଲୀ, ଅୟେସ କାନ୍ତ ମହାନ୍ତି, ରଙ୍ଗନାଥ ବେହେରା ଓ ବିଭୂତି ଭୂଷଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଜିର ଏହି ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମକୁ ସୁଚାରରୂପେ ସହଯୋଗ କରିଥିଲେ ।

**ବଲାଙ୍ଗିର:** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମ୍ବାଦିକ ସଂଘର ମିଳିତ ଭାବେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡାଃ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ସାମ୍ବାଦିକ ସଂଘର ଉପସଭାପତି ବଳରାମ ମିଶ୍ର, ପ୍ରଫେସର ଡାଃ. ପ୍ରେମଚାନ୍ଦ ମହାନ୍ତି, ନାଟ୍ୟ ଭୂଷଣ ଜଗତାନନ୍ଦ ଛୁରିଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ପ୍ରମୁଖ ମଞ୍ଚାସୀନ ଥିଲେ । ଜାତୀୟ ପ୍ରେସ ଦିବସ-୨୦୨୫ର ଆଲୋଚ୍ୟ ବିଷୟବସ୍ତୁ "ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ" ସମ୍ପର୍କରେ ସାମ୍ବାଦିକ ଦୀପକ ପୁରହିତ, ତରୁଣ ସାହୁ, ରଘୁନନ୍ଦନ ସିଂ, ସୁଧୀର ମିଶ୍ର, ଅରୁଣ ମିଶ୍ର, ଓ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ବକ୍ତବ୍ୟ ରଖିବା ସହ ରାଷ୍ଟ୍ର ଗଠନରେ ଗଣମାଧ୍ୟମରେ ବିଶ୍ୱାସନୀୟତାର ସଂରକ୍ଷଣ ଭୂମିକା ସମ୍ପର୍କରେ ଲୋକମାନେ କିପରି ଭ୍ରମାତ୍ମକ ଖବର ଚିହ୍ନଟ କରିବେ ଏବଂ ସତ୍ୟ ସୂଚନା ପାଇଁ କେଉଁ ସ୍ରୋତକୁ ବିଶ୍ୱାସ କରିବେ, ଏହି ବିଷୟରେ ସଚେତନତା ବୃଦ୍ଧି କରିବା, ସଂସ୍ଥାଗତ ନୀତି ଏବଂ ନିୟମାବଳୀ ଦ୍ୱାରା ଖବର ପ୍ରସାରଣରେ ପ୍ରମାଣିକତା ରକ୍ଷା କରିବା, ଏଆଇ ଓ ମେସିନ୍ ଲର୍ଣ୍ଣିଂ ଭଳି ଟେକ୍ନୋଲୋଜି ଦ୍ୱାରା ଭ୍ରମାତ୍ମକ ଖବର ଚିହ୍ନଟ କରିବା ଏବଂ ତାହାକୁ ପ୍ରତିରୋଧ କରିବା । ଗଣମାଧ୍ୟମର ଖବର ପ୍ରସାରଣ ପ୍ରକ୍ରିୟାରେ ନିୟମିତ ନିରୀକ୍ଷଣ ଏବଂ ମୂଲ୍ୟାଙ୍କନ କରି ଭ୍ରମାତ୍ମକ ସୂଚନା ରୋକାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ ତାତ୍ପର୍ଯ୍ୟରେ ରାଷ୍ଟ୍ର ଗଠନରେ ପୂର୍ବ ଓ ପର ସମୟରେ ସାମ୍ବାଦିକମାନଙ୍କ ବଳିଷ୍ଠ ଭୂମିକା ସମ୍ପର୍କରେ ପ୍ରଫେସର ମହାନ୍ତି ବିସ୍ତୃତ ଭାବେ ବକ୍ତବ୍ୟ ରଖିଥିଲେ । ବିଶେଷ ଭାବେ କୌଣସି ଖବର ପ୍ରସାରଣ ପୂର୍ବରୁ ସତ୍ୟତା ଯାଞ୍ଚ କରିବା ଏବଂ ଭ୍ରମାତ୍ମକ ସୂଚନାକୁ ଚିହ୍ନଟ କରି ପ୍ରତିରୋଧ କରିବା ଆବଶ୍ୟକ ବୋଲି ଅତିରିକ୍ତ ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ସଭାରେ ଅନ୍ୟତମ ଅତିଥିଭାବେ ବିରେନ୍ଦ୍ର ଝାଙ୍କର ସଭା ସଂଯୋଜନା ଓ ଚିତ୍ତରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ସାମ୍ବାଦିକ ଯୋଗଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

**ଯୋଡା:** ଗଣମାଧ୍ୟମ ନିରପେକ୍ଷ, ନିର୍ଭିକ ଓ ଚାପ ମୁକ୍ତ ହେଲେ ଗଣତନ୍ତ୍ର ସୁଦୃଢ ହୋଇଥାଏ । ଯେଉଁ ଦେଶର ଗଣମାଧ୍ୟମ ଯେତିକି ମଜବୁତ ସେ ଦେଶର ଗଣତନ୍ତ୍ର ସେତିକି ସୁଦୃଢ଼ ବୋଲି ବକ୍ତା ଭାବେ ସାମ୍ବାଦିକ ତଥା ସ୍ତମ୍ଭକାର ପରଂବ୍ରହ୍ମ ତ୍ରିପାଠୀ ମତବ୍ୟକ୍ତ କରିଥିଲେ । ଯୋଡା ପ୍ରେସ ପକ୍ଷରୁ ପଶ୍ଚିମ ଯୋଡା ଅଡିଟୋରିଅମ ଠାରେ ସଭାପତି ପ୍ରକାଶ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଜାତୀୟ ଗଣମାଧ୍ୟମ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଯୋଡା ପୌରାଧ୍ୟକ୍ଷ ଡା. ଜଗଦୀଶ ପ୍ରସାଦ ସାହୁ ଯୋଗଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଟାଟା ଷ୍ଟିଲ ଯୋଡା ମୁଖ୍ୟ ରାଜେଶ କୁମାର, ଓଟିଭି ଡିଜିଟାଲ ମୁଖ୍ୟ ଅମରେଶ ବିଶ୍ୱାଳ, ବଡବିଲ ଉପଖଣ୍ଡ ପୁଲିସ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ, ପଞ୍ଚାୟତ ସମିତି ନିର୍ବାହୀ ଅଧିକାରୀ ଡେନିଶ ବେହେରା, ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଯୋଗଦେଇ ତାଙ୍କର ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ କ୍ରିଡା କ୍ଷେତ୍ରରେ ଉତ୍କର୍ଷତା ନିମନ୍ତେ ଯୋଡା ଫିଟନେସ୍ ଦଳର ପ୍ରତିଷ୍ଠାତା ଦୁବରାଜ ସାମନ୍ତଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ସେହିପରି ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୋଡା ନନ୍ଦୀ ଗୋ ସେବା କେନ୍ଦ୍ରକୁ ମଧ ସମ୍ମାନୀତ କରାଯାଇଥିଲା । ଶେଷରେ ସାରେଗାମା ମ୍ୟୁଜିକ୍ ଏଣ୍ଡ ଡ୍ୟାନ୍ସ ଏକାଡେମିର କୁନି କୁନି କଳାକାରମାନଙ୍କ ଚିତାକର୍ଷକ ନୃତ୍ୟ ପ୍ରଦର୍ଶନ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଏହି କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାରଦା ପ୍ରସାଦ ଆଚାର୍ଯ୍ୟ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ସୁନିଲ କୁମାର ବାଷୋତିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସକାଳ ସମୟରେ ପ୍ରଭାତ ଫେରିର ଆୟୋଜନ କରାଯାଇ ଯୋଡା ସହରରେ ଅବସ୍ଥାପିତ ବରପୁତ୍ରମାନଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଯୋଡା ସହରର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ ।

**କେନ୍ଦୁଝର:** ଓଡିଶା ସାମ୍ବାଦିକ ସଂଘ କେନ୍ଦୁଝର ଶାଖା ପକ୍ଷରୁ କାଳୀତିର୍ଥ ମଣ୍ଡପ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣତନ୍ତ୍ରର ସୁରକ୍ଷା ଓ ଦେଶ ବିକାଶରେ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଜିନ୍ଦଲ ଷ୍ଟିଲ ବଡବିଲର କର୍ପୋରେଟ୍ ଆଫାୟର୍ସ ମୁଖ୍ୟ ଚୌଧୁରୀ ପ୍ରଣବାନନ୍ଦ ଦାସ, ସମାଜସେବୀ ସେବତୀ ସିଂହ ଓ ବରିଷ୍ଠ ନାଗରିକ ରାମ ନାରାୟଣ ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକସ୍ଥିତିରେ ମୁକ୍ତ ଓ ନିରପେକ୍ଷ ଖବର ପରିବେଷଣ ପ୍ରତ୍ୟେକ ସାମ୍ବାଦିକଙ୍କ ପାଇଁ ଏକ କଷ୍ଟସାଧ୍ୟ ବ୍ୟାପାର ହୋଇଥିବା ବେଳେ କାର୍ଯ୍ୟରତ ସାମ୍ବାଦିକଙ୍କ ସୁରକ୍ଷା ସେତିକି ଜଟିଳ ହୋଇପଡିଛି ବୋଲି ଉଦବେଗ ପ୍ରକାଶ କରିଥିଲେ । ଓଡିଶା ସାମ୍ବାଦିକ ସଂଘ କେନ୍ଦୁଝର ଶାଖା ସଭାପତି ମଳୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ସଂଘର ସମ୍ପାଦକ ସନ୍ତୋଷ କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ଅବସରରେ ଜାତୀୟ ପ୍ରେସ ଦିବସ ପରିପ୍ରେକ୍ଷୀରେ ଉପସ୍ଥିତ ଅତିଥି ଓ ସାମ୍ବାଦିକ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ବରିଷ୍ଠ ସାମ୍ବାଦିକ ଜ୍ଞାନ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ 'ମୁକ୍ତ ଓ ନିରପେକ୍ଷ ସାମ୍ବାଦିକତା ଗଣତନ୍ତ୍ରର ମୂଳଦୁଆ' ଶୀର୍ଷକ ଆଲୋଚନାଚକ୍ରରେ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର ଓ ସଂଗ୍ରାମ ଦାସ, ମିଳନୀ ସାହିତ୍ୟ ସଂସଦ ସମ୍ପାଦକ ଡ.ଚିତ୍ତ ମିଶ୍ର, ରୋଟାରିଆନ ଦେବବ୍ରତ ସ୍ୱାଇଁ, ସିଟିଜି ଫାଉଣ୍ଡେସନ ପ୍ରତିଷ୍ଠାତା ରାଜେନ୍ଦ୍ର ପଲେଇ, ପ୍ରେସ କ୍ଲବ ସଭାପତି ଜୟକୃଷ୍ଣ ପଣ୍ଡା, ସାମ୍ବାଦିକ ଦେବାଶିଷ ମିଶ୍ର, ଦିଲ୍ଲିପ କୁମାର ସାହୁ, ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ନିଜ ନିଜ ବକ୍ତବ୍ୟ ପ୍ରଦାନ ଅବସରରେ ଖଣି ସମୃଦ୍ଧ କେନ୍ଦୁଝରର ବିକାଶ ପାଇଁ ଗଣମାଧ୍ୟମ ପ୍ରତିନିଧି ଓ ଆଇନଜୀବୀ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଦୀର୍ଘବର୍ଷ ଧରି ସାମ୍ବାଦିକ ଭାବେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଦୀପକ ମିଶ୍ରଙ୍କୁ ଏହି ଅବସରରେ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ଉପହାର ଦେଇ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଉପନଗରପାଳ ବରଦା ପ୍ରସନ୍ନ ଦାସ, ଦନ୍ତରୋଗ ବିଶେଷଜ୍ଞ ଡାକ୍ତର ସଞ୍ଜୀବ କୁମାର ଓତା, ବରିଷ୍ଠ ଆଇନଜୀବୀ ଜ୍ଞାନେନ୍ଦ୍ରନାଥ ଜେନା, ଯାନ୍ତ୍ରୀକ ବିଦ୍ୟାଳୟ କେନ୍ଦୁଝରର ଅଧ୍ୟାପକ ଭାବଗ୍ରାହୀ ମିଶ୍ର ଓ ଜେନାମଣୀ ସାହୁ, ଜିଲା ଓକିଲ ସଂଘ ସଭାପତି ଆଲୋକ କୁମାର ମହାନ୍ତ ଓ ସମ୍ପାଦକ ଅକ୍ଷୟ କୁମାର ଜେନା, ଘରୋଇ ବସ୍ ମାଲିକ ସଂଘ ସଭାପତି ସିଂଘାଡ଼ି ବିହାରୀ ସାହୁ ଓ ସମ୍ପାଦକ ମନୋରଞ୍ଜନ ସାହୁ, ବିନୋଦ ବିହାରୀ ନାୟକ, ସୁନେଶ ଧୀର, ବରିଷ୍ଠ ନାଗରିକ ଭରତ ଚନ୍ଦ୍ର ପାତ୍ର, ସାମ୍ବାଦିକ ଏ.ଆର. ଖାନ, ନରେଶ ପଟ୍ଟନାୟକ, ତାପସ ରଥ, ପ୍ରଦୀପ କୁମାର ମହାନ୍ତି, ସଂଗ୍ରାମ ପଟ୍ଟନାୟକ, ଶରତ ଜେନା, ସତ୍ୟଜିତ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଦେବବ୍ରତ ପାଢ଼ୀ, ଇଂ ଇଶାନ ଇଶ୍ୱର ନାୟକ, ଦେବୀଶଙ୍କର ଦାଶ, ଉତ୍ତମ କର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ: ସମବାୟ ମନ୍ତ୍ରୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ସମବାୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିବ । ସମବାୟ ଅନୁଷ୍ଠାନ ହେବ ଆତ୍ମନିର୍ଭରଶୀଳ । ପ୍ରଗତିର ପ୍ରମୁଖ ଇଂଜିନ୍ ସାଜିବ ଓ ତୃଣମୂଳ ସ୍ତରରେ ସମବାୟ ଅନୁଷ୍ଠାନ ଲୋକଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେବ ବୋଲି ସମବାୟ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ କହିଛନ୍ତି । ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରଠାରେ ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ୨୦୨୫ ଉପରେ ଆଲୋଚନାଚକ୍ର ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ଯୋଗଦାନ କରି ସେ ଏହା କହିଛନ୍ତି । ସମବାୟ କ୍ଷେତ୍ରକୁ ଅଧିକ ସୁଦୃଢ଼ ଓ ଆଧୁନିକୀକରଣ କରିବା ଲକ୍ଷ୍ୟରେ ଓଡ଼ିଶା ସରକାର "ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫" ପ୍ରଣୟନ କରିବାକୁ ଯାଉଛନ୍ତି । ଜାତୀୟ ସମବାୟ ନୀତି ପ୍ରକାଶ ପାଇ ସାରିଥିବା ବେଳେ ସମବାୟ ସଂସ୍କାର ଆଧାରରେ 'ଓଡ଼ିଶା ରାଜ୍ୟ ସମବାୟ ନୀତି ୨୦୨୫' ପ୍ରକାଶ ପାଇବ । ସମବାୟ ସଂସ୍ଥାଗୁଡ଼ିକୁ ଦୀର୍ଘସ୍ଥାୟୀ, ଆତ୍ମନିର୍ଭର, ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ, ନାଗରିକ-କୈନ୍ଦ୍ରିକ ଓ ତୃଣମୂଳ



ସ୍ତରରେ ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ "ଓ୍ୱାନ୍ ଷ୍ଟପ୍ ସପ୍" ଅନୁଷ୍ଠାନରେ ପରିଣତ କରିବାକୁ ଏହି ନୀତି ଲକ୍ଷ୍ୟ ରଖିଛି ବୋଲି ସମବାୟ ବିଭାଗର କମିଶନର ତଥା ଶାସନ ସଚିବ କହିଛନ୍ତି । କୃଷି ଭିତ୍ତିକ ସେବା, ଋଣ ପ୍ରଦାନ, ଜୀବିକା ସହାୟତା କ୍ଷେତ୍ରରେ ସମବାୟ ଅନୁଷ୍ଠାନର ଉଲ୍ଲେଖନୀୟ ଅବଦାନ ରହିଛି । ସମବାୟ ଅନୁଷ୍ଠାନକୁ ଆର୍ଥିକ ଭାବେ ଆତ୍ମନିର୍ଭର କରିବା ସହ ଏହି ନୀତି ଓଡ଼ିଶାର ସମବାୟ ଆନ୍ଦୋଳନକୁ ଅଧିକ କ୍ରିୟାଶୀଳ ଓ ଡିଜିଟାଲ୍ ଭାବେ ସଶକ୍ତ କରିବ । ଫଳରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ସହ ରାଜ୍ୟ ସରକାରଙ୍କ ଆତ୍ମନିର୍ଭର ପ୍ରତିବଦ୍ଧତାକୁ ଏହା ଦୃଢ଼ କରିବ । ସମବାୟ ସଦସ୍ୟ/ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ସହ ସମିତିର ତଦାରଖ ପାଇଁ ସମିତିଗୁଡ଼ିକର କମ୍ପ୍ୟୁଟରୀକରଣ, ସ୍ୱୟଂଚାଳିତ, ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଉପରେ ଧ୍ୟାନ ଦେବ ।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷି, ମତ୍ସ୍ୟ, ଦୁଗ୍ଧ, ଆବାସ, ବିପଣନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ ଆଦି କ୍ଷେତ୍ରରେ ସମବାୟର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଯୁବକ ଏବଂ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ସହ ବୃତ୍ତିଗତ ପରିଚାଳନାରେ ଅଧିକ ସଂସ୍କାର ଆଣିବାକୁ ଏହି ନୀତି ଲକ୍ଷ୍ୟ ରଖିଛି । ଏହାର ଚିଠା ନୀତି ପ୍ରକାଶ ପାଇବା ପରେ ଜନମତକୁ ପ୍ରାଥମିକତା ଦେଇ ରାଜ୍ୟର ୪ଟି ଜୋନରେ ଆଞ୍ଚଳିକ କର୍ମଶାଳା ଆୟୋଜନ ହୋଇସାରିଥିବା ବେଳେ ଆଜି ଚୂଡାନ୍ତ କର୍ମଶାଳା ଆୟୋଜନ ହୋଇଥିଲା । ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାଶ ଓଡ଼ିଶା ରାଜ୍ୟ ଚିଠା ସମବାୟ ନୀତି ୨୦୨୫ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଆଲୋଚନାଚକ୍ର ଓ ମତାମତ ଗ୍ରହଣ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଓସମା ବୋର୍ଡର ସାଧାରଣ ପରିଚାଳକ ଧରିତ୍ରୀ ମିଶ୍ର, ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ମିହିର ପ୍ରସାଦ ମହାନ୍ତି, ରାଜ୍ୟ ସମବାୟ ୟୁନିୟନର ସଭାପତି ପ୍ରବାସିନୀ ଷଡଙ୍ଗୀ, ବରିଷ୍ଠ ସମବାୟବିତ୍ ଯଜ୍ଞେଶ୍ୱର ବାବୁ, ପବିତ୍ର ଦାଶ, ଅବସରପ୍ରାପ୍ତ ପ୍ରଶାସକ ଗୋପବନ୍ଧୁ ଶତପଥି, ହରେକୃଷ୍ଣ ମିଶ୍ର, ସୁଦର୍ଶନ ନାୟକ, ବ୍ୟକ୍ତିଗତ ସଚିବ ପୀତାମ୍ବର ସାମଲ, ଅତିରିକ୍ତ ନିବନ୍ଧକ ଭକ୍ତବନ୍ଧୁ ସାହୁ, ଅତିରିକ୍ତ ନିବନ୍ଧକ ରୋଜାଲିନ ସେନାପତି, ଯୁଗ୍ମ ସଚିବ ସଂଗ୍ରାମ ରାଉତ, ଯୁଗ୍ମ ସଚିବ ଲିଙ୍ଗରାଜ ନାୟକ, ଅର୍ଥ ପରାମର୍ଶଦାତା ସୁରେନ୍ଦ୍ର କୁମାର ସାହୁ, ଶୀର୍ଷ ସମବାୟ ସମିତିର କର୍ମକର୍ତ୍ତା, ଶିକ୍ଷାବିତ୍, ବୁଦ୍ଧିଜୀବୀ, ସମବାୟବିତ୍ ପ୍ରମୁଖ ଯୋଗ ଦେଇଥିଲେ ।

## ନୂତନ ତହସିଲଦାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଗୋପ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ ବ୍ଲକରେ ପ୍ରଥମ କରି ତହସିଲ ସ୍ଥାପନ ହୋଇଥିଲା ୧୯/୦୪/୨୦୦୮ ମସିହାରେ । ଏବେ ଗୋପର ୨୫ତମ ତହସିଲଦାର ଭାବେ ଯୋଗ ଦେଇଛନ୍ତି ସୂର୍ଯ୍ୟ ଶଙ୍କର ଦାଶ । ଶ୍ରୀ ଦାଶଙ୍କୁ ଗୋପ ବ୍ଲକ ଟ୍ରଇଟର ଆଦ୍ୱିଭିଷ୍ଟଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଗୋପ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ଟ୍ରଇଟର ଆଦ୍ୱିଭିଷ୍ଟ ସଚ୍ଚିଦାନନ୍ଦ ଗୋଛାୟତ, ସମାଜସେବୀ ତଥା ଉତ୍ସର୍ଗ ପରିବାରର ପ୍ରମୁଖ ବିଷ୍ଣୁ ମୋହନ ପ୍ରଧାନ, ଟ୍ରଇଟର ଆଦ୍ୱିଭିଷ୍ଟ ପବିତ୍ର ବେହେରା, ସନ୍ତୋଷ କୁମାର ନାୟକ, ଦେବାଂଶୀ ସ୍ୱାଇଁ ପ୍ରଭୃତି କର୍ମକର୍ତ୍ତାମାନେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ଗୋପର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଅଞ୍ଚଳବାସୀଙ୍କ ଆଶା ଓ ବିଶ୍ୱାସ ଯେ ପୂର୍ବରୁ ଥିବା ତହସିଲଦାରଙ୍କ ଠାରୁ ଶ୍ରୀ ଦାଶ ଅଧିକ ସମୟ ଗୋପରେ ରହି ସମସ୍ତ ସମସ୍ୟାର ସମାଧାନ କ୍ଷେତ୍ରରେ ଅଗ୍ରସର ହେବେ ।

## ଶ୍ରୀ ସିଦ୍ଧେଶ୍ୱରାୟ ମହାଦେବଙ୍କ ଯଜ୍ଞ ମହୋତ୍ସବ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ନଛିପୁରସ୍ଥିତ ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ପରିସର ମଧ୍ୟରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠାର ତ୍ରୟୋଦଶତମ ତ୍ରିଦିନାତ୍ମକ ଯଜ୍ଞ ମହୋତ୍ସବ ବୈଦିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଇଂ ସୁନୀଲ କୁମାର ପଟ୍ଟନାୟକ ପ୍ରତ୍ୟହ ତତ୍ତ୍ୱବଧାନରେ ଅୟୋଜିତ ଯଜ୍ଞ ମହୋତ୍ସବ ପରିଚାଳନା ପରିଷଦ ସମ୍ପାଦକ ରଞ୍ଜନ କୁମାର ସାହୁ ସମସ୍ତ ଅତିଥି, ଅଭିଭାବକ, ଅଭିଭାବିକା ଓ ଗଣ ମାଧ୍ୟମ ପ୍ରତିନିଧିମାନଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । କର୍ତ୍ତା ଏଚ.କେ ପଣ୍ଡା ହୋଇଥିବା ବେଳେ ଫକିର ମହାରଣା, ଭାଗବତ ମିଶ୍ର, ଶୁଭାଶିଷ ତ୍ରିପାଠୀ, ସନ୍ଦୀପ ଆର୍. ଆର ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ବିଶ୍ୱ ରଞ୍ଜନ ମହାପାତ୍ର ପ୍ରମୁଖ ବିଶାଳ କଳସ ଶୋଭା ଯାତ୍ରା କରି ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଦେବ ସ୍ୱରୂପ ରଥ, ଚିତ୍ତ ରଞ୍ଜନ ପଣ୍ଡା, ସୁବାସ ଚନ୍ଦ୍ର ପ୍ରଧାନ, ଡାଃ ସରିତା ନାୟକ, ପ୍ରଦୀପ୍ତ କୁମାର ନାୟକ ମହୋତ୍ସବ କାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ସଙ୍ଗୀତ୍ ମହାନ୍ତି, ଓମ ପ୍ରକାଶ ନାୟକ, ଆଶୁତୋଷ ରାଉତ, ଯଶୋବନ୍ତ ପଟ୍ଟନାୟକ ଓ ଇଶାନ ରଥ ପ୍ରମୁଖ ସହଯୋଗ କରିଥିଲେ । ଯଜ୍ଞ ମହୋତ୍ସବ ଧ୍ୱନି ଉଚ୍ଚାରଣ ଦ୍ୱାରା ଆଖ ପାଖ ଅଞ୍ଚଳରେ ବେଶ ଆଧ୍ୟମିକ୍ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା ।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.8514 date-13-11-2025. I Subhankar Maity,S/O- Babul Maity, Vill/ Post- Junusnagar,P. S.- Rajnagar, Dist- Kendrapara, State- Odisha, PIN-754248, declare that, I have changed my minor daughter's name from Shriyansh Maity to Shriyanshu Maity. Henceforth, she shall be known as Shriyanshu Maity for all purposes.

S/d- Subhankar Maity.

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 18th November, 2025 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ଆଜି ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ

**କେନ୍ଦୁଝର,୧୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ କେନ୍ଦୁଝର ଜିଲ୍ଲା ବନ୍ଦ ଡାକରା ଦେଇଛି ବିଶ୍ୱହିନ୍ଦୁ ପରିଷଦ। କେନ୍ଦୁଝର ଜିଲ୍ଲାରେ ଅନୁପ୍ରବେଶକାରୀ ବଙ୍ଗାଳୀ ସଂଖ୍ୟାଲଘୁମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି। ସମସ୍ତ ଅତ୍ୟାବଶ୍ୟକ ସେବାକୁ ଛାଡ଼ି ସରକାରୀ, ବେସରକାରୀ ସ୍କୁଲ, କଲେଜ, ଦୋକାନ, ବଜାର ଓ ଯାନବାହାନ ବନ୍ଦ ରହିବ ବୋଲି କହିଛନ୍ତି ବିଶ୍ୱହିନ୍ଦୁ ପରିଷଦର ନେତୃବୃନ୍ଦ। ଏ ନେଇ ଏକ ସ୍ମାରକପତ୍ର ସୋମବାର କେନ୍ଦୁଝର ଜିଲ୍ଲାପାଳଙ୍କୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଦିଆଯାଇଛି। ଚଳିତମାସ ୧୫ ତାରିଖରେ ସଦର ଥାନା ଅଧୀନ ଶୁଆକାଟୀ ଅଞ୍ଚଳରେ ଜଣେ ଦିବ୍ୟାଙ୍ଗ ନାବାଳିକା ଦୁଷ୍କର୍ମ ଶିକାର ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏହି ମାମଲାରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକକୁ ପୁଲିସ ଗିରଫ କରିଛି। କେବଳ ଏତିକି ନୁହେଁ, ଏହି ଅନୁପ୍ରବେଶକାରୀ ସଂଖ୍ୟାଲଘୁ ସମ୍ପ୍ରଦାୟମାନେ ଜିଲ୍ଲାରେ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ହେବା ସହ, ଏଠା ଜହର ଆଦି ମାଦକ ଦ୍ରବ୍ୟ ମାଧ୍ୟମରେ ଯୁବପିଢ଼ୀଙ୍କୁ ବିପଥଗାମୀ କରୁଥିବା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ପୂର୍ବରୁ ପୋଲିସ ଓ ପ୍ରଶାସନକୁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଅବଗତ କରାଯାଇଥିଲେ ସୁଦ୍ଧା ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଯାହାର ପ୍ରତିବାଦରେ ଆସନ୍ତାକାଲି ଜିଲ୍ଲାରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯାଉଥିବା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କୁହାଯାଇଛି।

## ଷ୍ଟେସନରୁ ୮ ଶ୍ରମିକ ଓ ୫ ଶିଶୁ ଉଦ୍ଧାର

**କଣ୍ଟାବାଞ୍ଜି,୧୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାବାଞ୍ଜି ରେଳ ଷ୍ଟେସନ ଅଞ୍ଚଳରୁ ୮ ଜଣ ଦାଦନ ଶ୍ରମିକଙ୍କ ସହ ୫ଜଣ ଶିଶୁ ସମୁଦାୟ ୧୩ ଜଣଙ୍କୁ ଉଦ୍ଧାର କରିଛି ପୁଲିସ। ଏହି ଶ୍ରମିକମାନଙ୍କୁ ଇଟାଭାଟିରେ କାର୍ଯ୍ୟ କରିବାକୁ ଆନ୍ଧ୍ରପ୍ରଦେଶ ଚାଲାଣ କରାଯିବା ସମୟରେ ପୁଲିସ ଟାସ୍କ ଫୋର୍ସ ଉଦ୍ଧାର କରିଥିଲା। ଶ୍ରମିକମାନେ ସମ୍ବଲପୁର ଏକ୍ସପ୍ରେସରେ ଯିବା ଲାଗି ଅପେକ୍ଷା କରିଥିଲେ। ଶ୍ରମିକମାନଙ୍କୁ ବେଆଇନ ଭାବେ ଚାଲାଣ କରୁଥିବା ଜଣେ ସର୍ଦ୍ଦାରକୁ ପୁଲିସ ଗିରଫ କରିଛି। ସେ ହେଲେ ମୁରିବାହାଲ ଥାନା ଅନ୍ତର୍ଗତ ଛଛାପାଡ ପଂଚାୟତ ସରଗୁଲ ଗାଁର ସୁଶାଳ ଦେବଙ୍କାଲ। ତାଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି। ଉଦ୍ଧାର ଶ୍ରମିକମାନେ ବେଲେଲ ବେଲପଡା ଥାନା ଖଲିପଦର ଓ ମୁରିବାହାଲ ଥାନା ସରଗୁଲ ଗାଁର ବୋଲି ଜଣାପଡିଛି। ଏ ନେଇ ଏକ ମାମଲା(୪୧୨/୨୫) ରୁଜୁ ହୋଇଛି। ସ୍ୱତନ୍ତ୍ର ପୁଲିସ ଇନ୍ସପେକ୍ଟର ପ୍ରଧାନ ନେଗୀ, ସହକାରୀ ଶ୍ରମ ଅଧିକାରୀ ତୁଳସେଲା ଅଜୟ ମହାକୁଡ ଏବଂ ଅନ୍ୟ ଅଧିକାରୀ ସାମିଲ ଥିଲେ।

# ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ ପାଇଁ ୧ରୁ ଅନଲାଇନରେ ଟିକେଟ ବିକ୍ରି

**କଟକ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ଥରେ କଂପିବ ବାରବାଟୀ। ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବାରବାଟୀ ଷ୍ଟାଡ଼ିୟମରେ ଖେଳାଯିବ ଟି-୨୦ ମ୍ୟାଚ । ୨ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟି-୨୦ସିରିଜର ଏହା ହେଉଛି ପ୍ରଥମ ମ୍ୟାଚ । ଏଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ଯୋରଦାର ପ୍ରସ୍ତୁତି ଚାଲିଛି। ଟିକେଟ ବିକ୍ରି ନେଇ ଓସିଏ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ସର୍ବସାଧାରଣଙ୍କ ପାଇଁ କାଉଣ୍ଟରରେ ଟିକେଟ ବିକ୍ରି କରାଯିବ ବୋଲି ଓସିଏ ସଂପାଦକ ସଂଜୟ ବେହେରା ସୂଚନା ଦେଇଛନ୍ତି । ଡିସେମ୍ବର ୧ରୁ ଅନଲାଇନରେ ଟିକେଟ ବିକ୍ରି ଆରମ୍ଭ ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଜୋମାଟୋ ଦ୍ୱାରା ଅନଲାଇନରେ ଟିକେଟ ବିକ୍ରି ହେବ । ସେହିପରି ଡିସେମ୍ବର ୩ ଓ ୪ ତାରିଖରେ ଅନୁବନ୍ଧିତ ସଂସ୍ଥା ଓ କ୍ଲବମାନଙ୍କୁ ଅଫଲାଇନ ଜରିଆରେ ଷ୍ଟାଡ଼ିୟମ ପରିସରରେ ଟିକେଟ ବିକ୍ରି କରାଯିବ। ସେହିଭଳି ଡିସେମ୍ବର ୫ ତାରିଖରେ ସର୍ବସାଧାରଣଙ୍କ ପାଇଁ କାଉଁଟରରେ ଟିକେଟ ବିକ୍ରି କରାଯିବ ବୋଲି ଓସିଏ ସଂପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି । ମୋଟ ୬ଟି ଟିକେଟ କାଉଣ୍ଟରରେ ଟିକେଟ ବିକ୍ରି ହେବ । ତେବେ କେତେ ସଂଖ୍ୟାରେ ଟିକେଟ ବିକ୍ରି ହେବ ତାହା ଏପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇନାହିଁ ବୋଲି, ଓସିଏ ସଂପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି।



ବାରବାଟୀ ଟି-୨୦ ମ୍ୟାଚ ପାଇଁ କଟକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଓସିଏ ସଂପାଦକଙ୍କ ସହ ଅନ୍ୟ କ୍ରୀଡ଼ା ସଂଗଠକ ଓ ବିଭିନ୍ନ ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ । ଶୃଙ୍ଖଳିତ ଭାବେ ମ୍ୟାଚ ଆୟୋଜନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ତଳ ବାଲିଯାତ୍ରା ପଡ଼ିଆରେ ଗାଡ଼ି ପାର୍କିଂ କରାଯିବ। ମ୍ୟାଚ ସମୟରେ ଏକ ଗ୍ରୀନ କରିଡର ରଖାଯିବ। କୌଣସି ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସସିବିରେ ୨୦ଟି ବେଡ଼ ପ୍ରସ୍ତୁତ ରଖାଯିବ । ଟିକେଟ ବିକ୍ରି ବେଳେ ଗହଳି ନହେବା ପାଇଁ ଲମ୍ବା ଧାଡ଼ି କରାଯିବ। କଟକ-ଇନ-କଟକରେ ଫ୍ୟାନ ଗ୍ୟାଲେରୀ ତିଆରି ହେବ । ଏ ନେଇ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ୨୦୨୫ମସିହାରେ ବାରବାଟୀରେ ଦ୍ୱିତୀୟଥର ପାଇଁ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଖେଳାଯିବ। ଏହା ପୂର୍ବରୁ ଚଳିତ ବର୍ଷ ଫେବୃଆରୀ ୯ ତାରିଖରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଦିନିକିଆ ମ୍ୟାଚ ଖେଳାଯାଇଥିଲା। ଏବେ ପୁଣି ଥରେ କ୍ରିକେଟ ପ୍ରେମୀ ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚର ମଜା ଉଠାଇବେ। ଏହି ଗ୍ରାଉଣ୍ଡରେ ଶେଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ ୨୦୨୨ ଜୁନ ୧୨ ତାରିଖରେ ସେହି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳା ଯାଇଥିଲା। ଆଉ ସବୁଠୁ ମଜା କଥା, ବାରବାଟୀ ଷ୍ଟାଡ଼ିୟମରେ ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ୨୦୧୫ ଅକ୍ଟୋବର ୫ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳା ଯାଇଥିଲା।

# ଆଜମ୍ ଖାନ୍ ଓ ଅବଦୁଲ୍ଲାଙ୍କୁ ପୁଣି ଜେଲ

**ନୂଆଦିଲ୍ଲୀ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜବାଦୀ ପାର୍ଟି ମହାସଚିବ ଆଜମ ଖାନ୍ ଓ ତାଙ୍କ ପୁଅ ଅବଦୁଲାଙ୍କୁ ଝଟକା। ଦୁଇଟି ପାନ୍ କାର୍ଡ ମାମଲାରେ ରାମପୁର କୋର୍ଟ ଦୁହିଁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୁହିଁଙ୍କୁ ୭ ବର୍ଷ ଲେଖାଏଁ ଜେଲଦଣ୍ଡ ଶୁଣାଇବା ସହ ଜେଲ୍ ପଠାଇ ଦେଇଛନ୍ତି। ଅବଦୁଲାଙ୍କ ଦୁଇଟି ପାନ୍ କାର୍ଡ ମାମଲା ବିଜେପି ବିଧାୟକ ଆକାଶ ସକସେନାଙ୍କ ଅଭିଯୋଗ ପରେ ସାମନାକୁ ଆସିଛି। ସେ ଏହି କେସ୍ ରୁଜୁ କରିଥିଲେ। ଆଜମ ଖାନ୍ ବିରୋଧରେ ମୋଟ ୧୦୪ଟି ମାମଲା ରୁଜୁ ହୋଇଛି। ଏଥିରେ ୧୧ଟି ମାମଲାର ରାୟ ଆସି ସାରିଛି। ୬ଟି ମାମଲାରେ ତାଙ୍କୁ ଦଣ୍ଡ ଶୁଣାଇ ଦିଆଯାଇଛି ଓ ୫ଟି ମାମଲାରେ ମୁକ୍ତ ହୋଇଛନ୍ତି।

ଅବଦୁଲ୍ଲ ଆଜମଙ୍କ ଦୁଇଟି ପ୍ୟାନ୍ କାର୍ଡ ମାମଲାରେ ସିଭିଲ ଲାଇନ୍ସ ଥାନାରେ ବିଜେପି ବିଧାୟକ ଆକାଶ ସକସେନାଙ୍କ ପକ୍ଷରୁ ରୁଜୁ କରାଯାଇଥିଲା। ଏହି ମାମଲାରେ ସମାଜବାଦୀ ପାର୍ଟି ନେତା ଆଜମ ଖାନ୍ ମଧ୍ୟ ଅଭିଯୁକ୍ତ ଥିଲେ। ୨୦୧୯ ରେ ରୁଜୁ ମାମଲାରେ କୋର୍ଟରେ ଦୀର୍ଘ ସମୟ ଧରି ଚାଲିଥିଲା। ଅଭିଯୋଗକାରୀ ପକ୍ଷରୁ ଅନ୍ତିମ ବିତର୍କ ଶେଷ ହୋଇ ସାରିଥିଲା, ସେଭଳି ଡିଫେନ୍ସ ପକ୍ଷରୁ ମଧ୍ୟ ବିତର୍କ ଶେଷ ହୋଇଛି। ଏମପିଏମଏଲ୍ ସ୍ୱତନ୍ତ୍ର କୋର୍ଟ ୧୭ ନଭେମ୍ବରରେ ରାୟ ଦେଇଛନ୍ତି।

ବିଜେପି ବିଧାୟକ ଆକାଶ ସକସେନା ସିଭିଲ ଲାଇନ୍ସ ଷ୍ଟେସନରେ ଅଭିଯୋଗ କରିଥିଲେ ଯେ, ଆଜମ ଖାନଙ୍କ ପୁଅ ଅବଦୁଲାଙ୍କ ପାନ୍ କାର୍ଡରେ ଜନ୍ମ ତିଥି ୧ ଜାନୁଆରୀ ୧୯୯୩ ରହିଛି, ଯାହାକି ଶିକ୍ଷାଗତ ପ୍ରମାଣପତ୍ର ଆଧାରରେ ଠିକ୍ ଅଛି। ଏହି ପାନ୍ କାର୍ଡରୁ ଅବଦୁଲା ଆୟକର ରିଟର୍ଣ୍ଣ ଦାଖଲ କରିଛନ୍ତି। ସେଭଳି ସ୍ୱାର-ଟାଣ୍ଡାରୁ ୨୦୧୭ ବିଧାନସଭା ନିର୍ବାଚନରେ ନାମାଙ୍କନରେ ଦିଆଯାଇଥିବା ପ୍ୟାନ୍ କାର୍ଡ ଅଲଗା ରହିଛି। ଏହି ପାନ୍ କାର୍ଡରେ ପାସବୁକ୍ ଠକେଇ କରି ହାତରେ ଲେଖାଯାଇଥିଲା। ନାମାଙ୍କନ ତିଥିରେ ଏହି ପାନ୍ ଚାଲୁ ନଥିଲା। ଅଭିଯୋଗ ରହିଛି ଅବଦୁଲା ଆଜମ ନିଜ ବାପା ଆଜମ ଖାନଙ୍କ ସହ ମିଶି ଷଡଯନ୍ତ୍ର ଅନୁସାରେ ନିର୍ବାଚନ ନାମାଙ୍କନ ବୟସ ସମ୍ପର୍କିତ ଅଯୋଗ୍ୟତାକୁ ଲୁଚାଇବା ପାଇଁ ଜନ୍ମତିଥି ୩୦ ସେପ୍ଟେମ୍ବର ୧୯୯୦ ଦର୍ଶାଇ ଦ୍ୱିତୀୟ ପାନ୍ କାର୍ଡ ତିଆରି କରିଥିଲେ।

# ୩୨ଗ୍ରାମ ବ୍ରାଉନସୁଗର ଜବତ: ୨ଗିରଫ

**ଖୋର୍ଦ୍ଧା,୧୭।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଝିଙ୍କିଝାରୀ ପିଚୁ ପ୍ଲାଂଟ ସମ୍ମୁଖ ପଡିଆରେ ବେପାର କରିବାକୁ ଠିଆ ହୋଇଥିବାବେଳେ ପୁଲିସ ଚଢଉ କରି ଦୁଇଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୁଇଜଣ ହେଉଛନ୍ତି ନନ୍ଦପୁର ଗ୍ରାମର ମନୋଜ ମାନସିଂ ଓରଫ୍ ମନୁଆ (୪୦) ଏବଂ ତାର ଭାଇ ସୁନିଲ ମାନସିଂ ଓରଫ ଢେଗା (୩୧)।

ପ୍ରକାଶ ଥାଉକି, ଝିଙ୍କିଝାରୀ ପିଚୁ ପ୍ଲାଂଟ ସମ୍ମୁଖ ପଡିଆରେ ଦୁଇଜଣ ବ୍ରାଉନସୁଗର ବେପାରୀ ଥିବା ବିଶେଷ ସୂତ୍ରରୁ ଖବର ପାଇଥିଲା ପୋଲିସ। ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏକ ପୋଲିସ ଦଳ ଗଠିତ ହୋଇଥିଲା । ଏସଆଇ ଦେବସ୍ମିତା ବେହେରାଙ୍କ ନେତୃତ୍ୱରେ ଏଏସଆଇ ମନୋଜ କୁମାର ବେହେରା, ଏଏସଆଇ ମଞ୍ଜିତ ଏକ୍କା, କନଷ୍ଟେବଲ୍ ସୁଶାନ୍ତ ସୁନ୍ଦରାୟ, ଓଆରପିଏଫ୍ ମନୋଜ କୁମାର ପ୍ରଧାନ ଏବଂ କନଷ୍ଟେବଲ୍ ଇମଲେନ ଜାଙ୍କଜୋ ପ୍ରମୁଖ ଗୋପନୀୟ ସୂଚନା ଆଧାରରେ ଉକ୍ତ ସ୍ଥାନକୁ ଯାଇ ଆଜି ଦିନ ୧୧ଟା ୨୦ ମିନିଟ ସମୟରେ ପୋଲିସ ଦଳ ଦୁଇଜଣ ଅଭିଯୁକ୍ତକୁ ଧରିବା ସହ ତାଙ୍କ ନିକଟରୁ ୩୨ ଗ୍ରାମ୍ ୩୦ ମିଲିଗ୍ରାମ୍ ବ୍ରାଉନସୁଗର, ନଗଦ ୨୫ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ୍ ଏବଂ ଓଡି-୦୨ଡିଏଚ୍୯୫୮୦ ନଂ ବିଶିଷ୍ଟ ଏକ ମୋଟର ସାଇକେଲ ଜବତ କରିଛନ୍ତି। ଏନେଇ ସଦରଥାନାରେ ଏସଆଇ ବେହେରାଙ୍କ ଅଭିଯୋଗ କ୍ରମେ ୩୪୪/୨୫ରେ ଏକ ମାମଲା ରୁଜୁ କରାଯାଇ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ମାମଲାର ଅନୁସନ୍ଧାନ କର୍ମୀ ନିଜେ ଥାନା ଅଧିକାରୀ ଇନ୍ସପେକ୍ଟର କାହ୍ନୁ ଚରଣ ସ୍ୱାଇଁ ରହିଛନ୍ତି।

## ୧୨ଦିନ ହେଲା ନିଖୋଜ ଥିବା ଯୁବକ ଏସ୍‌ସିବିରୁ ଉଦ୍ଧାର

**ଭୁବନେଶ୍ୱର,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୧୨ ଦିନ ପୂର୍ବରୁ ବାର୍ଥ ଡେ ପାର୍ଟିରୁ ହୋଇଥିଲେ ନିଖୋଜ, ଆଜି କଟକ ବଡ ମେଡିକାଲରୁ ହେଲେ ଉଦ୍ଧାର। ଯୁବକ ଜଣକ ସତ୍ୟଜିତ୍ ଦାସ ବୋଲି ଜଣାପଡିଛନ୍ତି। ଭରତପୁର ଥାନା ଅଞ୍ଚଳର ସତ୍ୟଜିତ୍ ୧୨ ଦିନ ପୂର୍ବରୁ ଏକ କାଫେରେ ଜନ୍ମଦିନ ପାର୍ଟି ଚାଲିଥିବାବେଳେ ନିଖୋଜ ହୋଇଯାଇଥିଲେ। ଆଜି କଟକ ବଡ ମେଡିକାଲରୁ ଅଚେତ୍ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଛି। ତାଙ୍କ ଅବସ୍ଥା ବର୍ତ୍ତମାନ ସଂକଟାପନ୍ନ ରହିଛି। ହସ୍ପିଟାଲରେ ଚିକିତ୍ସା ଚାଲିଥିବା ବେଳେ ସେ ପରିବାର ଲୋକଙ୍କ ସହ ମୋବାଇଲରେ ଯୋଗାଯୋଗ କରିଥିଲେ। ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯିବା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ କାଫେରୁ କେମିତି ହସ୍ପିଟାଲରେ ପହଞ୍ଚିଲେ ସେନେଇ ତଦନ୍ତ ଦାବି କରିଛନ୍ତି ପରିବାର ଲୋକେ।

# ରାଷ୍ଟ୍ରପତିଙ୍କୁ ୨୦୨୬-୩୧ର ରିପୋର୍ଟ ପ୍ରଦାନ

**ନୂଆଦିଲ୍ଲୀ,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଅର୍ଥନୀତିଜ୍ଞ ଅରବିନ୍ଦ ପାନଗାରିଆଙ୍କ ନେତୃତ୍ୱରେ, ଭାରତର ଷୋଡ଼ଶ ଅର୍ଥ ଆୟୋଗ ସୋମବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ୨୦୨୬-୩୧ ଅବଧି ପାଇଁ ଏହାର ସୁପାରିଶ ଦାଖଲ କରିଛନ୍ତି, ଯାହାକି ନଭେମ୍ବର ୩୦ ତାରିଖ ସମୟ ସୀମା ପୂର୍ବରୁ କାର୍ଯ୍ୟ ସମାପ୍ତ କରିଛି। କମିଶନର ସଦସ୍ୟମାନେ ରାଷ୍ଟ୍ରପତି ଭବନରେ ଏକ ଆନୁଷ୍ଠାନିକ ସମାରୋହରେ ରିପୋର୍ଟ ହସ୍ତାନ୍ତର କରିଥିଲେ, ଯେଉଁଠାରେ ଦ୍ରୌପଦୀ ମୁର୍ମୁ ରେଡ୍-ବାଉଣ୍ଡ ଡକ୍ୟୁମେଣ୍ଟ ଗ୍ରହଣ କରିଥିଲେ। ଅଧିକାରୀ ଓ ଫଟୋଗ୍ରାଫରମାନେ କାର୍ଯ୍ୟକ୍ରମକୁ ରେକର୍ଡ କରିଥିଲେ।

ସମ୍ବିଧାନର ଧାରା ୨୮୦ ଅନୁସାରେ ଗଠିତ ଅର୍ଥ କମିଶନ ଏହା ନିର୍ଣ୍ଣୟ କରେ ଯେ, ସଂଘୀୟ ସରକାରଙ୍କ ଟିକସ (ଟ୍ୟାକ୍ସ) ରାଜସ୍ୱକୁ ରାଜ୍ୟଗୁଡ଼ିକ ସହିତ କିପରି ବଣ୍ଟନ କରାଯିବ, ଯାହା ଭାରତର ଆର୍ଥିକ ସ୍ଥାପତ୍ୟ (ଫିସ୍କାଲ ଆର୍କିଟେଚର)ର ଏକ ପ୍ରମୁଖ ଉପାଦାନ। ବର୍ତ୍ତମାନର ପ୍ୟାନେଲ ପାଣ୍ଠି ଆବଣ୍ଟନର ଫର୍ମୁଲାରେ ପରିବର୍ତ୍ତନ ପାଇଁ ପ୍ରତିଯୋଗିତାମୂଳକ ଦାବିଗୁଡ଼ିକର ସମୀକ୍ଷା କରୁଛି, ଯେଉଁଥିରେ କିଛି ରାଜ୍ୟ ତରଫରୁ ଜିଡିପିରେ ଯୋଗଦାନ, ଜନସଂଖ୍ୟା ଟ୍ରେଣ୍ଡ ଏବଂ ଶାସନ ସୂଚକଗୁଡ଼ିକୁ ଅଧିକ ପ୍ରମୁଖତା ଭାବେ ଅନ୍ତର୍ଭୁକ୍ତ କରିବାର ଦାବି ବି ଅନ୍ତର୍ଭୁକ୍ତ।



ସରକାରୀ ଥିଙ୍କ୍ ଟ୍ୟାଙ୍କ୍ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ପାନଗାରିଆ କହିଛନ୍ତି ଯେ, ପ୍ୟାନେଲର ଉଦ୍ଦେଶ୍ୟ ବିକାଶ ପାଇଁ ପ୍ରୋତ୍ସାହନ ସହ ସମାନତାକୁ ସନ୍ତୁଳିତ କରିବାର ଥିଲା, କାରଣ ଏହା ଟ୍ରାନ୍ସଫରର ଗଣନା ପାଇଁ ବ୍ୟବହୃତ ଥିବା ଇନକମ୍-ଗ୍ୟାପ୍ ପଦ୍ଧତିର ସମୀକ୍ଷା କରିଥିଲା।

# ପ୍ରେମ ପାଇଁ ସାଙ୍ଗକୁ ମାରି ରେଳ ଧାରଣାରେ ଶୁଆଇ ଦେଲା ଯୁବକ

**ଧାମରା,୧୭।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଙ୍ଗ ସାଜିଲା ସଇତାନ। ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ସାଙ୍ଗକୁ ଜୀବନରୁ ମାରି ରେଳ ଧାରଣାରେ ଶୁଆଇ ଆତ୍ମହତ୍ୟାର ରୂପ ଦେଲା ସାଙ୍ଗ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡର ଅଭିଯୁକ୍ତକୁ ଗିରଫ କରିବା ପରେ ସିନ୍ ରିକ୍ରିଏସନ କରିଛି ଭଦ୍ରକ ଜିଲା ବାଂଶଡ଼ା ପୁଲିସ।

ସୂଚନା ମୁତାବକ, ଗତ ୭ ତାରିଖ ରାତିରେ ବାଂଶଡା ଥାନା ଘଣ୍ଟେଶ୍ୱର ଫାଣ୍ଡି ଅଧିନ ମାଣିପୁର ଗ୍ରାମରେ ଚଗଲା ଦାସଙ୍କ ପୁଅ ସିପୁନ ଘରେ ଶୋଇଥିବା ବେଳେ ସେହି ଗ୍ରାମର ପପନ ଦାସ ଏବଂ ଅନ୍ୟ ସହଯୋଗୀମାନେ ସିପୁନକୁ ଡାକିନେଇଥିଲେ। ପରେ ଯୋଜନାବଦ୍ଧ ଭାବେ ଆକ୍ରମଣ କରିବା ସହିତ ସିପୁନକୁ ହତ୍ୟା କରି ଏକ ଟ୍ରାକ୍ଟର ମଧ୍ୟରେ କିଛି ଘଣ୍ଟା ପାଇଁ ଲୁଚାଇଥିଲେ। ପରେ ବିଳମ୍ବିତ ରାତିରେ ମାଣିପୁର ରେଳ ଧାରଣାରେ ଚଳନ୍ତା ଟ୍ରେନ ଆଗରେ ଶୁଆଇ ଦେଇ ଚାଲି ଯାଇଥିଲେ। ଏ ନେଇ ମୃତ ସିପୁନଙ୍କ ପରିବାର ଲୋକେ ଘଣ୍ଟେଶ୍ୱର ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଘଟଣାରେ ବାଂଶଡା ଥାନା ଅଧିକାରୀ ମହମ୍ମଦ ହାପିଜ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତକୁ ଅଟକ ରଖିବା ସହିତ ଘଟଣାର ସିନ ରିକ୍ରିଏସନ କରିବା ପାଇଁ ସୋମବାର ଘଟଣାସ୍ଥଳକୁ ନେଇଥିଲେ। ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ସିପୁନକୁ ହତ୍ୟା କରାଯାଇଥିବା ସୂଚନା ମିଳିଛି। ତେବେ ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରି କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୭ ଡକାୟତ ଗିରଫ...

ବିଶ୍ୱପ୍ରକାଶ ସିଂହ ଓରଫ ବୁବୁ। ଏହି ଗ୍ୟାଙ୍ଗରେ ସାମିଲ ଥିବା ମେଙ୍କ ମଲ୍ଲିକ ଓ ବଣ୍ଟି ମଲ୍ଲିକ ଘଟଣା ସ୍ଥଳରୁ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ଡମରା କାଳିଆ ନାମରେ ୫ଟି ମାମଲା ରହିଥିବା ବେଳେ କିରଣ ସେଠୀ ନାମରେ ୧୧ରୁ ଅଧିକ ମାମଲା ରହିଛି। ସେହିପରି ଅନ୍ୟ ଅପରାଧୀମାନଙ୍କ ନାମରେ ମଧ୍ୟ ବିଭିନ୍ନ ମାମଲା ରହିଛି। ସେମାନଙ୍କ ଠାରୁ ୧୯୨ ଗ୍ରାମ ଓଜନର ସୁନାଗହଣା ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ହେବ। ସେହିପରି ଡକାୟତମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ସହ ଦୁଇଟି ଲୁହାର ଖଣ୍ଡା, ୩ଟି ବାଇକ, ୭ଟି ମୋବାଇଲ ଫୋନ, ଦୁଇ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ଏକ ଲୁହା ରଡ୍, ଗୋଟିଏ ଛୁରୀ ଜବତ କରାଯାଇଛି। ଏସ୍‌ପି କହିଛନ୍ତି ଗତ ସୋମବାର ରାତି ସାଢେ ୧୧ଟାରେ ଏହି ଡକାୟତମାନେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିନ ମୂଳବସନ୍ତ ଏନ୍‌ସି ହାଇସ୍କୁଲ ପଡିଆରେ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ଏ ସଂପର୍କରେ ଏକ ବିଶେଷ ସୂତ୍ରରୁ ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ଅନ୍ୟ ପୋଲିସ ଅଧିକାରୀ ଓ ପୋଲିସ ଫୋର୍ସଙ୍କ ସହ ସେଠାରେ ଚଢାଉ କରିଥିଲେ। ଚଢାଉ ବେଳେ ୭ଜଣ ଡକାୟତ ଧରାପଡିଥିବା ବେଳେ ୨ ଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇ ଯାଇଥିଲେ। ପୂର୍ବରୁ ସେମାନେ ଏକାଧିକ ଡକାୟତି ଘଟଣାରେ ସଂପୃକ୍ତ ରହି ଲୋକଙ୍କ ଠାରୁ ସୁନାଗହଣା ଲୁଟ୍ କରିଥିଲେ। ଯେଉଁ ଲୋକମାନେ ଡକାୟତଙ୍କ ଶିକାର ହୋଇଛନ୍ତି ସେମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ନିଜ ନିଜର ସୁନାଗହଣା ଉପଯୁକ୍ତ ପ୍ରମାଣ ଦେଇ ନେଇ ପାରିବେ ବୋଲି ଏସ୍‌ପି କହିଛନ୍ତି।

### ଦିଲ୍ଲୀ ବିସ୍ଫୋରଣର...

ସୂଚନା ପାଇଛନ୍ତି କି ଜୈଶ ଆତଙ୍କବାଦୀ ଉମର ମହମ୍ମଦ ଜଣେ 'ଜୋତା ବୋମା ବିସ୍ଫୋରଣକାରୀ' ହୋଇପାରେ। କାରଣ ବିସ୍ଫୋରଣ ସ୍ଥଳରେ ଉମର ମହମ୍ମଦର ଆଇ୨୦ କାରର ଡ୍ରାଇଭର ସିଟ୍ ତଳେ ଡାହାଣ ସାମ୍ନା ଟାୟାରରୁ ଏକ ଜୋତା ଉଦ୍ଧାର କରାଯାଇଛି। ଏହି ଜୋତାରେ ଏକ ଧାତୁ ପରି ପଦାର୍ଥ ଥିବା ଚିହ୍ନଟ ହୋଇଛି। ଯାହା ବିସ୍ଫୋରଣର କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି।

ଉଲ୍ଲେଖଯୋଗ୍ୟ, ଡିସେମ୍ବର ୨୦୦୧ରେ ପ୍ୟାରିସରୁ ମିଆମି ଯାଉଥିବା ଏକ ଆମେରିକୀୟ ଏୟାରଲାଇନ୍ସ ବିମାନରେ ରିଚାର୍ଡ ରିଡ୍ ନାମକ ଜଣେ ଜୋତା ବିସ୍ଫୋରଣକାରୀ ତାର ଜୋତାରେ ଏକ ବିପଜ୍ଜନକ ବିସ୍ଫୋରକ ନେଇଯାଉଥିବା ବେଳେ ଧରାପଡିଥିଲା। ଯାହାଫଳରେ ସେ ବିସ୍ଫୋରଣ କରିବାରେ ବିଫଳ ହୋଇଥିଲା। ସମାନ ଢାଞ୍ଚା ଅନୁସରଣ କରି ବୋଧହୁଏ ଉମାର ମହମ୍ମଦ ଜୋତା ବିସ୍ଫୋରଣକାରୀ ଭାବରେ ନିଜକୁ ଉପସ୍ଥାପନ କରି ବିସ୍ଫୋରଣ କରିବାର ଯୋଜନା ରଖିଥିଲା ବୋଲି ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରୁଛନ୍ତି।

### ଟ୍ୟାଙ୍କର ସହିତ...

ଜୀବନ୍ତ ଦଗ୍ଧ ହୋଇଯାଇଥିବା କୁହାଯାଉଛି। ରିୟାଦରେ ଥିବା ଭାରତୀୟ ଦୂତାବାସ ଓ ଜେଦାରେ ଥିବା କନ୍ସୁଲେଟ ପକ୍ଷରୁ ପ୍ରଭାବିତ ଲୋକଙ୍କ ପରିବାରକୁ ପୂର୍ଣ୍ଣ ସହାୟତା କରାଯାଉଥିବା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସୂଚନା ଦେଇଛନ୍ତି। ସେ ଘଟଣାରେ ସ୍ତବ୍ଧ ହେବା ସହ ମୃତକଙ୍କ ପରିବାରୁ ସମବେଦନା ଜଣାଇଛନ୍ତି। ରିୟାଦରେ ଥିବା ଦୂତାବାସ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲା ଯାଇଛି।

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ଏବଂ ସାଉଦି ଦୂତାବାସ ସହିତ ଯୋଗାଯୋଗରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ, ପ୍ରଭାବିତ ପରିବାରଗୁଡ଼ିକୁ ସହାୟତା କରିବା ପାଇଁ ରାଜ୍ୟ ସରକାର ସଚିବାଳୟରେ ଏକ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିଛନ୍ତି, ଯେଉଁଠାରେ ସେମାନେ ସେମାନଙ୍କ ପ୍ରିୟଜନଙ୍କ ବିଷୟରେ ସୂଚନା ପାଇପାରିବେ ଏବଂ ସହାୟତା ପାଇପାରିବେ। ପରିବାରକୁ ତୁରନ୍ତ ସହାୟତା ସୁନିଶ୍ଚିତ କରିବା ପାଇଁ ସରକାର ଦୁଇଟି ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରିଛନ୍ତି ।

### ପୋଖରୀରେ...

ଶିଶୁଙ୍କୁ ପୋଖରୀରୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଉଭୟ ଶିଶୁଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଆର ପାରିରେ...

ଗାୟକ ହ୍ୟୁମାନ ସାଗରଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ପଚାରି ବୁଝିଥିଲେ। ହ୍ୟୁମାନ ସାଗର କେମିତ ଅଛନ୍ତି, ସେନେଇ ଜାଣିବା ପାଇଁ ଡାକ୍ତରୀ ଟିମ୍‌ଙ୍କ ସହିତ ସେ କଥା ହୋଇଥିଲେ। ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ପାଇଁ ଉଦ୍ୟମ ଜାରି ରଖିବାକୁ କହିଥିଲେ। ସୂଚନାଯୋଗ୍ୟ, ୧୯୯୦ ନଭେମ୍ବର ୨୫ରେ ସେ ବଲାଙ୍ଗୀରରେ ହ୍ୟୁମାନ୍ ସାଗର ଜନ୍ମଗ୍ରହଣ କରିଥିଲେ। ତେବେ ଜନ୍ମ ଦିନର ମାତ୍ର ୮ ଦିନ ପୂର୍ବରୁ ୩୪ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି।

### ଆଶାନୁରୂପ...

ସ୍ୱେଚ୍ଛାସେବୀଙ୍କ ଲାଗି ହାରାହାରି ୭୦୦ ଟଙ୍କା କରି ଖର୍ଚ୍ଚ କରାଯାଉଛି। ତେବେ ରାଜ୍ୟର କେତେକ ସରକାରୀ ବିଶ୍ୱବିଦ୍ୟାଳୟର ଏନଏସଏସ ବ୍ୟୁରୋ ଦାୟିତ୍ୱ ତୁଲାଇବାପାଇଁ ପୂର୍ଣ୍ଣକାଳୀନ ଏନଏସଏସ୍ ସଂଯୋଜକ ନାହାନ୍ତି । ବହୁ ସଂଖ୍ୟକ ଅଧ୍ୟାପକ ପଦବୀ ଖାଲି ପଡୁଥିବା ଯୋଗୁଁ ଅନେକ ବିଶ୍ୱବିଦ୍ୟାଳୟ କିଛି ଅଧ୍ୟାପକଙ୍କୁ ଏନଏସଏସ୍ ସଂଯୋଜକ ଭାବେ ଅତିରିକ୍ତ ଦାୟିତ୍ୱରେ ରଖୁଥିବାରୁ ଏହି ସଂସ୍ଥାର କାର୍ଯ୍ୟ ଯେତେ ଆଗେଇବା କଥା ତାହା ହୋଇପାରୁ ନାହିଁ।

# ଡ୍ରାଇଭିଂ ଲାଇସେନ୍ସ: ଦଲାଲ ମୁକ୍ତ କେବେ ?

**ଭୁବନେଶ୍ୱର,୧୭।୧୧: ତଥ୍ୟ**

ସଡକ ଦୁର୍ଘଟଣା ରୋକିବା ପାଇଁ ସରକାର ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରୁଥିବାବେଳେ ରାଜ୍ୟରେ ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥା କିନ୍ତୁ ଦଲାଲମୁକ୍ତ ହୋଇପାରୁ ନାହିଁ। ପ୍ରତ୍ୟେକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ) ଦପ୍ତରର ଅଧିକାଂଶ କାର୍ଯ୍ୟ ଦଲାଲଙ୍କ ସହାୟତାରେ ହେଉଥିବାରୁ ରାଜ୍ୟରେ ଦକ୍ଷ ଗାଡିଚାଳକ ବାହାରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ସଡକରେ ଯେକୌଣସି ଯାନବାହାନ ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ ଜରୁରୀ । ଏଥିପାଇଁ ଚାଳକଙ୍କୁ ପ୍ରଥମେ ଲର୍ଣ୍ଣ ଲାଇସେନ୍ସ ଓ ପରେ ସ୍ଥାୟୀ ଲାଇସେନ୍ସ ନେବାକୁ ପଡିଥାଏ। ନିଜ ନିଜ ଅଞ୍ଚଳର ଥିବା ଆରଟିଓ ଦପ୍ତରଗୁଡିକରୁ ଏହି ଲାଇସେନ୍ସ ମିଳିଥାଏ । ଲାଇସେନ୍ସ ପାଇବାପାଇଁ ସାଧାରଣ ବ୍ୟକ୍ତି ଅନ୍‌ଲାଇନ୍‌ରେ ଆବେଦନ କରି ଅର୍ଥ ଦାଖଲ କରିବାପରେ ପରୀକ୍ଷା ଦେବାକୁ ପଡିଥାଏ । ତେବେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ସଂଖ୍ୟାଧିକ ଲୋକେ ଦଲାଲଙ୍କ ସହାୟତା ନେଇଥାନ୍ତି ଓ ସହଜରେ ଉତ୍ତୀର୍ଣ୍ଣ ହୋଇଥାନ୍ତି। ଲର୍ଣ୍ଣିଂ ଲାଇସେନ୍ସ ପାଇଁ ପରୀକ୍ଷାଠାରୁ ଆରମ୍ଭକରି ସ୍ଥାୟୀ ଲାଇସେନ୍ସ ପାଇଁ ଗାଡି ଚାଳନା ପରୀକ୍ଷା ଦେବା ପର୍ଯ୍ୟନ୍ତ ଦଲାଲମାନେ ସବୁ ଦାୟିତ୍ୱ ନେଇଯାଇଥାନ୍ତି ।

ଗୋଟିଏ ଗୋଟିଏ ଲାଇସେନ୍ସ କରାଇ ଦେବାପାଇଁ ୨ହଜାରରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ପ୍ରଦାନ କରିବାକୁ ପଡିଥାଏ । ଯେଉଁମାନେ ଅର୍ଥ ଦେଇଥାନ୍ତି ସେମାନେ ଖାଲି ପରୀକ୍ଷାରେ ବସିଗଲେ କିମ୍ବା ପଡିଆରେ ଗାଡି ଗଡାଇଦେଲେ ସେମାନଙ୍କୁ ସହଜରେ ଲାଇସେନ୍ସ ମିଳିଯାଇଥାଏ। ଏହାଛଡା ଯେଉଁମାନେ ଘରୋଇ ତାଲିମ କେନ୍ଦ୍ରରେ ଗାଡି ଚାଳନା ଶିଖିଥାନ୍ତି ସମ୍ପୃକ୍ତ ସଂସ୍ଥାର ସହଯୋଗରେ ବି ସେମାନଙ୍କୁ ସହଜରେ ଲାଇସେନ୍ସ ମିଳିଥାଏ । ମୋଟାମୋଟି ଭାବେ ଯେଉଁଭଳି ଭାବେ ପରୀକ୍ଷାରେ ବସିବା ବା ପଡିଆରେ ସଫଳତାର ସହ ଗାଡି ଚାଳନା ପରେ ଡ୍ରାଇଭିଂ ଲାଇସେନ୍ସ ମିଳିବାକଥା ଅଧିକାଂଶଙ୍କ କ୍ଷେତ୍ରରେ ତାହା ହୋଇନଥାଏ । ଲାଇସେନ୍ସ ପାଇବାକୁ ଥିବା ବ୍ୟକ୍ତି ଆବଶ୍ୟକ କାଗଜପତ୍ର ଦେବା ସହିତ ଅର୍ଥ ପ୍ରଦାନ କରିଦେଲେ ଅବଶିଷ୍ଟ ସମସ୍ତ କାର୍ଯ୍ୟ ଦଲାଲମାନେ ସମ୍ପାଦନ କରିଥାନ୍ତି ।

ପରିବହନ ବିଭାଗରେ ଏଭଳି ଦଲାଲି କାରବାର ସଂକ୍ରାନ୍ତରେ ବିଭାଗର ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଜାଣିଛନ୍ତି । ଆରଟିଓ ଓ ଏମ୍‌ଭିଆଇ ମାନେ ସବୁ ଦେଖୁଥିଲେ ବି ଠିକଣା ସମୟରେ ଆଖିବୁଜି ଦିଅନ୍ତି । ରାଜଧାନୀ ଠାରୁ ଆରମ୍ଭକରି ରାଜ୍ୟର ପ୍ରାୟ ସମସ୍ତ ଆରଟିଓ ଅଫିସ ନିକଟରେ ମାଳ ମାଳ ଦଲାଲି କାଉଣ୍ଟରକୁ ଦେଖିଲେ ଲାଇସେନ୍ସ କିଭଳି ସ୍ୱଚ୍ଛତା ଉପାୟରେ ପ୍ରଦାନ କରାଯାଉଛି ଓ ଅନ୍ୟାନ୍ୟ ପରିବହନ କାର୍ଯ୍ୟ କିଭଳି ହେଉଛି ତାହା ସହଜରେ ଯେ କେହି ଅନୁମାନ କରିପାରିବ ।

ବର୍ତ୍ତମାନ ରାଜ୍ୟ ସରକାର ଶୂନ୍ୟ ଦୁର୍ଘଟଣା ପକ୍ଷ ପାଳନ ସହିତ ସୁରକ୍ଷିତ ଗାଡିଚାଳନା ଉପରେ ଗୁରୁତ୍ୱ ଦେଉଛନ୍ତି । ହେଲେ ଯେଉଁମାନେ ଦଲାଲଙ୍କ ମାଧ୍ୟରେ ଲାଇସେନ୍ସ ହାସଲ କରି ସଡରେ ଗାଡି ଚଳାଉଛନ୍ତି ସେମାନେ କିଭଳି ସୁରକ୍ଷିତ ଗାଡିଚାଳନା କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେଣୁ ଦୁର୍ଘଟଣା ରୋକିବାକୁ ହେଲେ ପ୍ରଥମେ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନକୁ ସ୍ୱଚ୍ଛ କରିବା ଆବଶ୍ୟକ । ଅତି କମ୍‌ରେ ଗାଡିଚାଳକମାନେ ଟ୍ରାଫିକ ନିୟମ ସଂକ୍ରାନ୍ତରେ ସର୍ବନିମ୍ନ ଜ୍ଞାନ ଆହରଣ ସହିତ ଚଳାଉଥିବା ଗାଡି ସଂକ୍ରାନ୍ତରେ ଜାଣିବା ଦରକାର ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ହେଲେ ଲାଇସେନ୍ସ ପ୍ରଦାନ ପାଇଁ ଚାଲିଥିବା ଦଲାଲି କାରବାର ଯୋଗୁଁ ସଡକରେ ଗାଡି ଚଳାଚଳ ଦିନକୁ ଦିନ ଅସୁରକ୍ଷିତ ହେବାରେ ଲାଗିଛି ଓ ରାଜ୍ୟରେ ଦୁର୍ଘଟଣା ସଂଖ୍ୟା ବଢ଼ି ବଢ଼ି ଚାଲିଛି।


Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : **Ambika Prasad Das** | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : **Umapada Bose** | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ